

ତୀରନ୍ଦାଜ ଜ୍ୟୋତିଙ୍କୁ ଡବଲ୍ ସ୍ୱର୍ଣ୍ଣ

▶ପୃଷ୍ଠା ୧୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-138 ◆FRIDAY ◆14 NOVEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୩୮ ◆ଶୁକ୍ରବାର ◆୧୪ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଦିଲ୍ଲୀରେ ସିରିଜ ବିସ୍ଫୋରଣ ପାଇଁ ହୋଇଥିଲା ବଡ଼ ଷଡ଼ଯନ୍ତ୍ର

# ୪ ସ୍ଥାନ, ୩୨ ଗାଡ଼ି, ୮ ଆତଙ୍କୀ

■ **ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି):** ନଭେମ୍ବର ୧୦ରେ ଘଟିଥିବା ଲାଲ୍‌କିଲ୍ଲା ବିସ୍ଫୋରଣ ନେଇ ଗୁରୁବାର ଏକ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଡିସେମ୍ବର ୬ରେ ବାବରୀ ମସ୍‌ଜିଦ୍ ଭଙ୍ଗାଯିବା ଘଟଣାର ବାର୍ଷିକୀରେ ଆତଙ୍କବାଦୀମାନେ ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଥିଲେ। ଏହି ଅବସରରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବଡ଼ ଧରଣର ବିସ୍ଫୋରଣ ଘଟାଇବାକୁ ଯୋଜନା କରିଥିଲେ। ଏଥିପାଇଁ ୪ଟି ସ୍ଥାନ ଚୟନ କରାଯାଇଥିଲା। ଏହି ୪ଟି ସ୍ଥାନରେ ୩୨ଟି କାର ବିସ୍ଫୋରଣ ହୋଇଥାଆନ୍ତା। ପ୍ରତ୍ୟେକ ସ୍ଥାନର ଦାୟିତ୍ୱ ଦୁଇ ଜଣଙ୍କୁ ଦିଆଯାଇଥିଲା। ଷଡ଼ଯନ୍ତ୍ରକୁ କାର୍ଯ୍ୟକାରୀ କରିବା ଲାଗି ସେମାନେ ଜୋରସୋର ପ୍ରସ୍ତୁତ ଚଳାଇଥିଲେ। ସେମାନେ ୩୨ଟି ଗାଡ଼ି ପ୍ରସ୍ତୁତ କରି ରଖିଥିଲେ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏହି କାର୍‌ଗୁଡିକ ମଧ୍ୟରେ ବ୍ରେଜା, ସ୍ୱିଫ୍ଟ ଡିଜାୟାର, ଇକୋସ୍ପୋର୍ଟ୍ସ ଓ ଆଇ-୨୦ ଭଳି କାର ସାମିଲ ଥିଲା। ସେଥିମଧ୍ୟରୁ ଗୋଟିଏ ଆଇ୨୦ କାର ଲାଲକିଲ୍ଲାରେ ବିସ୍ଫୋରଣ ହୋଇଥିବା ବେଳେ ଆଉ ୪ଟି କାର୍‌କୁ ତଦନ୍ତକାରୀ ସଂସ୍ଥା ଜବତ କରାଯାଇଛି। ତେବେ ଆଉ ୨୭ଟି କାର କେଉଁଠି ରହିଛି, ତାହାର ଖୋଜା ଚାଲିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଏହି ଗାଡ଼ିଗୁଡିକରେ ବିସ୍ଫୋରକ ଲଗାଇ ବଡ଼ ଧରଣର ବିପର୍ଯ୍ୟୟ ଘଟାଇବାକୁ ଯୋଜନା କରାଯାଉଥିଲା। ଏଥିପାଇଁ ସେମାନେ ୩୨ଟି ପୁରୁଣା ଗାଡ଼ି ବ୍ୟବହାର କରିବାକୁ ଯୋଜନା କରୁଥିଲେ। ପୁରୁଣା ଗାଡ଼ିଗୁଡ଼ିକ ଏକାଧିକ ବାର ବିକ୍ରି ହୋଇଥିବାରୁ ପ୍ରକୃତ ମାଲିକଙ୍କୁ ଧରିବା ତଦନ୍ତକାରୀ ସଂସ୍ଥା ପାଇଁ ସହଜ ହେବନାହିଁ ବୋଲି ସେମାନେ ଭାବିଥିଲେ। ପୁଣି ଏହି ପୁରୁଣା ଗାଡ଼ିର ରଙ୍ଗ ଓ ଚେହେରା ବଦଳାଇବାକୁ ମଧ୍ୟ ଉଦ୍ୟମ ଚାଲିଥିଲା। ସିରିଜ ବିସ୍ଫୋରଣ ପାଇଁ ଆହୁରି କେତୋଟି ଗାଡ଼ିକୁ ନିୟୋଜିତ କରିବାକୁ ପ୍ରସ୍ତୁତି କରାଯାଉଥିଲା କି ନାହିଁ ସେ ନେଇ ତଦନ୍ତ କରାଯାଉଛି।

ଆହୁରି ଜଣାପଡ଼ିଛି ଯେ ୮ ଜଣ ସଂଦିଗ୍ଧ ୪ଟି ଭିନ୍ନ ଭିନ୍ନ ସ୍ଥାନରେ ୩୨ଟି କାରରେ ବିସ୍ଫୋରଣ ଘଟାଇବାକୁ ପ୍ରସ୍ତୁତି ହେଉଥିଲେ। ଏହିକ୍ରମରେ ପ୍ରତ୍ୟେକ ସଂଦୀଗ୍ଧଙ୍କୁ ଚୟନ କରାଯାଇଥିବା ସହର ପାଇଁ ନିଯୁକ୍ତି ଦିଆଯାଇଥିଲା। ଗୋଟିଏ ସମୟରେ ଅର୍ଥାତ ଏକା ସଙ୍ଗେ ବିସ୍ଫୋରଣ ଘଟାଇବା ପାଇଁ ଅଭିଯୁକ୍ତମାନେ ବିସ୍ଫୋରକ ନେଇ ଯିବାକୁ ଯୋଜନା କରିଥିଲେ। ଏହି ୮ ସନ୍ଦିଗ୍ଧଙ୍କ ମଧ୍ୟରେ ଅଛନ୍ତି ଡା. ମୁଜାମ୍ମିଲ, ଡା. ଆଦିଲ, ଡା. ଉମର ଓ ଡା. ଶାହିନଙ୍କ ନାମ ସାମ୍ନାକୁ ଆସିଛି।

ଦିଲ୍ଲୀ ବିସ୍ଫୋରଣର ଯୋଜନା ଗତ ଜାନୁଆରୀରୁ ହୋଇଥିଲା। ଗିରଫ୍ ହୋଇଥିବା ଅଭିଯୁକ୍ତଙ୍କ ମୋବାଇଲ ଫୋନ୍‌ରୁ ମିଳିଥିବା ବିଭିନ୍ନ ତଥ୍ୟ ଜଣାପଡ଼ିଛି। ଗତ ଜାନୁଆରୀରେ ଏମାନେ ଲାଲ୍‌କିଲ୍ଲାର ରେକି କରିଥିଲେ। ଡା ମୁଜାମ୍ମିଲ ଗନି ଓ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଡା ଉମର ନବୀ ଏକାଧିକବାର ଲାଲ୍ କିଲ୍ଲାରେ ରେକି କରିଥିଲେ ଓ ଦୁଇଜଣ ସେଠାରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଓ ଭିଡ଼କୁ ବୁଝିବାକୁ ପ୍ରୟାସ କରିଥିଲେ ବୋଲି ପୁଲିସ କହିଛି। ଜାନୁଆରୀ ୨୬ରେ ଲାଲକିଲ୍ଲା ଉପରେ ଆକ୍ରମଣ କରିବାକୁ ଏମାନେ ଲକ୍ଷ୍ୟ ରଖିଥିଲେ ମଧ୍ୟ ବିଫଳ ହୋଇଥିଲେ ବୋଲି କୁହାଯାଇଛି।





**ବଡ଼ ଧରଣର ଧ୍ୱଂସ ପାଇଁ ଥିଲା ହୋଇଥିଲା ଯୋଜନା**

**ବାବରୀ ମସ୍‌ଜିଦର ପ୍ରତିଶୋଧ ନେବାକୁ ଚାହୁଁଥିଲେ**

**ଜାନୁଆରୀରେ ଲାଲ୍‌କିଲ୍ଲାର ରେକି କରାଯାଇଥିଲା**

## ପୁଣେରେ ଭୟଙ୍କର ଦୁର୍ଘଟଣା

# ଜିଅନ୍ତା ଜଳିଗଲେ ୮



■ **ପୁଣେ, ୧୩।୧୧ (ଏଜେନ୍ସି):** ମହାରାଷ୍ଟ୍ରର ପୁଣେ ସହରର ଉପକଣ୍ଠରେ ଥିବା ନାଭେଲ ବ୍ରିଜ୍ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ୍‌ର ବ୍ରେକ୍ ଫେଲ୍ ହେବା କାରଣରୁ ୨୦ରୁ ୨୫ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ଏହି ଟ୍ରକ୍ ଓ ଏକ କଣ୍ଟେନର ମଧ୍ୟରେ ଫସିଯାଇଥିବା ଏକ କାର୍ ନିଆଁ ଲାଗି ଯାଇଥିଲା। ଫଳରେ ୭ ଜଣ ଲୋକ ଜିଅନ୍ତା ଜଳିଯାଇଥିଲେ। କାର୍‌ରେ ବସିଥିବା ୫ ଜଣ ଲୋକ ଜଳିଯାଇଥିଲେ। ସେହିପରି ଟ୍ରକ୍ ଓ କାର୍‌ର ଡ୍ରାଇଭର ମଧ୍ୟ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶାଙ୍କା କରାଯାଉଛି। ପୁଣେ ଓ ନାସିକ ହାଇୱେ ଉପରେ ଭୋରଗାଁଓ ନିକଟରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ କହିଛି। ଟ୍ରକ୍ ଏତେ ଜୋରରେ ଧକ୍କା ଦେଇଥିଲା ଯେ, କାର କଣ୍ଟେନର ତଳେ ଦବିଯାଇଥିଲା ଓ ସଙ୍ଗେ ସଙ୍ଗେ ନିଆଁ ଲାଗିଥିଲା। କାର୍‌ରେ ଥିବା ଲୋକେ ବାହରକୁ ବାହରିବା ପାଇଁ ସୁଯୋଗ ପାଇ ନଥିଲେ। ଏଥିପାଇଁ ହାଇୱେ ଉପରେ ପାଖାପାଖି ଏକ ଘଣ୍ଟା ଟ୍ରାଫିକ ଜାମ୍ ହୋଇଥିଲା। ମୃତକଙ୍କୁ ଚିହ୍ନଟ କରାଯାଉଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ସୂଚନା ମିଳିବା ମାତ୍ରେ ହିଁ ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ନିଆଁ ଲିଭାଇଥିଲେ। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

**ଓଡ଼ିଶାରେ ପୁଲିସ ଚାକିରି ବେପାର**

# ମାମଲା ରୁଜୁ କଲା ସିବିଆଇ

■ **ଭୁବନେଶ୍ୱର, ୧୩।୧୧ (ସମିସ):** ରାଜ୍ୟରେ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତରେ ପୂର୍ଣ୍ଣଛେଦ ପଡ଼ିବା ପରେ ତଦନ୍ତ ଭାର ସମ୍ଭାଳିଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଗୁରୁବାର ମାମଲା ରୁଜୁ କରିଛି। କେସ୍ ନମ୍ବର ୩୫(ଏ)/୨୫ରେ ସିବିଆଇ ମାମଲା ରୁଜୁ ହୋଇଥିଲା ବେଳେ ଅଭିଯୁକ୍ତଙ୍କ ବିରୋଧରେ ବିଏନଏସ୍‌ର ଧାରା ୩୧୮(୪), ୩୧୯(୨), ୩୩୮, ୩୩୬(୩), ୩୪୦(୨), ୧୧୧, ୬୧(୨) ଏବଂ ୩(୫) ଲଗାଯାଇଛି। ସିବିଆଇ ଅତିରିକ୍ତ ଏସ୍‌ପି ବି. ସାମଲଙ୍କୁ ଏହାର ତଦନ୍ତ ଭାର ଦିଆଯାଇଛି। ମାମଲା ରୁଜୁ କରିବା ପରେ ସିବିଆଇ କାର୍ଯ୍ୟାଳୟରେ ହଲଚଲ ଆରମ୍ଭ ହୋଇଛି। ତଦନ୍ତ ପାଇଁ ସିବିଆଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏହି ଟିମ୍‌ରେ ଅତିରିକ୍ତ ଏସ୍‌ପିଙ୍କ ସମେତ ଏକାଧିକ ଇନ୍‌ସ୍‌ପେକ୍ଟର ରହିଛନ୍ତି। ସେହିପରି ଓଡ଼ିଶା ବ୍ୟତୀତ ରାଜ୍ୟ ବାହାର ଲିଙ୍କ୍ ଖୋଜି ବାହାର କରିବା ମୁଖ୍ୟ ଫୋକସ୍‌ରେ ରହିବ ବୋଲି ସିବିଆଇ ସୂତ୍ରରୁ ଜଣାପଡ଼ିଛି।

ସୂଚନା ମୁତାବକ ଏସ୍‌ଆଇ ସ୍କାମ୍‌ର ଚେର ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଛି। ଗିରଫ ଅଭିଯୁକ୍ତଙ୍କ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡର କିଛି ପେଶାଦାର ପରୀକ୍ଷା ପ୍ରଶ୍ନପତ୍ର ଜାଲିଆତି ଏବଂ ଚାକିରି ବିକ୍ରି ଗ୍ୟାଙ୍ଗ ସହ ଲିଙ୍କ୍ ରହିଛି। ଏମାନଙ୍କ ସହଯୋଗରେ ▶ପୃଷ୍ଠା-୭

**ତଦନ୍ତ ଭାର ସମ୍ଭାଳିଲେ ଅତିରିକ୍ତ ଏସ୍‌ପି ବି.ସାମଲ**

**ମାନବ ସମ୍ବଳ ଯୋଗାଇ ଦେବାକୁ ମୁଖ୍ୟାଳୟକୁ ଚିଠି**

# ଆଜି ବିହାର ଫଳ

## ଚିନ୍ତା ବଢ଼ାଇଛି ଭୋଟ୍ ହାର

■ **ପାଟନା, ୧୩।୧୧:** ବିହାରରେ ସର୍ବାଧିକ ଦିନ ଧରି ମୁଖ୍ୟମନ୍ତ୍ରୀ ପଦରେ ରହିଥିବା ନୀତୀଶ କୁମାରଙ୍କୁ ପୁଣି ସୁଯୋଗ ମିଳିବ କି? ତାଙ୍କୁ ରାଜ୍ୟର ଭୋଟରମାନେ ଏହି ସୁଯୋଗ ଦେଇଛନ୍ତି କି ନାହିଁ? ଏହି ପ୍ରଶ୍ନର ଉତ୍ତର ଆସନ୍ତାକାଲି ମିଳିବାକୁ ଯାଉଛି। ରାଜ୍ୟ ବିଧାନସଭାର ୨୪୩ଟି ଆସନରେ ଆସନ୍ତକାଲି ମତଗଣନା ହେବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ। ମତଦାନ ପରେ ବୁଥବାହୁଡା ମତ କରାଇଥିବା ପ୍ରାୟ ସମସ୍ତ ସଂସ୍ଥା ନୀତୀଶଙ୍କ ଏନ୍‌ଡିଏ ଜିତିବ ବୋଲି ଆକଳନ କରିଛନ୍ତି। ଅଧିକାଂଶ ସଂସ୍ଥାଙ୍କ ଆକଳନ ଅନୁଯାୟୀ ୨୪୩ ଆସନ ମଧ୍ୟରୁ ନୀତୀଶଙ୍କ ନେତୃତ୍ୱାଧୀନ ଏନ୍‌ଡିଏକୁ ▶ପୃଷ୍ଠା-୭

**ଆଜି ନୂଆପଡ଼ା ଭୋଟଗଣତି**

# ଫଳ ପୂର୍ବରୁ ଗୋଳ

## ସନ୍ଦେହ ବଢ଼ାଇଲା ନିର୍ଦ୍ଦିଷ୍ଟ ବୁଥ୍‌ରେ ୯୦ରୁ ୯୫ ପ୍ରତିଶତ ମତଦାନ

■ **ଭୁବନେଶ୍ୱର, ୧୩।୧୧ (ସମିସ):** ସାରା ଦେଶକୁ ଚକିତ କରିଛି ନୂଆପଡ଼ା ଉପନିର୍ବାଚନରେ ମତଦାନ ହାର। ପୂର୍ବର ସବୁ ଉପନିର୍ବାଚନ ଓ ୧୧ ତାରିଖରେ ଦେଶର ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନର ରେକର୍ଡ ଭାଙ୍ଗିଛି ନୂଆପଡ଼ା। ଏଠାରେ ମତଦାନ ହାର ୮୩% ଅତିକ୍ରମ କରିଛି ଓ କେତେକ ନିର୍ଦ୍ଦିଷ୍ଟ ବୁଥ୍‌ରେ ୯୦ ପ୍ରତିଶତରୁ ୯୫ ପ୍ରତିଶତ ପର୍ଯ୍ୟନ୍ତ ଭୋଟିଂ ହୋଇଛି। କୌତୂହଳର କଥା ହେଉଛି ଅନେକ ସ୍ଥାନରେ ସନ୍ଧ୍ୟା ୫ଟା ପରେ ମତଦାନ ହାର ଦିନ ତୁଳନାରେ ଯଥେଷ୍ଟ ଅଧିକ ହୋଇଛି। ସ୍ୱାଭାବିକ ଭାବରେ ଏହା ନିର୍ବାଚନ ସଂକ୍ରାନ୍ତ ସମୀକ୍ଷକଙ୍କୁ ଅଧିକ ଦ୍ୱନ୍ଦ୍ୱ ଓ ସନ୍ଦେହରେ ପକାଇଛି।

ବୁଥ୍ ନମ୍ବର ୧୨ (ଗୁଡ଼ାପଟରା ପ୍ରାଥମିକ ବିଦ୍ୟାଳୟ)ରେ ମୋଟ ୪୯୭ ଭୋଟରଙ୍କ ମଧ୍ୟରୁ ୪୪୮ ଜଣ ମତଦାନ କରିଥିବା ରିପୋର୍ଟ ମିଳିଛି। ବୁଥ୍ ନମ୍ବର ୧୪ (ବାରକୋଠୀ ପ୍ରାଥମିକ ବିଦ୍ୟାଳୟ)ରେ ୪୧୨ ଭୋଟରଙ୍କ ମଧ୍ୟରୁ ୩୭୪ ଜଣ ମତଦାନ କରିଛନ୍ତି। ▶ପୃଷ୍ଠା-୭

**ସନ୍ଧ୍ୟା ୫ଟା ପରେ ୮ ପ୍ରତିଶତ ଅଧିକ ଭୋଟକୁ ନେଇ ସନ୍ଦେହ**

**୪୧ ବୁଥରେ ୯୧ ପ୍ରତିଶତ ମତଦାନକୁ ନେଇ ବିଜେଡିର ପ୍ରଶ୍ନ**

**୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭୋଟିଂ ବୁଥର ସିସିଟିଭି ଫୁଟେଜ ଦାବି**

# ୨୦ରୁ ଆରମ୍ଭ ହେବ ଖରିଫ ଧାନକିଣା

## କଟ୍‌ନୀଛଟ୍‌ନୀକୁ ନେଇ ପୁଣି ଆଶଙ୍କାରେ ଚାଷୀ

■ **ଭୁବନେଶ୍ୱର, ୧୩।୧୧ (ସମିସ):** ଆସନ୍ତା ୨୦ ତାରିଖରୁ ରାଜ୍ୟରେ ଆରମ୍ଭ ହେବ ଖରିଫ ଧାନ କିଣା। ବରଗଡ଼ ଜିଲ୍ଲାରେ ପ୍ରଥମେ ଧାନମଣ୍ଡି ଖୋଲିବ। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଏହି ସୂଚନା ଚାଷୀଙ୍କ ମଧ୍ୟରେ ଉତ୍ସାହ ଅପେକ୍ଷା ଅଧିକ ଆଶଙ୍କା ସୃଷ୍ଟି କରିଛି। ଗତବର୍ଷ ଖରିଫ ଧାନ କିଣା ବେଳେ ମିଲରଙ୍କ ମନମାନି, କଟନୀଛଟନୀ, ଧାନର ଏଫଏକ୍ୟୁ ମାନକୁ ନେଇ ଚାଷୀ ବେଶ ହନ୍ତସନ୍ତ ହୋଇଥିଲେ। ଅତ୍ୟଧିକ କଟନୀଛଟନୀ ସହ ଟୋକନ୍ ଅବ୍ୟବସ୍ଥା ଓ ମଣ୍ଡିରେ ଧାନ ନଉଠିବା କାରଣରୁ ଚାଷୀ ବାଧ ହୋଇ କମ୍ ଦରରେ ଧାନ ବିକ୍ରି କରିଥିଲେ। ଯାହାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ତେଣୁ ଚଳିତ ବର୍ଷ ଯଦି ଅନୁରୂପ ସମସ୍ୟା ସୃଷ୍ଟି ହୁଏ ତେବେ ଚାଷୀମାନେ କାହା ନିକଟରେ ଗୁହାରି କରିବେ ବୋଲି ପ୍ରଶ୍ନ ଉଠିଛି।

ଗତବର୍ଷ ଅର୍ଥାତ୍ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୭୭ ଲକ୍ଷ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ହେଁ ୭୪ ଲକ୍ଷ ଟନ୍ ଧାନ ସଂଗ୍ରହ କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ସରକାର ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ପ୍ରଦାନ ସତ୍ତ୍ୱେ ୩ ଲକ୍ଷ ଟନ୍ କମ୍ ଧାନ ସଂଗ୍ରହ ହେବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଥିଲା। ଧାନ କମ କ୍ରୟ ପଛରେ ଚାଷୀ ଏକାଧିକ କାରଣକୁ ଦାୟୀ କରିଥିଲେ। କଟନୀଛଟନୀ, ▶ପୃଷ୍ଠା-୭

**ଗତବର୍ଷ ପୂରଣ ହୋଇ ନ ଥିଲା ଧାନ କ୍ରୟ ଲକ୍ଷ୍ୟ**

## ରାସ୍ତାରେ ମାଣ ବସାଇଲେ ପଞ୍ଜୀକରଣରୁ ବଞ୍ଚିତ ବରଗଡ଼ ଚାଷୀ




**ଇପିଏଫ୍‌ଓ-୩.୦**

# ୨୫ ହଜାର ହେବ ବେତନ ସୀମା

■ **ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି):** ଆଗକୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ)ର ସଦସ୍ୟମାନେ ପେନ୍‌ସନ୍‌ରେ ବଡ଼ ଫାଇଦା ପାଇବାକୁ ଯାଉଛନ୍ତି। ଏଣିକି ଅଧିକ ବେତନଧାରୀଙ୍କୁ ବି ମିଳିବ ଅଧିକ ପେନ୍‌ସନ୍‌ର ଫାଇଦା। କାରଣ ସରକାର ଇପିଏଫ୍‌ଓ ସଦସ୍ୟମାନଙ୍କର ବେତନସୀମାରେ ବୃଦ୍ଧି ଘଟାଇବାକୁ ଯାଉଛନ୍ତି। ସରକାର ସଦସ୍ୟଙ୍କ ବେତନ ସୀମା ୧୫,୦୦୦ ଟଙ୍କାରୁ ୨୫, ୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ବିଚାର କରୁଛନ୍ତି। ଶେଷ ଥର ପାଇଁ ୨୦୧୪ରେ କର୍ମଚାରୀ ପେନ୍‌ସନ୍ ଯୋଜନା (ଇପିଏସ୍) ଅନ୍ତର୍ଗତ ବେତନ ସୀମା ୧୫ ହଜାର ଟଙ୍କାକୁ ବୃଦ୍ଧି କରିଥିଲେ। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟର ସୂତ୍ର ଅନୁସାରେ, ଏ ସମ୍ପର୍କିତ ଏକ ପ୍ରସ୍ତାବ ଆସନ୍ତା ଡିସେମ୍ବର କିମ୍ବା ଜାନୁଆରୀ ମାସରେ ହେବାକୁ ଥିବା ଇପିଏଫ୍‌ଓ ▶ପୃଷ୍ଠା-୭

**ଅଧିକ ବେତନଧାରୀଙ୍କୁ ବି ମିଳିବ ପେନ୍‌ସନ୍‌ର ଫାଇଦା**

**ମାସିକ ପେନ୍‌ସନ୍ ଫଣ୍ଡ ଜମା ୧୨୫୦ରୁ ୨୦୮୩ ଟଙ୍କା ହେବ**

**୨୦୧୪ରେ ଇପିଏସ୍ ସୀମା ୧୫ ହଜାରକୁ ବଢ଼ିଥିଲା**

# ୭ ଡିଗ୍ରୀକୁ ଖସିଲା ପାରଦ

## ୧୦ ଡିଗ୍ରୀ ତଳେ ରାଜ୍ୟର ୪ ସହର

■ **ଭୁବନେଶ୍ୱର, ୧୩।୧୧ (ସମିସ):** ସଞ୍ଜ ନଇଁଲେ ମାଡ଼ି ଆସୁଛି ଥଣ୍ଡା। ଦୁଇ ଦିନ ହେବ ରାତି ଭଳି ଦିନରେ ମଧ୍ୟ ଥଣ୍ଡା ଅନୁଭୂତ ହେଉଛି। ରାଜ୍ୟର ପୂର୍ବରୁ ପଶ୍ଚିମ-ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ପ୍ରଭାବ ଅନୁଭୂତ ହେଉଛି। ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶା ମଧ୍ୟକୁ କ୍ରମାଗତ ଭାବେ ଶୁଷ୍କ ଥଣ୍ଡା ବାୟୁ ପ୍ରବାହ ହେଉଥିବାରୁ ଶୀତ ବଢ଼ି ଚାଲିଛି। ଏଭଳି ସ୍ଥିତିରେ ଆସନ୍ତା ସପ୍ତାହେ ମଧ୍ୟରେ ବିଶେଷ ପରିବର୍ତ୍ତନ ନଥିବାରୁ ଶୀତ ପ୍ରାୟ ଜାରି ରହିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ବହୁ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ▶ପୃଷ୍ଠା-୭

**ରାଜଧାନୀରେ ୧୪ଡିଗ୍ରୀ ପାରଦ**

**ସ୍ୱାଭାବିକଠୁ ୫ ଡିଗ୍ରୀ ତଳେ ତାପମାତ୍ରା**

**ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବ ଶୀତ**

**ଏଯାଏଁ ମିଳିପାରିନି ପରିବେଶ ମଞ୍ଜୁରୀ**

# ଅନିଶ୍ଚିତତାରେ ସୁବର୍ଣ୍ଣରେଖା ମେଗା ବନ୍ଦର ପ୍ରକଳ୍ପ

■ **କାଳିପଦା, ୧୩।୧୧ (ସମିସ):** ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ନଦୀ ମୁହାଁଣ ଚୌମୁଖଠାରେ ହେବାକୁ ଥିବା ସୁବର୍ଣ୍ଣରେଖା ବନ୍ଦର ମେଗା ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଛି। ଅଦ୍ୟାବଧି ବନ୍ଦର କର୍ତ୍ତୃପକ୍ଷଙ୍କୁ କେନ୍ଦ୍ର ଗ୍ରୀନ ଟ୍ରିବ୍ୟୁନାଲଠୁ ପରିବେଶ ମଞ୍ଜୁରୀ ମିଳିପାରିନାହିଁ। ଏ ନେଇ ଜନ ଶୁଣାଣିକୁ ଏକ ବର୍ଷ ପୂରିବାକୁ ଯାଉଛି। ଏବେ ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଚୌମୁଖ ଡଗରା ବେଳାଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୧୯୯୮ ମସିହାରେ ଏହି ଦୁଇ ବେଳାଭୂମିକୁ ତତ୍କାଳୀନ ସରକାର ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରିଥିଲେ। ଏଠିକାର ନାଲି ଓ ନୀଳ ରକ୍ତ କଙ୍କଡ଼ା, ଅଲିଭ ରିଡଲେ କଇଁଛ, ହେନ୍ତାଳ ବଣ, ଅଗଭୀର ସମୁଦ୍ର, ଧାଡି ଧାଡି ଝାଉଁ ବଣ, ସମତଳ ବେଳାଭୂମି ଆଦି ପ୍ରାକୃତିକ ବିଭବ ପାଇଁ ପ୍ରସିଦ୍ଧ। କେନ୍ଦ୍ର ସରକାର ଏହି ଦୁଇ ବେଳାଭୂମିକୁ ସିଆରଜେଡ ( କୋଷ୍ଟାଲ ରେଗୁଲେଟିଙ୍ଗ ଜୋନ ) -୧ରେ ଅନ୍ତର୍ଭୁକ୍ତ କରିଥିଲେ। ଏହି ଜୋନ ଏରିଆ ଅଞ୍ଚଳ ରେ କୌଣସି ଉନ୍ନୟନ କାର୍ଯ୍ୟ ହୋଇ ପାରିବ ନାହିଁ। ତେବେ କେଉଁ ଆଧାରରେ ଏହାକୁ ଏବେ ସିଆରଜେଡ -୨କୁ ପରିବର୍ତ୍ତନ କରାଯାଇଛି। ଏହା ବିରୋଧରେ ହାଇକୋର୍ଟରେ ଏକ ▶ପୃଷ୍ଠା-୭



**ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

**ସିଆରଜେଡ-୨ ପାଇଁ କୋର୍ଟରେ ମାମଲା**

# ପୋଖରୀକୁ ଓଲଟିଲା କାର୍; ୨ ମୃତ



■ **କବିସୂର୍ଯ୍ୟନଗର, ୧୩।୧୧ (ସମିସ):** କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣାର ଗଙ୍ଗାପୁରଠାରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍ ଭାରସାମ୍ୟ ହରାଇ ପୋଖରୀ ଭିତରେ ପଶିଯିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୀଳାଞ୍ଚଳ ମହାପାତ୍ର ଓ ସନ୍ତୋଷ ମହାପାତ୍ର। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତି ଯାଏ ଏକ ଇଟା ଭାଟିରେ ଭୋଜିଭାତ ଚାଲିଥିଲା। ଭୋଜି ଖାଇସାରି ଚାରି ଜଣ ସାଙ୍ଗ କାରରେ ଚିଙ୍ଗୁଡ଼ିଘାଇ ଫେରୁଥିଲେ। ଫେରିବା ବେଳେ ଗଙ୍ଗାପୁର ଗୁଡିବନ୍ଧରେ ଚାଳକ ଭାରସାମ୍ୟ ହରାଇବାରୁ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ଗଙ୍ଗାପୁର ଗାଁ ପୋଖରୀ ଭିତରକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ବାସିନ୍ଦା ସମସ୍ତଙ୍କୁ ଉଦ୍ଧାର କରି ଆସିକା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ନୀଳାଞ୍ଚଳ ଓ ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ କାର୍ ଉଦ୍ଧାର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।






# ଆତଙ୍କବାଦୀଙ୍କ ଠିକଣା: କୋଠା ନଂ-୧୭, ରୁମ୍ ନଂ-୧୩

## ଅଲ୍ ଫଲାହ ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ; ପଶିଲା ଇଡି



ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ହରିୟାଣାର ଫରିଦାବାଦସ୍ଥିତ ଅଲ ଫଲାହ ବିଶ୍ୱବିଦ୍ୟାଳୟ ସନ୍ଦେହ ପରିସରକୁ ଆସିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବିଶ୍ୱବିଦ୍ୟାଳୟର କୋଠା ନମ୍ବର ୧୭ ଏବଂ ରୁମ୍ ନମ୍ବର ୩ରେ ଦିଲ୍ଲୀ ବିସ୍ଫୋରଣ ପାଇଁ ଷଡ଼ଯନ୍ତ୍ର ରଚନା କରାଯାଇଥିଲା। ଏହି ବିଲ୍ଡିଂ ଓ ରୁମରେ ଅଭିଯୁକ୍ତ ଡାକ୍ତର ମୁଜାମ୍ମିଲ, ଡ. ଉମର, ଡ. ଆଦିଲ ଓ ଡ. ସୟିଦ ରହୁଥିଲେ। ସେମାନେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ସହିତ ଯୋଗାଯୋଗ କରି ବିସ୍ଫୋରଣ ଷଡ଼ଯନ୍ତ୍ର କରିଥିଲେ। ଏହି କାରଣରୁ ବର୍ତ୍ତମାନ ଅଲ ଫଲାହ ବିଶ୍ୱବିଦ୍ୟାଳୟ ଚର୍ଚ୍ଚାରେ ରହିଛି। ତଦନ୍ତକାରୀ ସଂସ୍ଥା ଏବେ ଏହି ୪ ଡାକ୍ତରଙ୍କ ଉପରେ ଫୋକସ କରି ତଦନ୍ତ ଚଳାଇଛନ୍ତି। ବିସ୍ଫୋରଣରେ ଉମରର ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ପୁଲିସ ହାଜତରେ ଅଛନ୍ତି। ଏହି ଘଟଣାରେ ସେମାନଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଅନୁମାନ କରାଯାଉଛି।

ଇତିମଧ୍ୟରେ ଏହି ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେସନ କାଉନସିଲ (ଏନ୍‌ଏସି) ଏହି ପଦକ୍ଷେପ ଗ୍ରହଣ କରିଛି। ଦିଲ୍ଲୀ ବିସ୍ଫୋରଣ ମାମଲାରେ ଫରିଦାବାଦ ଟେରର ମଡ୍ୟୁଲ୍‌ରେ ଗିରଫ ହୋଇଥିବା ଡାକ୍ତରମାନେ ଅଲ ଫଲ୍‌ହା ବିଶ୍ୱବିଦ୍ୟାଳୟ ସହ ଜଡିତ ଥିବାର ପ୍ରମାଣ ମଳିବା ପରେ ଏହି ନୋଟିସ ଜାରି କରାଯାଇଛି। ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଛି। ଗୋଟିଏ ଦିନ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିଲା। ଜାଲ୍ ସ୍ୱୀକୃତି ପାଇଥିବା ଅଭିଯୋଗରେ ନୋଟିସ ଜାରି କରାଯାଇଛି ବୋଲି କୁହାଯାଇଛି। ଏହି ବିଶ୍ୱବିଦ୍ୟାଳୟ ଏ ଆଣ୍ଡ ଏ ଓ ସାଇକଲ-୧ ପାଇଁ ମାନ୍ୟତା ହାସଲ କରିନାହିଁ। ନିଜ ୱେବସାଇଟ୍‌ରେ ଅଲ ଫଲାହ ବିଶ୍ୱବିଦ୍ୟାଳୟ ଅଲ ଫଲାହ ଚାରିଟେବୁଲ ଟ୍ରଷ୍ଟ ଅଧୀନରେ ଥିବା ବୋଲି ଉଲ୍ଲେଖ କରାଯାଇଛି। ଏହାର ପରିସରରେ ୩ଟି କଲେଜ ରହିଛି। ଏହା ପୂରାପୂରି ଭୁଲ ଓ ଜନତାଙ୍କୁ ଭ୍ରମିତ କରାଯାଇଛି ବୋଲି ଏନ୍‌ଏସି ତରଫରୁ କୁହାଯାଇଛି। ନୋଟିସର ଜବାବ ଦେବାକୁ ୭ ଦିନ ସମୟ ଦିଆଯାଇଛି। ଏହି ଅନୁଷ୍ଠାନ କେଉଁଠୁ ପାଣ୍ଠି ସଂଗ୍ରହ କରୁଥିଲା, ତାହାର ଯାଞ୍ଚ କରାଯିବ। ଏଥିପାଇଁ ଏହି ବିଶ୍ୱବିଦ୍ୟାଳୟରେ ଆଜି ଇଡି ଚଢ଼ାଉ କରିଛି। ଇତିମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରଣାଳୟ ବିଶ୍ୱବିଦ୍ୟାଳୟର ସବୁ ରେକର୍ଡର ଫରେନସିକ୍ ଯାଞ୍ଚ୍ ପାଇଁ ଆଦେଶ ଦେଇଛି।

ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଆଜି ଆଉ ଜଣେ ଆହତ ବ୍ୟକ୍ତିଙ୍କର ମେଡିକାଲରେ ମୃତ୍ୟୁ ଘଟିଛି। ମେଡିକାଲରେ ଏବେ ବି ଆଉ ୨୦ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

## ୨୬ ଲକ୍ଷ ଟଙ୍କା ଯୋଗାଡ଼ କରିଥିଲେ ଅଭିଯୁକ୍ତ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ବିଭିନ୍ନ ସ୍ଥାନରେ ବିସ୍ଫୋରଣ ପାଇଁ ସନ୍ଦିଗ୍ଧ ଡାକ୍ତରମାନେ ବିସ୍ଫୋରକ ଓ ଅନ୍ୟ ଜିନିଷ କିଣିବାକୁ ଟଙ୍କା ଯୋଗାଡ଼ କରୁଥିଲେ। ସେମାନେ ୨୬ ଲକ୍ଷ ଟଙ୍କା ସଂଗ୍ରହ କରିସାରିଥିଲେ। ଏହି ଅର୍ଥକୁ ଡା. ଉମରକୁ ଦିଆଯାଇଥିଲା। ଏହି ଅର୍ଥରେ ଗୁରୁଗ୍ରାମ, ନୁହ ଓ ଆଖପାଖ ଅଞ୍ଚଳରୁ ପାଖାପାଖି ୩ ଲକ୍ଷ ଟଙ୍କାରେ ୨୦ କ୍ୱିଣ୍ଟାଲ ଏନ୍‌ପିକେ ଫର୍ଟିଲାଇଜର କିଣିବା ପାଇଁ ଖର୍ଚ୍ଚ କରାଯାଇଥିଲା। ନାଇଟ୍ରୋଜେନ, ଫସ୍‌ଫରସ ଓ ପଟାସିଅମର ମିଶ୍ରଣ ହେଉଛି ଏନ୍‌ପିକେ ଫର୍ଟିଲାଇଜର। ଏହାକୁ ବ୍ୟବହାର କରି ବିସ୍ଫୋରକ ପ୍ରସ୍ତୁତ କରାଯାଇଥାଏ।

ଯାଞ୍ଚ ଏଜେନ୍ସି ଅନୁସାରେ ଡା ମୁଜାମ୍ମିଲ ୨୦୨୧ ଓ ୨୦୨୨ରେ ନିହତ ହୋଇଥିବା ଆତଙ୍କବାଦୀଙ୍କ ସହଯୋଗୀଙ୍କ ସମ୍ପର୍କ ସ୍ଥାପନ କରିବା ପରେ ଏହି ସଂଗଠନର ଏକ ଶାଖା ଅନସାର ଗଜବତ-ଉଲ-ହିନ୍ଦ୍ ଦ୍ୱାରା ପ୍ରଭାବିତ ହୋଇଥିଲା। ଇର୍ଫାନ ଉରଫ ମୌଲବୀ ନାମକ ଜଣେ ବ୍ୟକ୍ତି ହିଁ ମୁଜାମ୍ମିଲକୁ ଏହି ନେଟ୍‌ୱର୍କ ସହ ପରିଚିତ କରାଇଥିଲା ବୋଲି କୁହାଯାଉଛି। ୨୦୨୩ ଓ ୨୦୨୪ରେ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ରକୁ ନେଇ ଏକ ସ୍ୱତନ୍ତ୍ର ଆତଙ୍କବାଦୀ ସଂଗଠନ ସ୍ଥାପନ କରିବାକୁ ଯୋଜନା ଥିଲା। ଏହି ବ୍ୟାପକ ନେଟ୍‌ୱର୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ଯାଞ୍ଚ ଏଜେନ୍ସିଗୁଡିକ ପ୍ରୟାସ ଜାରି ରଖିଛନ୍ତି। କାରଣ ଅଭିଯୁକ୍ତମାନେ ଭବିଷ୍ୟତରେ ଆହୁରି ବଡ଼ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ଯାଞ୍ଚ ଏଜେନ୍ସିଗୁଡିକ ସନ୍ଦେହ କରୁଛନ୍ତି।

### ଆଇଏସ୍‌ଆଇଏସ୍ ସହ ସନ୍ଦିଗ୍ଧ ସମ୍ପର୍କ

### ଲାଲ୍ ଇକୋସ୍ପୋର୍ଟ୍ସ କାର୍ ପାର୍କ କରିଥିବା ସନ୍ଦିଗ୍ଧ ଗିରଫ



ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ଆଇଏସଆଏସ୍ ସହିତ ସେମାନଙ୍କର ଥିବା ସନ୍ଦେହ କରାଯାଉଛି।

ଲାଲ୍‌କିଲ୍ଲା ବୋମା ବିସ୍ଫୋରଣ ସହିତ ଜଡିତ ନିଖୋଜ କାର ଓ ଏହାର ଡ୍ରାଇଭରକୁ ଖୋଜା ଚାଲିଛି।

ଗତ ସନ୍ଧ୍ୟାରେ ଗୋଟିଏ କାରକୁ ଜବତ କରିଛି ପୁଲିସ। ଏହି ଗାଡ଼ିକୁ ପାର୍କ କରିଥିବା ସନ୍ଦିଗ୍ଧକୁ ମଧ୍ୟ ଗିରଫ କରାଯାଇଛି। ଦିଲ୍ଲୀ ପୁଲିସ ଏ ନେଇ ଆଲର୍ଟ ଜାରି କରିଥିଲା। ଏକ ଲାଲ ରଙ୍ଗର ଫର୍ଡ ଇକୋସ୍ପୋର୍ଟ୍ସ କାର ଫରିଦାବାଦ୍‌ରୁ ଡା ଉମରର କାର ସହିତ ବାହାରିଥିଲା। ମାତ୍ର କିଛି ଘଣ୍ଟା ମଧ୍ୟରେ ଫରିଦାବାଦ୍ ପୁଲିସ ଖଣ୍ଡାବଲି ଗାଁରୁ ଏହି କାର୍‌କୁ ଖୋଜି ପାଇବାରେ ସକ୍ଷମ ହୋଇଛି। ଏହି କାରକୁ ସେଠାରେ ପାର୍କ କରିଥିବା ବ୍ୟକ୍ତି ଫହିମକୁ ଗିରଫ କରାଯାଇଛି। ଫହିମ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଉମରର ସମ୍ପର୍କୀୟ ହୋଇପାରେ ବୋଲି ପୁଲିସ ଆଶଙ୍କା କରୁଛି। ଦୁଇଟି କାର ସାଥି ହୋଇ ବାହାରିଥିଲେ। ଉମର କାର୍‌ରେ ବିସ୍ଫୋରଣ ହୋଇଥିଲେ ମଧ୍ୟ ଏହି କାର୍‌ର ଖୋଜ ଖବର ନଥିଲା। ଏହି କାରଣରୁ ଦିଲ୍ଲୀ ପୁଲିସ ଆଲର୍ଟ ଜାରି କରିଥିଲା।

## ଇଣ୍ଟରପୋଲ୍‌ର ସହାୟତା ଲୋଡ଼ିଲା ପୁଲିସ

ଶ୍ରୀନଗର, ୧୩।୧୧(ଏଜେନ୍ସି): ଲାଲକିଲ୍ଲା ବିସ୍ଫୋରଣର ସଂଦିଗ୍ଧ ଅଭିଯୁକ୍ତ ଜଣେ କାଶ୍ମୀର ଡାକ୍ତର ବିରୋଧରେ ରେଡ କର୍ଣ୍ଣର ନୋଟିସ ଜାରି କରିବାକୁ ଜମ୍ମୁ-କଶ୍ମୀର ପୁଲିସ ଇଣ୍ଟରପୋଲ ସହିତ ଯୋଗାଯୋଗ କରିଛି। ଏହି ଡାକ୍ତର ହେଉଛନ୍ତି ଡା ମୁଜାଫର। ମୁଜାଫର ଜୈଶ-ଇ-ମହମ୍ମଦ ସହିତ ଜଡିତ ଏକ ବଡ଼ ଆତଙ୍କବାଦୀ ନେଟ୍‌ୱର୍କର ଅଂଶ ବୋଲି ଜଣା ପଡ଼ିଛି। ସେ ଦେଶ ବାହାରେ ଥିବାରୁ ରେଡ କର୍ଣ୍ଣର ନୋଟିସ ଦ୍ୱାରା ତାକୁ ଟ୍ରାକ କରାଯିବ। ମୁଜାଫର ହେଉଛି ଡା ଆଦିଲର ଭାଇ। ଆଦିଲ ଅନନ୍ତନାଗ ମେଡିକାଲ କଲେଜରେ କାର୍ଯ୍ୟରତ। ତେବେ ତା'ର ଲକରରୁ ଏକ ଏକେ-୪୭ ରାଇଫଲ ଜବତ ହେବା ପରେ ତାକୁ ଗିରଫ କରାଯାଇଥିଲା। ଗିରଫ୍ ହୋଇଥିବା ଅଭିଯୁକ୍ତଙ୍କୁ ପଚରାଉଚରା କରାଯିବା ପରେ ମୁଜାଫରର ନାମ ସାମ୍ନାକୁ ଆସିଥିଲା। ମୁଜାଫର ୨୦୨୧ରେ ଅଭିଯୁକ୍ତ ମୁଜାମିଲ ଗନାଇ ଓ ଉମର ନବୀ ସହ ତୁର୍କୀ ଯାଇଥିଲା। ଗତ ଅଗଷ୍ଟରେ ସେ ଦୁବାଇରୁ ଭାରତ ଆସିଥିଲା ଓ ଏବେ ସେ ଆଫଗାନିସ୍ତାନରେ ଅଛି ବୋଲି କୁହାଯାଉଛି। ଏହି ୩ ଜଣ ୨୧ ଦିନ ତୁର୍କୀରେ ଥିଲେ ବୋଲି ପୁଲିସ କହିଛି। କିନ୍ତୁ ତୁର୍କୀ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି।

### କାଶ୍ମୀର ଡାକ୍ତରଙ୍କ ବିରୋଧରେ ଜାରି ହେବ ରେଡ୍ କର୍ଣ୍ଣର ନୋଟିସ୍

### କାନପୁର ମେଡିକାଲ ଛାତ୍ରଙ୍କୁ ଗିରଫ କଲା ୟୁପି ଏଟିଏସ୍

ଉତ୍ତର ପ୍ରଦେଶର ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ (ଏଟିଏସ) ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ କାନପୁରର ମେଡିକାଲ କଲେଜର କାର୍ଡିଓଲୋଜିଷ୍ଟ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟୟନରତ ଜମ୍ମୁ-କଶ୍ମୀରର ଜଣେ ଛାତ୍ରଙ୍କୁ ଗିରଫ କରିଛି। ଏହି ଛାତ୍ର ହେଉଛନ୍ତି ଡା ମହମ୍ମଦ ଆରିଫ। ଗିରଫ ହୋଇଥିବା ମହିଳା ଡାକ୍ତର ଶାହିନ ସଇଦ୍‌ଙ୍କ ଫୋନ୍ ରେକର୍ଡ ଯାଞ୍ଚ୍ କରାଯିବା ବେଳେ ଆରିଫ୍‌ଙ୍କ ନାମ ସାମ୍ନାକୁ ଆସିଥିଲା। ଦୀର୍ଘଦିନ ଧରି ଦୁଇଜଣଙ୍କ ମଧ୍ୟ ସମ୍ପର୍କ ଥିଲା ବୋଲି ଏଟିଏସ୍ କହିଛି। ଆରିଫ୍ କାଶ୍ମୀରର ବାସିନ୍ଦା ଓ ସେ କାନପୁରର ଆଶୋକ ନଗର ଅଞ୍ଚଳ ଭଡ଼ାରେ ଏକ ଫ୍ଲାଟ୍‌ରେ ରହୁଥିଲା। ବୁଧବାର ରାତିରେ ଏଟିଏସ୍ ତା ଘରେ ଚଢ଼ାଉ କରି ଗିରଫ୍ କରିଥିଲା। ଜଣେ ପ୍ରତିଭାଶାଳୀ ଡାକ୍ତରରୁ ସେ ଏବେ ଆତଙ୍କବାଦୀରେ ପରିଣତ ହୋଇଛି। ପିଲାଟି ବେଳୁ ସେ ଡାକ୍ତର ହେବାକୁ ଚାହୁଁଥିଲା ବୋଲି ତାର ପରିବାର ଲୋକେ କହିଛନ୍ତି। ତେବେ ତାକୁ ପଚରାଉଚରା ପରେ ଏହି ଆତଙ୍କବାଦୀ ନେଟ୍‌ୱର୍କ ସଂପର୍କରେ ଅନେକ ତଥ୍ୟ ମିଳିବ ବୋଲି କୁହାଯାଉଛି।

## ମେଳ ଖାଇଲା ଡା ଉମର ମା'ଙ୍କ ଡିଏନ୍‌ଏ ରିପୋର୍ଟ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣରେ ମୁଖ୍ୟ ଅଭିଯୁକ୍ତ ଥିଲା ଡା ମହମ୍ମଦ ଉମର ନବୀ। ବିସ୍ଫୋରଣ ସମୟରେ ସେ କାର୍‌ରେ ଥିଲା। କାର୍‌ରୁ ଉମର ଦାନ୍ତ, ହାଡ଼, ରକ୍ତଲଗା ପୋଷାକ ଓ ପାଦର ଅଂଶ ଷ୍ଟିଅରିଂ ହ୍ୱିଲ୍ ଓ ଆକ୍ସିଲରେଟର ମଧ୍ୟରେ ଫସି ରହିଥିଲା। ଏହାକୁ ନେଇ ଡିଏନ୍‌ଏ ପରୀକ୍ଷା କରାଯାଇଥିଲା। ଉମରର ଡିଏନ୍‌ଏ ତା'ର ମାଙ୍କ ସହ ମେଳ ଖାଇଥିବା ଯାଞ୍ଚ୍‌ରୁ ଜଣାପଡ଼ିଛି। କାର୍‌ରେ ବିସ୍ଫୋରଣ ଘଟାଇବା ପୂର୍ବରୁ ଉମର ୫ଥର କାର୍ ସହିତ ଦେଖାଦେଇଛି। କିନ୍ତୁ ସେତେବେବେଳେ ତା ଉପରେ କୌଣସି ଯାଞ୍ଚ୍ ଏଜେନ୍ସିର ସନ୍ଦେହ ହୋଇ ନଥିଲା। ସେ ବିନାଭୟରେ ଦିଲ୍ଲୀର ସଡ଼କରେ ବୁଲୁଥିବାର ବିଭିନ୍ନ ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ସେ କେତେବେଳେ ମସଜିଦ ଯାଉଥିଲା ତ କେତେବେଳେ କନ୍ନଟ ପ୍ଲେସ ବୁଲୁଥିଲା। ବିସ୍ଫୋରଣ ପୂର୍ବରୁ ସେ ଲାଲ୍‌କିଲ୍ଲା ପାଖରେ ୩ ଘଣ୍ଟା ବସିଥିବାର ଦେଖାଯାଇଛି।

## ପାକ୍ ରାଷ୍ଟ୍ରପତି, ସେନାଧ୍ୟକ୍ଷଙ୍କୁ ମିଳିଲା ଆଜୀବନ ସୁରକ୍ଷା

ଇସ୍‌ଲାବାମାଦ୍, ୧୩।୧୧(ଏଜେନ୍ସି): ପାକିସ୍ତାନ ସଂସଦ ସେନାମୁଖ୍ୟ ଆସିମ ମୁନୀରଙ୍କ ଶକ୍ତି ବୃଦ୍ଧି କରିବାକୁ ଓ ସୁପ୍ରିମକୋର୍ଟଙ୍କ କ୍ଷମତା କମାଇବାକୁ ୨୭ତମ ସମ୍ବିଧାନ ସଂଶୋଧନକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ସଂଶୋଧନ ସହିତ ସମ୍ବିଧାନର ୪୮ ଟି ଧାରାରେ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦିଆଯାଇଛି। ନ୍ୟାସନାଲ ଆସେମ୍ବ୍ଲି ଏହି ବିଲ୍‌କୁ ୨୩୪ ଭୋଟରେ ପାରିତ କରିଛି। ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ସ୍ୱାକ୍ଷର କରିବା ପରେ ଏହା ଆଇନ୍‌ରେ ପରିଣତ ହେବ। ସେନାମୁଖ୍ୟ ମୁନୀର ଏଥିସହ ଜଳ, ସ୍ଥଳ ଓ ବାୟୁ ସେନାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏଫ୍) ହେବାର ସୁଯୋଗ ପାଇବେ। ନଭେମ୍ବର ୨୭ରେ ଏହା ଲାଗୁ ହେବ। ପଦ ମିଳିବା ମାତ୍ରେ ହିଁ ମୁନୀରଙ୍କୁ ପରମାଣୁ ଅସ୍ତ୍ରର କମାଣ୍ଡ ମିଳିଯିବ। ନିଜ ପଦର କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ନିଜ ପଦରେ ରହିବା ଏଥିସହ ସଂଶୋଧନ ଅନୁଯାୟୀ ରାଷ୍ଟ୍ରପତିଙ୍କ ସହ ସେନାଧ୍ୟକ୍ଷଙ୍କୁ ଆଜୀବନ ଆପରାଧୀ ମକଦ୍ଦମାରୁ ସୁରକ୍ଷା ମିଳିବ। ସେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ସେମାନଙ୍କ ବିରୋଧରେ କୌଣସି ଫୌଜଦାରୀ ମକଦ୍ଦମା କରାଯାଇପାରିବ ନାହିଁ।

## ଭାରତ, ଆଫଗାନିସ୍ତାନ ସହ ଯୁଦ୍ଧ ଧମକ

କାବୁଲ୍, ୧୩।୧୧(ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ମଧ୍ୟ ପୁଣି ଥରେ ଆଫଗାନିସ୍ତାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ପାକିସ୍ତାନ ଏକା ସଙ୍ଗେ ଭାରତ ଓ ଆଫଗାନିସ୍ତାନ ସହିତ ଯୁଦ୍ଧ କରିବାକୁ ସମ୍ପୂର୍ଣ୍ଣ ରୁପେ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। କୌଣସି ବିକଳ୍ପ ନଥିଲେ 'ଟୁ ଫ୍ରଣ୍ଟ ୱାର' ଅର୍ଥାତ ଏହି ଦୁଇ ଦେଶ ସହ ଗୋଟଏ ସମୟରେ ଯୁଦ୍ଧ କରିବାକୁ ପଛାଇବୁ ନାହିଁ ବୋଲି ସେ କହିଛନ୍ତି।

ଇତିମଧ୍ୟରେ ପାକିସ୍ତାନ ସହ ଚାଲିଥିବା ରାଜନୈତିକ ଓ କୂଟନୈତିକ ସଂଘର୍ଷ ପାଇଁ ଆଫଗାନିସ୍ତାନ କେତୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ଆଗାମୀ ୩ ମାସ ମଧ୍ୟରେ ପାକିସ୍ତାନ ସହ ଆଫଗାନିସ୍ତାନ ସବୁ ବ୍ୟବସାୟ ବନ୍ଦ କରିବ ବୋଲି କହିଛି। ପାକିସ୍ତାନ ସହ ସୀମା ବନ୍ଦ ହେବା ମାତ୍ରେ ହିଁ ବ୍ୟବସାୟ ଠପ୍ ହେବ ବୋଲି ଆଫଗାନିସ୍ତାନ ଉପ-ପ୍ରଧାନମନ୍ତ୍ରୀ ମୁଲ୍ଲା ଅବଦୁଲ ଗନି ବରାଦର କହିଛନ୍ତି। ଏଥିପାଇଁ ତାଲିବାନ ବ୍ୟବସାୟୀ ଓ ଶୀଳ୍ପପତିଙ୍କୁ ବିକଳ୍ପ ରାସ୍ତା ସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାଦ୍ୱାରା ପ୍ରତିମାସ ପାଖାପାଖି ୨୦୦ ମିଲିଅନ ଆମେରିକା ଡଲାର ଅର୍ଥାତ ୧, ୭୦୦ କୋଟି ଟଙ୍କର କ୍ଷତି ହେବ ବୋଲି ସେ କହିଛନ୍ତି। ସୀମା ବନ୍ଦ କରିବା ପ୍ରକ୍ରିୟାକୁ ସେ ଆର୍ଥିକ ଯୁଦ୍ଧ ବୋଲି କହିଛନ୍ତି।

## ୬ କୋଟି 'ମୃତକ'ଙ୍କ ଆଧାର କାର୍ଡ ନିଷ୍କ୍ରିୟ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଦେଶରେ ୨୦୦୯ ଜାନୁଆରୀ ଆଧାରକାର୍ଡ ଲାଗୁ ହୋଇଥିଲା। ଇତିମଧ୍ୟରେ ପ୍ରତ୍ୟେକ ନାଗରିକଙ୍କର ଆଧାର ନଂ ଜାରି କରିବାର ପ୍ରକ୍ରିୟାକୁ ୧୫ ବର୍ଷ ପୂରଣ ହୋଇଛି। ମୋଟ ଉପରେ ୧୪୨ କୋଟିରୁ ଅଧିକ ଆଧାର କାର୍ଡ ଜାରି କରାଯାଇଛି। କିନ୍ତୁ ୮ କୋଟିରୁ ଅଧିକ ଆଧାର କାର୍ଡ ଧାରକଙ୍କ ମୃତ୍ୟୁ ହୋଇଥିବା ବେଳେ ମାତ୍ର ୧.୮୩ କୋଟି ମୃତକଙ୍କ କାର୍ଡ ନିଷ୍କ୍ରିୟ ହୋଇଛି। ପାଖାପାଖି ୬ କୋଟି ମୃତକଙ୍କ ଆଧାର କାର୍ଡ ଏବେବି ସକ୍ରିୟ ରହିଛି। ଏଗୁଡ଼ିକ ନିଷ୍କ୍ରିୟ କରିବା ଲାଗି ଆଧାର ପ୍ରାଧିକରଣ ଅଭିଯାନ ଆରମ୍ଭକରିଛି। ଏଥିରେ ।ପେଶ୍ଚିମବଙ୍ଗରେ ପାଖାପାଖି ୩୪ ଲକ୍ଷ ଆଧାର କାର୍ଡ ରହିଛି। ଏମାନଙ୍କର ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ଅନ୍ୟମାନେ ଏହି କାର୍ଡ ଜରିଆରେ ବିଭିନ୍ନ ସରକାରୀ



ଯୋଜନାର ଫାଇଦା ନେଉଛନ୍ତି। ତେଣୁ ଏଗୁଡ଼ିକୁ ନିଷ୍କ୍ରିୟ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଭୁବନେଶ କୁମାର କହିଛନ୍ତି ଯେ ଏହାଦ୍ୱାରା ବ୍ୟାଙ୍କ ଠକାମୀ, ନକଲି ଖାତା, ସରକାରଙ୍କ ବିଭିନ୍ନ ଯୋଜନାର ଲାଭକୁ ନେଇ ହେରଫେର ହେବାର ଆଶଙ୍କା ରହିଛି। ଅଧାର କାର୍ଡର ଆରମ୍ଭ ୨୦୧୦ରେ ହୋଇଥିଲା ଓ ୨୦୧୬ ପରେ ୮ କୋଟି ଆଧାର ଧାରକଙ୍କ ମୃତ୍ୟୁ ହୋଇଛି। ସିଭିଲ ରେଜିଷ୍ଟ୍ରେସନ ସିଷ୍ଟମରୁ କେବଳ ୨୫ଟି ରାଜ୍ୟର ପରିସଂଖ୍ୟାନ ମିଳିଛି। ବାକି ରାଜ୍ୟଗୁଡିକରୁ ତଥ୍ୟ ହାସଲ ପାଇଁ କାର୍ଯ୍ୟ ଜାରି ରହିଛି ବୋଲି ସେ କହିଛନ୍ତି। ୧୦୦ ବର୍ଷ ପାର କରିଥିବା ୮.୩ ଲକ୍ଷ ବିରଷ୍ଠ ନାଗରିକଙ୍କ ଆଧାର ଯାଞ୍ଚ ହୋଇଛି ବୋଲି କୁହାଯାଇଛି।

ତେବେ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାର ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ଏବେ ରାଜ୍ୟରେ ଏସଆଇଆର ଚାଲିଥିବା ବେଳେ ଭୋଟର ତାଲିକାରୁ ଭୋଟରଙ୍କ ନାମ କାଟିବା ଲାଗି ଆଧାର ନାମରେ ଷଡ଼ଯନ୍ତ୍ର କରାଯାଉଛି। ଏଥିପାଇଁ ସେ ନିର୍ବାଚନ କମିସନଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି।

## ମୁକୁଲ ରଏଙ୍କ ବିଧାୟକ ପଦ ରଦ୍ଦ କଲେ କୋଲକାତା ହାଇକୋର୍ଟ



କୋଲକାତା, ୧୩।୧୧ (ଏଜେନ୍ସି): କୋଲକାତା ହାଇକୋର୍ଟ ଗୁରୁବାର ଦଳବଦଳ ବିରୋଧୀ ଆଇନ୍ ଅନୁସାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ମୁକୁଲ ରଏଙ୍କ ପଶ୍ଚିମବଙ୍ଗ ବିଧାନସଭା ସଦସ୍ୟତାକୁ ରଦ୍ଦ କରିଛନ୍ତି। ଜଷ୍ଟିସ ଦେବାଙ୍ଗସୁ ବସାକଙ୍କ ଖଣ୍ଡପୀଠ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀ ଓ ବିଜେପି ବିଧାୟକ ଅମ୍ବିକା ରଏଙ୍କ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ଦଳବଦଳ ବିରୋଧୀ ଆଇନ୍ ନେଇ ଶୁଭେନ୍ଦୁ ମୁକୁଲଙ୍କ ସଦସ୍ୟତା ରଦ୍ଦ କରିବାକୁ ଆବେଦନ କରିଥିଲେ। ତେବେ ବିଧାନସଭା ବାଚସ୍ପତି ବିମାନ ବାନାର୍ଜୀ ଏହାକୁ ଖାରଜ କରିଥିଲେ। ଫଳରେ ଶୁଭେନ୍ଦୁ ହାଇକୋର୍ଟରେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ମୁକୁଲ ବିଜେପି ଟିକଟ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଟିଏମ୍‌ସିରେ ଯୋଗ ଦେଇଥିଲେ। ମୁକୁଲ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ପାଖାପାଖି ୪ ବର୍ଷ ପରେ ଟିଏମ୍‌ସିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପୂର୍ବରୁ ସେ ୨୦୧୭ରେ ଟିଏମ୍‌ସି ଛାଡି ବିଜେପିରେ ଯୋଗ ଦେଇଥିଲେ। ଶୁଭେନ୍ଦୁ ୨୦୨୧ ଜୁନ୍ ୧୮ରେ ମୁକୁଲଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବାକୁ ବାଚସ୍ପତି ବିମାନଙ୍କୁ ଆବେଦନ କରିଥିଲେ।

## ଲଦାଖରେ ଭାରତର ନ୍ୟୋମା ଏୟାରବେସ୍ କାର୍ଯ୍ୟକ୍ଷମ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଚୀନ ସୀମା ନିକଟରେ ଓ ଲଦାଖସ୍ଥିତ ମୁଧ- ନ୍ୟୋମା ଏୟାରବେସ୍ ବୁଧବାର କାର୍ଯ୍ୟକ୍ଷମ ହୋଇଛି। ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ଏହି ଏୟାର ବେସ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସେ ନିଜେ ଗାଜିଆବାଦ୍‌ର ହିଣ୍ଡନ ଏୟାର ବେସ୍‌ରୁ ସି-୧୩୦ଜେ ସୁପର ହରକ୍ୟୁଲେସ୍ (ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ)ରେ ଉଡାଣ ଭରିବା ସହ ମୁଧ- ନ୍ୟୋମା ଏୟାରବେସ୍‌ରେ ଅବତରଣ କରିଥିଲେ। ତାଙ୍କ ସହ ୱେଷ୍ଟର୍ଣ୍ଣ ଏୟାର କମାଣ୍ଡ ମୁଖ୍ୟ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରା ମଧ୍ୟ ଥିଲେ। ଏହି ଏୟାରବେସ୍ ଚୀନ ସହିତ ଥିବା ଲାଇନ୍ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ (ଏଲ୍‌ଏସି) ଠାରୁ ମାତ୍ର ୨୫ କିମି ଦୂରରେ ଅବସ୍ଥିତ। ଏହି ଏୟାରବେସ ସମୁଦ୍ରପତ୍ତନଠାରୁ ୧୩, ୭୧୦ ଫୁଟ ଉଚ୍ଚରେ ଅବସ୍ଥିତ। ଏହା ବିଶ୍ୱର ସବୁଠାରୁ ଉଚ୍ଚ ଏୟାରବେସ୍‌ଗୁଡିକ ମଧ୍ୟରୁ ଅନ୍ୟତମ। ଏହି ଅତ୍ୟାଧୁନିକ ଏୟାର ବେସ୍‌ରେ ୨.୭ କିମି ଦୈର୍ଘ୍ୟର ରନୱେ ରହିଛି। ଏଠାରୁ ଲଢୁଆ ବିମାନ, ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ ଓ ହେଲିକପ୍ଟର ଉଡାଣ ଭରିପାରିବ। ପାଖାପାଖି ୨୧୮ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ କରାଯାଇଛି। ଏଠାରୁ ସୈନିକ ଓ ଅସ୍ତ୍ରଶସ୍ତ୍ର ନେଇ ଅତିଶୀଘ୍ର ଗୋଟିଏରୁ ଅନ୍ୟ ସ୍ଥାନକୁ ନିଆଯାଇପାରିବ। ନିକଟରେ ମୁଧା ଗାଁ ଥିବାରୁ ଏହି ଏୟାରବେସ୍‌ର ନାମ ମୁଧା- ନ୍ୟୋମା ରଖାଯାଇଛି। ୨୦୨୩ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ଏୟାରବେସ୍‌ର ଶିଳାନ୍ୟାସ କରିଥିଲେ। ଲଦାଖରେ ଏହା ହେଉଛି ଭରାତୀୟ ବାୟୁସେନାର ଚତୁର୍ଥ ଏୟାରବେସ୍। ଅନ୍ୟ ୩ଟି ଏୟାରବେସ୍ ଲେହ, କାରଗିଲ ଓ ଥୋଇସ୍‌ରେ ଅବସ୍ଥିତ। ୧୯୬୨ରେ ଚୀନ ବିପକ୍ଷ ଯୁଦ୍ଧ ପରେ ନ୍ୟୋମା ଏୟାରବେସ୍ ବନ୍ଦ କରିଦିଆଯାଇଥିଲା। ସେତେବେଳେ ଏଥିରେ ମାଟିର ରନୱେ ଥିଲା। ବର୍ଷା ହେଲେ ରନୱେରେ କାଦୁଅ ଭରିଯାଉଥିଲା। ଏବେ କିନ୍ତୁ ଏହା ଅତ୍ୟାଧୁନିକ ଶୈଳୀରେ ସବୁ ଋତୁ ପାଇଁ ନିର୍ମାଣ କରାଯାଇଛି।

## ଆମେରିକା ଇତିହାସର ସବୁଠାରୁ ଲମ୍ବା ସଟ୍‌ଡାଉନ୍ ଶେଷ

ୱାସିଂଟନ, ୧୩।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଏକ ସରକାରୀ ଫଣ୍ଡିଂ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ଏଥିସହ ୪୩ ଦିନ ଜାରି ରହିଥିବା ଆମେରିକା ଇତିହାସର ସବୁଠାରୁ ଲମ୍ବା ସଟ୍‌ଡାଉନ୍ ଶେଷ ହୋଇଛି। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ (ନିମ୍ନ ସଦନ)ରେ ଏହି ବିଲ୍ ୨୨୨-୨୦୯ ଅନ୍ତରରେ ପାସ୍ ହୋଇଛି। ତେବେ ଏଥିରେ ହେଲଥ କେୟାର ପ୍ରୋଗ୍ରାମ୍ ଏସିଏ ସବସିଡ (ଓବାମା କେୟାର ସବସିଡ୍)ର ପ୍ରିମିୟର ଟ୍ୟାକ୍ସ କ୍ରେଡିଟ୍ସକୁ ବୃଦ୍ଧି କରାଯିବା ନେଇ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। ଏହି ଓବାମା କେୟାର ସବସିଡ୍ସ ୨୦୨୫ ଡିସେମ୍ବର ୩୧ରେ ଶେଷ ହେବାକୁ ଯାଉଛି। ଏହି ବିଧେୟକ ପୂର୍ବରୁ ସିନେଟ୍ ଅର୍ଥାତ ଉପର ଗୃହରେ ଗୃହିତ ହୋଇସାରିଛି। ଉଲ୍ଲେଖଥାଉ କି, ଏହାପୂର୍ବରୁ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ଦ୍ୱିତୀୟ ସର୍ବବୃହତ୍ ୩୫ ଦିନର ସଟ୍‌ଡାଉନ୍ ଲାଗୁ କରାଯାଇଥିଲା।

ବିଲ୍‌ରେ ସ୍ୱାକ୍ଷର କରିବା ପୂର୍ବରୁ ଟ୍ରମ୍ପ କହିଛନ୍ତି ଯେ, ଦେଶ ଏହାପୂର୍ବରୁ କେବେ ଏତେ ଭଲ ସ୍ଥିତିରେ ନଥିଲା। ଆମେରିକା ଏକ ମହାନ ଦେଶ। ଏହି ବିଲ୍ ସରକାରଙ୍କୁ ଜାନୁଆରୀ ୩୧ ସୁଦ୍ଧା ଫଣ୍ଡିଂ ଅର୍ଥାତ ପାଣ୍ଠି ଉପଲବ୍ଧ କରାଇବ। ଏହି ବିଧେୟକ ଅନୁସାରେ ବିଭିନ୍ନ ଏଜେନ୍ସିଗୁଡିକ ଜାନୁଆରୀ ୩୧ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଛଟେଇ କରିବାରୁ ରୋକିବ। ଅନ୍ୟପଟେ ଡେମୋକ୍ରାଟ ପାର୍ଟିର କିଛି ନେତା ଏସିଏ ସବସିଡ୍‌ର ଟ୍ୟାକ୍ସ କ୍ରେଡିଟ୍ସକୁ ବୃଦ୍ଧି କରିବା ନେଇ ଲଢ଼େଇ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ଏହି ଲଢ଼େଇ ଏବେ ଶେଷ ହୋଇନାହିଁ ଓ ଏହାକୁ ଆମେ ଜାରି ରଖିବୁ ବୋଲି ସେମାନେ କହିଛନ୍ତି। ଏହି ଭୋଟିଂ ନ୍ୟୁଜର୍ସି ଓ ଆରିଜୋନାରେ ହାଇପ୍ରୋଫାଇଲ ନିର୍ବାଚନରେ ବିଜୟ ହାସଲ କରିବାର ୮ ଦିନପରେ ଅନୁଷ୍ଠିତ ହୋଇଛି। ଏହା ଦ୍ୱାରା ସ୍ୱାସ୍ଥ୍ୟବିମା ସବ୍‌ସିଡ୍‌ର ବିସ୍ତାର ନେଇ ସମ୍ଭାବନା ଦୃଢ଼ ହୋଇଛି। ତେବେ ଏହି ବୁଝାମଣା ଅନୁସାରେ ଡିସେମ୍ବରରେ ଏହି ସବ୍‌ସିଡ୍ ନେଇ ସିନେଟ୍‌ରେ ମତଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। କିନ୍ତୁ ଗୃହରେ ଏପରି କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। କିନ୍ତୁ ଗୃହ ଟ୍ରମ୍ପଙ୍କ ରବର ଷ୍ଟାମ୍ପ ନ ହେଉ ଓ ଟ୍ରମ୍ପଙ୍କ ଜିଦ୍ କାରଣରୁ ଛୋଟ ପିଲା ଖାଦ୍ୟ ଓ ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତୁ ବୋଲି ଡେମୋକ୍ରାଟ ସାଂସଦ ମିକି ସେରିଲ କହିଛନ୍ତି। ଏହି ତଥାକଥିତ ସ୍ୱାସ୍ଥ୍ୟବିମା କମ୍ପାନୀଗୁଡିକୁ ଲାଭ ପହଞ୍ଚାଉଛି ଓ ଆମେରିକା ଲୋକଙ୍କ ପାଇଁ କ୍ଷତିକାରକ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥରେ ପୋଷ୍ଟ କରି କହିଥିଲେ। ସବ୍‌ସିଡ୍ ବଦଳରେ ଲୋକଙ୍କୁ ସିଧା ପଇସା ଦେଇ ସେମାନଙ୍କୁ ନିଜ ପସନ୍ଦର ବୀମା କ୍ରୟ କରିବାକୁ ସୁବିଧା ଦିଆଯିବା ଉଚିତ ବୋଲି ଟ୍ରମ୍ପ କହିଥିଲେ। ଦୁଇଟି ପାର୍ଟିର ନେତାଙ୍କ ସହ ସାକ୍ଷାତ କରି ଏହାର ସମାଧାନ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଥିଲେ।

### ■ ହେଲ୍‌ଥ କେୟାର ପ୍ରୋଗାମ ନେଇ ସହମତି ହୋଇନି

### ■ ଲଢ଼େଇ ଏବେବି ଜାରି ରହିଛି: ବିପକ୍ଷ

## +୨ ଇଣ୍ଟରନାଲ୍ ପରୀକ୍ଷା ପାଇଁ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର,୧୩।୧୧(ସମିସ): ଡିସେମ୍ବର ୨୨ତାରିଖରୁ ଯୁକ୍ତ ଦୁଇ ଇଣ୍ଟରନାଲ୍ ପରୀକ୍ଷା ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପ୍ରସ୍ତୁତି ଆରମ୍ଭ କରିଛି। ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷାକୁ ସୁଚାରୁଭାବେ କରିବା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। କେବଳ ରେଗୁଲାର୍ ପରୀକ୍ଷାର୍ଥୀମାନେ ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷା ଦେବେ। ମୋଟ୍ ୨୦ରୁ ୬ ଏବଂ ୧୦ରୁ ୩ ମାର୍କ ରଖିଲେ କୃତକାର୍ଯ୍ୟ ହେବ। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଲଟ୍ ବା ଡିସେମ୍ବର ୨୨ରୁ ୩୧ ମଧ୍ୟରେ ପରୀକ୍ଷା ଦେଇ ନ ପାରିବେ, ସେମାନଙ୍କୁ ଆଉ ଗୋଟିଏ ସୁଯୋଗ ପ୍ରଦାନ କରାଯିବ। ଜାନୁଆରୀ ୨ରୁ ୧୫ ତାରିଖ ମଧ୍ୟରେ ସେମାନେ ପରୀକ୍ଷା ଦେଇପାରିବେ। ଏକ୍ସ-ରେଗୁଲାର୍ ପିଲାଙ୍କୁ ଏହି ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ପରୀକ୍ଷାରେ ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କୁ ଫେଲ୍ ଭାବେ ଘୋଷଣା କରାଯିବ। ପରୀକ୍ଷାର ପ୍ରଶ୍ନପତ୍ର ପାଟର୍ଣ୍ଣ ମଧ୍ୟ ସିଏଚ୍ଏସ୍ଇ ପକ୍ଷରୁ ଜାରି କରାଯାଇଛି। ମୋଟ୍ ୨୦ ନମ୍ବର ଇଣ୍ଟରନାଲ୍ ପରୀକ୍ଷା ଥିବା ବିଷୟରେ ୫ଟି ଏକ ମାର୍କିଆ ପ୍ରଶ୍ନପତ୍ର ଆସିବ। ସେହିପରି ତିନୋଟି ଲେଖାଏଁ ୨ମାର୍କିଆ ଓ ୩ ମାର୍କିଆ ପ୍ରଶ୍ନ ଆସିବ। ଅନୁରୂପ ଭାବେ ମୋଟ୍ ୧୦ ନମ୍ବର ଥିବା ବିଷୟରେ ୫ଟି ଏକ ମାର୍କିଆ, ଗୋଟିଏ ଲେଖାଏଁ ୨ ଓ ୩ ମାର୍କ ବିଶିଷ୍ଟ ପ୍ରଶ୍ନପତ୍ର ଆସିବ। ସୂଚନାଯୋଗ୍ୟ, ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଚଳିତ ବର୍ଷ ନୂତନ ଭାବେ ୮୯ କେନ୍ଦ୍ରରେ ପରୀକ୍ଷା ହେବ। ସମୁଦାୟ ୧୩୪୯ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

**୨୦ରୁ ୬ ଏବଂ ୧୦ରୁ ୩ ମାର୍କ ରଖିଲେ ପାସ**

### ନୀଳଗିରିରେ ଏକତା ପଦଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ସମୃଦ୍ଧ ଓଡ଼ିଶା ନିର୍ମାଣରେ ନେତୃତ୍ୱ ନେବେ ଯୁବଗୋଷ୍ଠୀ




ନୀଳଗିରି, ୧୩।୧୧ (ସମିସ): ସମଗ୍ର ଭାରତବର୍ଷକୁ ଏକତାର ସୂତ୍ରରେ ବାନ୍ଧି ଏକ ବିକଶିତ ଭାରତ ଗଠନ କରିବାର ମୁଖ୍ୟବିନ୍ଧାଣୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ ଏକତା ବର୍ଷ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବାଲେଶ୍ୱର ଜିଲ୍ଲା ନୀଳଗିରିଠାରେ ଏକତା ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି। ନୀଳଗିରିଠାରୁ ମିତ୍ରପୁର ପର୍ଯ୍ୟନ୍ତ ଦୀର୍ଘ ୧୦ କିମି ରାସ୍ତାରେ ଆୟୋଜିତ ପଦଯାତ୍ରା(ରନ୍ ଫର୍ ୟୁନିଟ)ରେ ସହସ୍ରାଧିକ ଛାତ୍ରଛାତ୍ରୀ, ଯୁବକଯୁବତୀ, ସାଧାରଣଜନତା, ସରକାରୀ ଅଧିକାରୀ ସାମିଲ ହୋଇଥିଲେ।

ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନକରି ଆଶିଷ ଭିକ୍ଷା କରିଥିଲେ। ପରେ ନୀଳଗିରି ପୁଲିସ ପଡିଆ ଯାଇ ସଭାରେ ସାମିଲ ହୋଇଥିଲେ। ପ୍ରଥମେ ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ମାଟିର ସୁପୁତ୍ରମାନଙ୍କର ଫଟୋଚିତ୍ର ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରି କହିଥିଲେ ଯେ ବିଭାଜିତ ସ୍ୱାଧୀନ ଭାରତରେ ଦେଶୀୟ ରାଜ୍ୟଗୁଡ଼ିକୁ ମିଶ୍ରଣକରି ଏକତାର ସୂତ୍ରରେ ବାନ୍ଧିବା ପାଇଁ ସର୍ଦ୍ଦାର ପଟେଲଙ୍କ ଉଦ୍ୟମରେ ୫୬୪ଟି ଦେଶୀୟ ରାଜ୍ୟ ସ୍ୱାଧୀନ ଭାରତରେ ମିଶ୍ରଣ ହୋଇପାରିଥିଲା। ସର୍ଦ୍ଦାର ପଟେଲଙ୍କ ନିର୍ଦ୍ଦେଶରେ ଡ. ହରେକୃଷ୍ଣ ମହତାବ ନୀଳଗିରି ଗଡଜାତକୁ ପ୍ରଥମେ ସ୍ୱାଧୀନ ଭାରତରେ ମିଶ୍ରଣ କରିବାକୁ ପ୍ରବର୍ତ୍ତାଇ ଦସ୍ତଖତ କରିପାରିଥିଲେ। ପରେପରେ ଅନ୍ୟ ଦେଶୀୟ ରାଜ୍ୟ ଗୁଡିକ ଭାରତରେ ସାମିଲ ହୋଇଥିଲା। ତେଣୁ ଏଭଳି ଐତିହାସିକ ମାଟିରୁ ପ୍ରଥମେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ଯୁବବର୍ଗ ଏକତାର ସୂତ୍ରରେ ବାନ୍ଧିହୋଇ ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାର ହେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଆହ୍ୱାନ ଦେଇଥିଲେ। ପଦଯାତ୍ରା ଅବସରରେ ରାଜ୍ୟ ଉଚ୍ଚଶିକ୍ଷା, ସଂସ୍କୃତି ଓ ଯୁବ ବ୍ୟାପାର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦେଇ ଯୁବସମାଜ ଦେଶ ଗଠନରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ମହିଳାକମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ରନ୍ ଫର୍ ୟୁନିଟ ସଂଯୋଜକ ଗୋଲକ ମହାପାତ୍ର, ଈଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଧନ୍ୟବାଦ ଦେଇଥିଲେ।

## ଭିଜିଲାନ୍ସ ଜାଲରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ବରିଷ୍ଠ କିରାଣି

### ପେନସନ କାଗଜ କରାଇବାକୁ ନେଉଥିଲେ ୨୦ ହଜାର ଟଙ୍କା ଲାଞ୍ଚ



ଭବାନୀପାଟଣା,୧୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନର ବରିଷ୍ଠ କିରାଣୀ ଟି. ଭେଙ୍କଟ ଗିରି ରାଓ ୨୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। କିରାଣୀ ଶ୍ରୀ ରାଓ ତାଙ୍କ ସରକାରୀ କ୍ୱାର୍ଟର୍ସରେ ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ଟଙ୍କା ଯଥାଶୀଘ୍ର କରିବାକୁ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧାରା ପଡିଛନ୍ତି। ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ ଗତ ମାର୍ଚ୍ଚ ୨୦୨୪ ରେ ଅବସର ନେଇଥିଲେ। ଦୀର୍ଘ ଦେଢ଼ ବର୍ଷ ବିତିଯିବା ପରେ ମଧ ପେନସନ ଫାଇଲକୁ କିରାଣୀ ଶ୍ରୀ ରାଓ ଟଙ୍କା ଆଶାରେ ରଖି ଅଭିଯୋଗକାରୀଙ୍କୁ ନିରାଶ କରୁଥିଲେ। ପ୍ରକାଶ ଯେ, ଗତ ୩୧.୦୩.୨୦୨୪ରେ ଅଭିଯୋଗକାରୀ ଅବସର ଗ୍ରହଣ କରିଥିଲେ। ସେବେ ଠାରୁ ସେ କିରାଣୀ ରାଓଙ୍କୁ ତାଙ୍କର ପେନ୍‌ସନ୍ କାଗଜପତ୍ର ପ୍ରସ୍ତୁତ କରିବାକୁ ଅନୁରୋଧ କରି ଆସୁଥିଲେ। ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ପରେ ମଧ୍ୟ ଅଭିଯୁକ୍ତ ଫାଇଲ ପ୍ରକ୍ରିୟାକରଣ କରୁ ନ ଥିଲେ ବରଂ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ ବାରମ୍ବାର ବାଧ କରୁଥିଲେ। ଅଭିଯୋଗକାରୀ ରାଓ ତାଙ୍କୁ ହଇରାଣ କରୁଥିବା ନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ ଭିଜିଲାନ୍ସର ଏକ ଟିମ୍ ଗୁରୁବାର ପୂର୍ବ ଯୋଜନା ଅନୁଯାୟୀ ସେଠାରେ ପହଞ୍ଚିଥିଲେ। ହେଲେ ଭିଜିଲାନ୍ସ ଟିମ୍‌କୁ ଦେଖି ଅଭିଯୁକ୍ତ ରାଓ ତାଙ୍କ କ୍ୱାର୍ଟର୍ସର ଝରକା ପଟେ ଲାଞ୍ଚ ଟଙ୍କାକୁ ଫିଙ୍ଗିବା ଉଦ୍ୟମ କରୁଥିବା ବେଳେ ଭିଜିଲାନ୍ସ ଟିମ୍ କାବୁ କରିନେଲା। ଅନ୍ୟପକ୍ଷରେ ଅଭିଯୁକ୍ତ କିରାଣୀ ଭିଜିଲାନ୍ସ ଦ୍ୱାରା ଧରା ପଡିବା ପରେ ତାଙ୍କ ଅଫିସ ସମେତ ସରକାରୀ ଘର, ବଲାଙ୍ଗିରରେ ସ୍ତ୍ରୀ ରହୁଥିବା ଭଡାଘର ଏବଂ ରାଓଙ୍କ ବ୍ରହ୍ମପୁରରେ ଥିବା ନିଜ ବାସଭବନରେ ଭିଜିଲାନ୍ସ ବିଭାଗ ଏକକାଳୀନ ଚଢ଼ାଉ କରି ତଦନ୍ତ ଜାରି ରଖିଛି। ଗତ ଅଗଷ୍ଟ ୨୦୧୭ ମସିହାରୁ କଳାହାଣ୍ଡିରେ ଅଭିଯୁକ୍ତ କିରାଣୀ କାର୍ଯ୍ୟ କରି ଆସୁଛନ୍ତି। ତେବେ ଚଢ଼ଉରେ କେଉଁଠୁ କେତେ ସମ୍ପତି ମିଳିଛି ଜଣାପଡି ନାହିଁ। ଏ ନେଇ ଭିଜିଲାନ୍ସ ବିଭାଗ ୩୪/୨୦୨୫ରେ ମାମଲା ରୁଜୁ କରି ସନ୍ଧ୍ୟାରେ ଅଭିଯୁକ୍ତ ରାଓଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପୂର୍ବତନ ପାକ୍ସ ସମ୍ପାଦକ ଗିରଫ



ବଲାଙ୍ଗିର,୧୩।୧୧(ସମିସ):ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ପଣ୍ଡାମୁଣ୍ଡା ପ୍ରାଥମିକ ସମବାୟ ସମିତି (ପାକ୍ସ)ର ପୂର୍ବତନ ପାକ୍ସ ସମ୍ପାଦକ କୁଶଧ୍ୱଜ ସାହୁ ଗିରଫ ହୋଇଛନ୍ତି। ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ସେ ଏହି ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଶ୍ରୀ ଏହି ସମୟରେ ପ୍ରାୟ ୮ ଲକ୍ଷ ଟଙ୍କା ୩୪ ହଜାର ଟଙ୍କା ହେରଫେର କରିଥିବା ଭିଜିଲାନ୍ସ ତଦନ୍ତ ପରେ ଜାଣିବାକୁ ପାଇଛି। ତାଙ୍କ ବିରୋଧରେ ଭିଜିଲାନ୍ସ ପାଖରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଥିଲା। ଏଥିରୁ ରୋଚକ ତଥ୍ୟ ସାମ୍ନାକୁ ଆସିଥିଲା। ୨୦୧୭-୧୮ର କ୍ଲୋଜିଂ ବାଲାନ୍ସ ଓ ୨୦୧୮-୧୯ ଓପନିଂ ବାଲାନ୍ସରେ ଫରକ ଦେଖାଦେଇଥିଲା। ଏନେଇ ଶ୍ରୀ ସାହୁ ସ୍ପଷ୍ଟ ଉତ୍ତର ରଖିପାରି ନ ଥିଲେ; ଯାହା ତାଙ୍କ ଦ୍ୱାରା କରାଯାଇଥିବା ହେରଫେର ସ୍ପଷ୍ଟ ସୂଚାଇଥିଲା। ଶେଷରେ ଭିଜିଲାନ୍ସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି।

**୮ ଲକ୍ଷ ୩୪ ହଜାର ଟଙ୍କା ହେରଫେର ଅଭିଯୋଗ**

## କୂଅରୁ ଉଦ୍ଧାରବେଳେ ହାତୀ ଆକ୍ରମଣରେ ବନପାଳ ଗୁରୁତର





କଣ୍ଟାବାଞ୍ଜି/ମୁରିବାହାଲ, ୧୩।୧୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଗୁଡିଘାଟ ସେକ୍ସନ ବିଜାମାଳରେ ଏକ କୂଅରେ ପଡି ଯାଇଥିବା ଗୋଟିଏ ଦନ୍ତାହାତୀକୁ ଉଦ୍ଧାରବେଳେ ଅଘଟଣ ଘଟିଛି। ହାତୀଟି ରାତିରେ କୂଅରେ ପଡିଥିବାବେଳେ ସକାଳେ ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ମୁରିବାହାଲ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଥିଲେ। ଉଦ୍ଧାର ପାଇଁ ଜେସିବି ସାହାଯ୍ୟରେ କୂଅକୁ ବାଟ ଫିଟା ଯାଇଥିଲା। ତେବେ ହାତୀଟି କୂଅରୁ ବାହାରିବା ମାତ୍ରେ ଲୋକଙ୍କ ଆଡକୁ ଗୋଡାଇ ଆସିଥିଲା। ଟ୍ରିକାପଡା କେନ୍ଦୁପତ୍ର ସେକ୍ସନର ବନପାଳ ପ୍ରଦୀପ ନାଥ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତୁରନ୍ତ ବନ କର୍ମଚାରୀ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ମୁରିବାହାଲ ରେଞ୍ଜର କହିଛନ୍ତି ଯେ, ବନପାଳ ପ୍ରଦୀପ ନାଥଙ୍କୁ ସେମାନେ ଡାକି ନ ଥିଲେ। ସେ ହାତୀ ଦେଖିବାକୁ ଆସି ଦୁର୍ଘଟଣାର ଶିକାର ହୋଇଛନ୍ତି।

### ପୀତବାସ ପଣ୍ଡା ହତ୍ୟା ମାମଲା

## ଜେଲ୍‌ରେ ହେବ କୁରୁପତି, ଚିଣ୍ଟୁ ଓ ଯୋଗୀଙ୍କ ଟିଆଇ ପରେଡ୍

ବ୍ରହ୍ମପୁର,୧୩।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ ଓ ଯୋଗେନ୍ଦ୍ର ରାଉତ ଓରଫ ଯୋଗୀଙ୍କ ବ୍ରହ୍ମପୁର ଜେଲ୍‌ରେ ହେବ ଟିଆଇ ପରେଡ। ଏଥିପାଇଁ ତଦନ୍ତକାରୀ ଅଧିକାରୀ ଏସ୍‌ଡିପିଓ ପ୍ରୟସ ଗଂଜନ ଛୋଟରାୟ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ଆବେଦନ କରିଛନ୍ତି। ଆକାଶ ବିଷୋୟୀ ଓ ଏନ୍. କିରଣ କୁମାରଙ୍କ ସମେତ ୩ରୁ ଉର୍ଦ୍ଧ୍ୱ ସାକ୍ଷୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟିଆଇ ପରେଡରେ ସାମିଲ ହେବେ ବୋଲି ସୂଚନା ମିଳିଛି।

ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଚିଣ୍ଟୁ ପ୍ରଧାନ ଘଟଣା ରାତିରେ ବାଇକ ଚଳାଉଥିବା ବେଳେ କୁରୁପତି ଭୂୟାଁ ପୀତବାସଙ୍କୁ ଗୁଳି ଚଳାଇଥିବା ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଥିଲେ। ଏପରିକି ଉଭୟ ଅଭିଯୁକ୍ତ ଚିଣ୍ଟୁ ଓ କୁରୁପତିଙ୍କ ମୁହଁରେ କଳାକନା ବା ମୁଖା ପିନ୍ଧାଇ ଘଟଣା ସ୍ଥଳରେ ସିନ୍ ରିକ୍ରିଏସନ କରାଯାଇଥିଲା। କିନ୍ତୁ କୋର୍ଟ ଚାଲାଣ ବେଳେ ଉଭୟଙ୍କ ସମେତ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କ ମୁହଁ ଖୋଲା ରହିଥିଲା। ଫଳରେ ଅଭିଯୁକ୍ତଙ୍କୁ ସମସ୍ତେ ଦେଖିବାର ସୁଯୋଗ ପାଇଥିଲେ। ବର୍ତ୍ତମାନ କେଉଁ ପରିସ୍ଥିତିରେ ଟିଆଇ ପରେଡ କରାଯାଇ କି ତଥ୍ୟ ହାସଲ କରିବାକୁ ତଦନ୍ତକାରୀ ଅଧିକାରୀ କୋର୍ଟରେ ଆବେଦନ କରିଛନ୍ତି ତାକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ଘଟଣା ସ୍ଥଳରେ ଯୋଗୀର ଭୂମିକା କଣ ରହିଥିଲା ତାହା ସ୍ପଷ୍ଟ ଜଣାପଡ଼ିନଥିଲେ ହେଁ ଅଭିଯୁକ୍ତ ଯୋଗୀର ମଧ ପୁଲିସ ଟିଆଇ ପରେଡ଼ କରିବ। ମାମଲାରେ ପୁଲିସ ସାକ୍ଷ୍ୟ ଭାବେ ନେଇଥିବା ବ୍ୟକ୍ତିବିଶେଷ କେଉଁଠାରେ ରହି ଦେଖିଥିଲେ ଏବଂ ଅଭିଯୁକ୍ତଙ୍କୁ କିଭଳି ଚିହ୍ନଟ କରିବେ ତାହା ମଧ ଆଉଏକ ବଡ଼ ପ୍ରଶ୍ନ।

**ପୂର୍ବତନ ବିଧାୟକ ବିକ୍ରମଙ୍କ ରିମାଣ୍ଡ ରିକଲ୍ ଆବେଦନର ରାୟ ଆଜି**

ଅନ୍ୟପକ୍ଷରେ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ରିମାଣ୍ଡ ରିକଲ ଆବେଦନ କରି ସର୍ତ୍ତମୂଳକ ଭାବେ ଖଲାସ କରିବା ନେଇ ହୋଇଥିବା ଆବେଦନ ଉପରେ ରାୟ ପ୍ରକାଶ ପୂର୍ବରୁ ସରକାରୀ ଓକିଲ ଦିନଟିଏ ସମୟ ମାଗିଥିଲେ। ଆବେଦନର ରାୟ ଶୁକ୍ରବାର ପ୍ରକାଶ ପାଇବ ବୋଲି ବିକ୍ରମଙ୍କ ଓକିଲ କୁମାରକାନ୍ତ ବେହେରା ଓ ଦୀପକ ପଟ୍ଟନାୟକ କହିଛନ୍ତି।

### ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମାଇବାକୁ ପ୍ରୟାସ

## ୧୬ରୁ ଶୂନ ମୃତାହତ ପକ୍ଷ ପାଳନ




- ରାଜ୍ୟବ୍ୟାପି ହେବ କଡ଼ାକଡ଼ି ଯାଞ୍ଚ
- '୪-ଇ' ଅନୁପାଳନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୩।୧୧(ସମିସ): ସଡ଼କ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ ଶୂନ ମୃତାହତ ପକ୍ଷ। ନିକଟରେ ଶୂନ ଦୁର୍ଘଟଣା ଦିବସ ପାଳନ ପରେ ଏବେ ନଭେମ୍ବର ୧୬ରୁ ୩୦ ତାରିଖ ଯାଏଁ ସାରା ରାଜ୍ୟରେ ଏହି ପକ୍ଷ ପାଳନ ପାଇଁ ନିଷ୍ପତ୍ତି ହୋଇଛି। ଏହି ସମୟରେ ଚାରିଟି "ଇ' ଯଥା- ଏନ୍‌ଫୋର୍ସମେଣ୍ଟ, ଇଂଜିନିୟରିଂ, ଏଜୁକେସନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଙ୍ଘକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ। ଏହି ସମୟରେ ସାରା ରାଜ୍ୟରେ କଡ଼ାକଡ଼ି ଯାଞ୍ଚ କରାଯିବ। ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏବଂ ଅନ୍ୟ ବିଭାଗ ସହ ମିଳିତ ଭାବରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମ ବ୍ୟାପକ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଜନଗହଳି ସ୍ଥାନ, ଟ୍ରାଫିକ ପଏଣ୍ଟ, ଶିକ୍ଷାନୁଷ୍ଠାନ, ମଲ୍, ବଜାର ଆଦି ସ୍ଥାନରେ ଟିମ୍ ମୁତୟନ ରହିବେ। ସଡ଼କରେ ବେପରୁଆ ଗାଡ଼ି ଚାଳନା କରି ନିଜ ସହ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ରାସ୍ତା ଉପରେ ମଧ ବିଶେଷ ନଜର ରହିବ। କିଭଳି ସେଠାରେ ଦୁର୍ଘଟଣାକୁ ହ୍ରାସ କରାଯାଇପାରିବ, ସେଥିପାଇଁ ମଧ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କୁ କୁହାଯାଇଛି। ରାସ୍ତା ଇଞ୍ଜିନିୟରିଂ ସଂସ୍ଥା ମାନେ ଏ ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ତ୍ରୁଟି ଗୁଡ଼ିକୁ ସଂଶୋଧନ କରିବା, ରାସ୍ତା ସାଇନେଜ୍ ଲଗାଇବା ଭଳି ବିଷୟକୁ ମଧ ଗୁରୁତ୍ୱ ଦିଆଯାଇଛି। ପୂର୍ବ ବର୍ଷମାନଙ୍କରେ ଶୂନ ମୃତାହତ ସପ୍ତାହ ପାଳନ କରାଯାଇଛି। ଏହି ସମୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲା। ଏହାକୁ ଦୃଷ୍ଟିରେ ବିଭାଗ ଚଳିତ ଥର ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ଶୂନ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ନେଇଛି।

### ନିଃସର୍ତ୍ତ କ୍ଷମାପ୍ରାର୍ଥନା ପରେ କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ

## ବ୍ରହ୍ମପୁର ଏସ୍‌ପିଙ୍କୁ ହଟାଇବାକୁ ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୩।୧୧(ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ଏବଂ ଏହି ଘଟଣାର ତଦନ୍ତଭାର ନେଇଥିବା ବ୍ରହ୍ମପୁର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା ପରେ ଏହି ହତ୍ୟାକାଣ୍ଡରେ ତାଙ୍କର ତଦନ୍ତ ପ୍ରକ୍ରିୟା ଓ ଭୂମିକାକୁ ନେଇ ବର୍ଷିଛି ରାଜ୍ୟ କଂଗ୍ରେସ। ଏହି ଘଟଣାକୁ ନେଇ ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ଯେଉଁ ତଥ୍ୟ ରଖିଥିଲେ, ତାହାକୁ ୱେବ୍‌ସିରିଜର କାହାଣୀ କହି ଦଳ ତାଙ୍କୁ ସମାଲୋଚନା କରିଛି। ଏହାସହିତ ଏଭଳି ବାହାଦୁରୀ ପାଇଁ ହାଇକୋର୍ଟ ତାଙ୍କୁ ଭର୍ତ୍ସନା କରିବା ଓ ଏସ୍‌ପି ଏଥିପାଇଁ ହାଇକୋର୍ଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ପରେ ମଧ ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି ଦଳ ପ୍ରଶ୍ନ କରି ସରକାରଙ୍କ ଭୂମିକା ଉପରେ ସନ୍ଦେହ ପ୍ରକଟ କରିଛି।

ଗୁରୁବାର ଏହି ବିଷୟକୁ ନେଇ କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ବିଜେପି ଶାସନରେ କେଉଁଠି ବୋମା ବିସ୍ଫୋରଣ ହେଲାଣି ତ କେଉଁଠି ୱେବ୍‌ସିରିଜ କାହାଣୀ କୁହାଗଲାଣି। ବ୍ରହ୍ମପୁରରେ ଘଟିତ ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ନେଇ ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ସାମ୍ବାଦିକ ସମ୍ମିଳନୀରେ ୱେବ ସିରିଜର ସ୍କ୍ରିପ୍ଟ ଭଳି ମନଗଢ଼ା



କାହାଣୀ ଅତି ସୁନ୍ଦର ଭାବରେ ଉପସ୍ଥାପନା କଲେ। ବିନା ତଥ୍ୟ ଆଧାରରେ କାହାଣୀ କହିବା ଯୋଗୁଁ ହାଇକୋର୍ଟ ବ୍ରହ୍ମପୁର ଏସପିଙ୍କୁ ଭର୍ତ୍ସନା କରିବା ସହିତ କୋର୍ଟରେ ବ୍ୟକ୍ତିଗତ ହାଜିର ପାଇଁ ଆଦେଶ ଦେଇଥିଲେ। ଏସ୍‌ପି ହାଇକୋର୍ଟ ଯାଇ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଏହା ଓଡିଶା ରାଜନୀତିରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। କାରଣ ଏସ୍‌ପି ଯେଉଁ ସ୍କ୍ରିପ୍ଟ କହିଲେ, ପ୍ରକୃତରେ ବିଜେପି ସରକାରଙ୍କ ଦ୍ୱାରା ତାହା ଲିଖିତ ନା, ଆରଏସଏସ ଲେଖି ଥିଲା ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି। ସେହିପରି ପୀତବାସ ପଣ୍ଡାଙ୍କ ହତ୍ୟାକାରୀ ପୂର୍ବରୁ ରେକୀ କରିଥିଲେ ବୋଲି ସିସିଟିଭି ଫୁଟେଜ ଦେଖାଯାଇଛି; କିନ୍ତୁ ହତ୍ୟାକାଣ୍ଡ ବେଳର ଫୁଟେଜ ଦେଖାଇଲେ ନାହିଁ। ଏସ୍‌ପି କ'ଣ ଜ୍ୟୋତିଷ ନା ଦ୍ୱିତୀୟ ସାରଥୀ ବାବା ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ ପଚାରିଛନ୍ତି।

**ୱେବ୍‌ସିରିଜ କାହାଣୀ ପଠନ କରୁଛନ୍ତି ଏସ୍‌ପି**

ଶ୍ରୀମତୀ ସାହୁ ପୁଣି କହିଛନ୍ତି ଯେ ଏସ୍‌ପିଙ୍କ କାହାଣୀ ପଠନ ସବୁ ବିଜେପି, ଆରଏସଏସ ଓ ପ୍ରଶାସନର ମିଳିତ ଚକ୍ରାନ୍ତ ଥିଲା। କାରଣ ନୂଆପଡା ନିର୍ବାଚନକୁ ପ୍ରଭାବିତ କରିବା ସହ ବାଲି ମାଫିଆଙ୍କ ସହ ସରକାରଙ୍କ ସମ୍ପର୍କ ଲୁଚେଇବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଥିଲା। ବିଜେପି ସରକାର ଓଡିଶା ପୁଲିସକୁ ଆରଏସଏସ ପୁଲିସରେ ରୂପାନ୍ତରିତ କରିବାକୁ ଚାହୁଁଛି। ନିଜକୁ କଣ୍ଟକମୁକ୍ତ କରିବା ପାଇଁ ସରକାରୀ ଦଳ ସମସ୍ତ ତଥ୍ୟ ପ୍ରମାଣ ଲୁଚାଇବାକୁ ଚାହୁଁଛି। ମନଗଢ଼ା କାହାଣୀ ପାଇଁ ଏସ୍‌ପିଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଓଡିଶାବାସୀଙ୍କ ମୁଣ୍ଡ ତଳକୁ କରି ଦେଇଛି। ଏତେ ଲଜ୍ଜାଜନକ ଘଟଣା ଘଟିଯିବା ସତ୍ତ୍ୱେ ସରକାର, ପ୍ରଶାସନ କିମ୍ବା ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଏପର୍ଯ୍ୟନ୍ତ ଦିଆ ଯାଇନାହିଁ। ତେଣୁ ଏସ୍‌ପିଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପରେ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏହାସହ ବ୍ରହ୍ମପୁର ଭଳ ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ଏସପି ଶ୍ରବଣାଙ୍କୁ ହଟାଯାଉ ବୋଲି ଶ୍ରୀମତୀ ସାହୁ ଦାବି କରିଛନ୍ତି।

ଦଳରଅନ୍ୟତମ ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ଏସ୍‌ପିଙ୍କ ନିସର୍ତ୍ତ କ୍ଷମାପ୍ରାର୍ଥନା ପରେ ତାଙ୍କୁ ପୁଲିସ ଡିଜି ଓ ଗୃହମନ୍ତ୍ରୀ କେବେ ଦାୟିତ୍ୱମୁକ୍ତ କରିବେ ବୋଲି ପ୍ରଶ୍ନ କରିଛନ୍ତି। ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେ ଏସ୍‌ପି ଦାୟିତ୍ୱରେ ରହିବାର ନୈତିକତା ହରାଇ ବସିଛନ୍ତି। ତେଣୁ ଏସ୍‌ପି ଶ୍ରବଣାଙ୍କ ବିରୋଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ ପଚାରିଛନ୍ତି।


ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୧୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

# ଲସି ଖାଇ ୫୦ରୁ ଉର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ

ବସ୍ତା ବ୍ଲକ, ୧୩।୧୧ (ସମିସ)

ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ କଦରାୟାଁ ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ଲସି ଖାଇ ୫୦ରୁ ଅଧିକ ଗୁରୁତର ଅସୁସ୍ଥ ହୋଇ ବସ୍ତା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ ବୁଧବାର ଗୋପୀନାଥପୁର ଗ୍ରାମରେ ମୁସଲମାନ ସମ୍ପ୍ରଦାୟର ଉର୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ପାଇଁ ବିଭିନ୍ନ ପଞ୍ଚାୟତରୁ ଲୋକେ ଆସିଥିଲେ। ସେଠାରେ ଅନେକ ଦୋକାନ ବଜାର ବସିଥିଲା। ସେଠାରେ ଲସି ଦୋକାନ ବଢ଼ିଥିଲା। ସେଠାରେ ଆସିଥିବା ବନ୍ଧୁ ବାନ୍ଧବ ସହ ଲୋକେ ଲସି ଖାଇଥିଲେ। ମାତ୍ର ଗୁରୁବାର ଦିନ ଦ୍ୱିପହର ଠାରୁ ପ୍ରଥମେ ଛୋଟ ଛୋଟ ପିଲା ପରେ ବଡ଼ ଲୋକମାନେ ଝାଡାବାନ୍ତି, ପେଟ ବ୍ୟଥାରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କ ପରିବାର ଲୋକେ ତାଙ୍କୁ ବସ୍ତା ହସ୍ପିଟାଲ ଆଣି ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିବା ବେଳେ ଗୁରୁତର ମାନଙ୍କୁ ବାଲେଶ୍ୱର ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି। ଅନେକ ଜଳେଶ୍ୱର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବସ୍ତା ହସ୍ପିଟାଲ ଛୋଟ ପିଲା, ପୁରୁଷ ମହିଳା

**ବସ୍ତା ହସ୍ପିଟାଲରେ ଭର୍ତ୍ତି**

ମିଶି ୫୦ ରୁ ଅଧିକ ଥିବା ବେଳେ ସେମାନଙ୍କ ମଧ୍ୟରେ ବସ୍ତା ବିଦ୍ୟାଧରପୁରର କିଛି ଲୋକ ଥିବା ଜଣା ପଡ଼ିଛି। ଖବର ପାଇ ବସ୍ତା ହସ୍ପିଟାଲରେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା, ଏସଡିପିଓ ମାନସ କୁମାର ଦେଓ, ବସ୍ତା ଆଇଆଇସି ରଞ୍ଜିତ ସାହୁ ପହଞ୍ଚି ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଆଉ ଜଣେ ଅତିରିକ୍ତ ଡାକ୍ତର ଯୋଗାଇ ଦେବାକୁ ସିଡିଏମଓଙ୍କ ସହ କଥାବାର୍ତ୍ତା କରିଥିଲେ। ଏହି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି।



## ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟି ପକ୍ଷରୁ ଦାବିପତ୍ର

**ବାଲିଆପାଳ, ୧୩।୧୧(ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ପ୍ରସ୍ତାବିତ ଚୌମୁଖ ବନ୍ଦର କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟି ପକ୍ଷରୁ କାଳିପଦାସ୍ଥିତ ବନ୍ଦର କାର୍ଯ୍ୟାଳୟରେ ବନ୍ଦର ଡାଇରେକ୍ଟର ବିରଜା ଶଙ୍କର ଦାସଙ୍କୁ ସାକ୍ଷାତ କରି ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ର ପ୍ରଦାନ କରିବା ସମୟରେ କମିଟି ପକ୍ଷରୁ ସଭାପତି ବାଜେଲ ମାଝୀ, ସାଧାରଣ ସମ୍ପାଦିକା କଳ୍ପନା ଜେନା, ମନୋରଞ୍ଜନ ଦାସ, ଶିଶିର ଖଣ୍ଡା, ଭାରତୀ ନାୟକ, ଶୁଭଙ୍କରୀ ମହାନ୍ତି, କିରଣ କୁମାର ପାତ୍ର ଉପସ୍ଥିତ ଥିଲେ। ପୂର୍ବରୁ ବାଲେଶ୍ୱର ଜିଲ୍ଲାପାଳ, ବାଲେଶ୍ୱର ଏସ ପି, ବିଧାୟିକା ସୁବାସିନୀ ଜେନା, ବାଲିଆପାଳ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଥାନା ଅଧିକାରୀ, ବାଲିଆପାଳ ଟାଟା ଫାଉଣ୍ଡେସନ ଶାଖା ଆଦିକୁ ଦାବି ପତ୍ର ପ୍ରଦାନ କରାଯାଇଥିଲା।

## ବିପୁଳ ମଦ ଜବତ, ୧୪ ଗିରଫ



**ନୀଳଗିରି, ୧୩।୧୧ (ସମିସ):** ନୀଳଗିରି ଅବକାରୀ ବିଭାଗ ଏବଂ ବାଲେଶ୍ୱର ମୋବାଇଲ ୟୁନିଟ ପକ୍ଷରୁ ମିଳିତ ଚଢ଼ଉ କରି ବିପୁଳ ପରିମାଣରେ ମଦ ସହ ୧୪ଜଣ ଚୋରା ମଦ ବେପାରୀକୁ ଗିରଫ କରିଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ କେନ୍ଦୁଖୁଣ୍ଟା, ଗୁଡ଼ିଖାଣିଆ, ମିତ୍ରପୁର, ଚିମିନିଭାଟି, ଅଞ୍ଚଳରେ ଚଢ଼ଉ କରି ୨୦୨ଲିଟର ଦେଶୀ ମଦ, ୨୭.୩ ଲିଟର ବିୟର, ୩.୬ଲିଟର ବିଦେଶୀ ମଦ ଜବତ କରିଛନ୍ତି। ଗିରଫ ୧୪ଜଣ ଅଭିଯୁକ୍ତଙ୍କୁ ଗିରଫ କୋର୍ଟ ଚାଲାଣ କରିଛନ୍ତି।

## ଭୋଗରାଇ ବିଦ୍ୟୁତ ବିଭାଗର ସଚେତନତା ଶିବିର

**ଭୋଗରାଇ, ୧୩।୧୧(ସମିସ):** ଭୋଗରାଇ ସବଡିଭିଜନ ଥିବା ଦେହୁର୍ଦ୍ଦା ସେକ୍ସନ ପରିସରରେ ଆଜି ଏକ ବିଦ୍ୟୁତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବିଦ୍ୟୁତ ବିଭାଗର ଅଧିକାରୀ କାନ୍ତିଭୂଷଣ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ଭୋଗରାଇର ସମାଜସେବୀ, ବିଦ୍ୟୁତ ଉପଭୋକ୍ତା ମାନେ ଉପସ୍ଥିତ ଥିଲେ।



ଏହି ଶିବିରରେ ଜଳେଶ୍ୱର ଡିଭିଜନର ଉପଭୋକ୍ତା ସମ୍ପର୍କୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇପ୍ସିତା ମିଶ୍ର ଉପଭୋକ୍ତା ମାନଙ୍କୁ ମୋବାଇଲରେ ବିଦ୍ୟୁତ ବିଲ୍ ପୈଠ କରି ଅଧିକ ସବ୍‌ସିଡ ପାଇବା, ପିଏମ ସୂର୍ଯ୍ୟ ଘର ବା ମୁକ୍ତ ବିଜୁଳି ଯୋଜନାରେ ୟୁଏଲଏ ମଡେଲ ଅଧିନ ୧ କିଲୋ ୱାଟର ଘରୋଇ ଉପଭୋକ୍ତା ପାଇଁ ଲାଭଦାୟକ, ଇ-ବିଲ୍ କରିବା ଆଦି ବାବଦରେ ସଚେତନ କରାଇଥିଲେ। ଏହି ଶିବିରରେ କନିଷ୍ଠଯନ୍ତ୍ରୀ ଦେହୁର୍ଦ୍ଦା ସେକ୍ସନର ଚନ୍ଦନ କୁମାର ଚୈଧୁରୀ ଲାଇନ୍ ମେନ୍ ସୃଷ୍ଟିଧର ପାତ୍ର, ରାମହରି ପାଳ, ବାସୁଦେବ ମହାନ୍ତି, ହରିଶ୍ଚନ୍ଦ୍ର ଭୂୟାଁ, ପ୍ରାର୍ଥଶାରଥୀ ପାତ୍ର, ଅରବିନ୍ଦ ଦାସ, ପ୍ରଦୀପ ଖଣ୍ଡା, ଭୋବତଷ କର ଆଦି ଉପସ୍ଥିତ ଥିଲେ। ଶେଷରେ ସେକ୍ସନ ବାଣିଜ୍ୟ ଅଧିକାରୀ ରାମଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମୋବାଇଲ୍ ଅନଲାଇନରେ ବିଲ୍ ପୈଠ କରୁଥିବା ଦୁଇ ଉପଭୋକ୍ତାଙ୍କୁ ପୁରସ୍କୃତ କରାଯାଇଥିଲା।

## ମୁକୁଳିସି ସମବାୟ ସମିତିରେ ଆର୍ଥିକ ଠକେଇ ଅଭିଯୋଗ



**ରାଜଘାଟ, ୧୩।୧୧ (ସମିସ):** ବସ୍ତା ବ୍ଲକ ଅନ୍ତର୍ଗତ ମୁକୁଳିସି ସମବାୟ ସମିତିର ସଭାପତି, ନିର୍ଦ୍ଦେଶକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଆର୍ଥିକ ଠକେଇ ଏବଂ ଅବୈଧ ଋଣ ନିଆଯାଇଥିବା ନେଇ ବୁଧବାର ଅପରାହ୍ଣରେ ଉକ୍ତ କାର୍ଯ୍ୟାଳୟ ସମ୍ମୁଖରେ ସଦସ୍ୟଙ୍କ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସଭାପତି ତାଙ୍କ ଧର୍ମପତ୍ନୀ ଏବଂ ସମ୍ପର୍କୀୟଙ୍କ ନାମରେ, ଅନ୍ୟ କିଛି ନିର୍ଦ୍ଦେଶକ ସେମାନଙ୍କ ପତି/ପତ୍ନୀ ମାନେ ମିଥ୍ୟା ଏବଂ ଜାଲ କାଗଜପତ୍ର ବ୍ୟବହାର କରି ସମିତିରୁ ଋଣ ନେଇଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ସଦସ୍ୟଗଣ ଏହି ଆର୍ଥିକ କେଲେଙ୍କାରୀ, ଠକେଇ କାର୍ଯ୍ୟକଳାପ ଏବଂ ନିଜ ଅଧିକାରର ଦୁରୁପଯୋଗରେ ସମ୍ପୃକ୍ତ ଅଧିକାରୀ/କର୍ମକର୍ତ୍ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କୋଅପରେଟିଭ୍ ସୋସାଇଟିର ରେଜିଷ୍ଟ୍ରାର୍, ଜିଲାପାଳ, ବାଲେଶ୍ୱର ଶାଖାର ଡିଆରସିଏସ ଓ ଏଆରସିଏସଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସମବାୟ ସମିତି ସଭାପତି ପ୍ରଭାସ କୁମାର ମଣ୍ଡଳଙ୍କୁ ଯୋଗାଯୋଗ କରିବାରୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ପୂର୍ବରୁ ଉକ୍ତ ସମବାୟ ସମିତିରେ ପୂର୍ବରୁ ଚାଷୀଙ୍କ ନାମରେ ୧କୋଟି ୬୦ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିଲା, ଯେଉଁଥି ପାଇଁ ବୋର୍ଡ ସଦସ୍ୟଙ୍କ ପକ୍ଷରୁ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ମଧ୍ୟ ହୋଇଥିଲା। ତଦନ୍ତ ରିପୋର୍ଟ ଆସିନାହିଁ, ଆସିଲେ ଘଟଣା ଉପରୁ ପରଦା ହଟିବ ବୋଲି କହିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଲକ୍ଷ୍ମୀଧର ଦାସ, ରଞ୍ଜନ କୁମାର ଧଳ, ସୁକଦେବ ପ୍ରଧାନ, ରବୀନ୍ଦ୍ର ସାହୁ, ନରେନ୍ଦ୍ର ବେହେରା, ଅକ୍ଷୟ ବିଶ୍ୱାଳ, ତନ୍ମୟ କୁମାର ଧଳ, ପଦୀପ ବେହେରା ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଉଚ୍ଛେଦ ପ୍ରକ୍ରିୟାକୁ ଗ୍ରାମବାସୀଙ୍କ ବିରୋଧ; ପ୍ରଶାସନର ଦ୍ୱାରସ୍ଥ



**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୩।୧୧(ସମିସ):** ସୁଗୋ ପଞ୍ଚାୟତ ବାଣିଦା ଗାଁର ଯୋଡ଼ାଗଡ଼ିଆ ପୋଖରୀକୁ ଅମୃତ ସରୋବର ଯୋଜନାରେ କାର୍ଯ୍ୟ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ପୋଖରୀକୁ ଲାଗି ଗ୍ରାମ ଜଙ୍ଗଲ କିସମ ଜାଗାରେ ପୁରୁଷ ପୁରୁଷ ଧରି ଭୂମିହୀନ ଭାବେ ଆଦିବାସୀ, ହରିଜନ ଲୋକେ ଛୋଟ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ସରୋବର କାର୍ଯ୍ୟ ଲାଗି ଦୋକାନୀ ମାନଙ୍କୁ ଉଛେଦ ପାଇଁ ପ୍ରସାଶନ ପକ୍ଷରୁ ନୋଟିସ୍ ଦିଆଯାଇଛି। ସରପଞ୍ଚ ଜୟନ୍ତୀ ପରିଡ଼ାଙ୍କ ସୂଚନା ଅନୁଯାୟୀ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଏକ ଏକରରୁ ବେଶୀ ଥିବା ପୋଖରୀକୁ ମାନସ ସରୋବର ଯୋଜନାରେ ଅନ୍ତର୍ଭୁକ୍ତ କରିବାର ନିର୍ଦ୍ଦେଶନାମା ରହିଥିବାବେଳେ ଗାଁ ରେ ଥିବା ଭୂୟାଁ ପୋଖରୀ ଓ ବଉଳ ପୋଖରୀ ଯାହା ଏକ ଏକରୁ ବେଶୀ ହେବ। ସାଧାରଣ ଲୋକ ପ୍ରଭାବିତ ହେବା ସହିତ ଲୋକଙ୍କର ଧନ ଜୀବନ ହାନୀ ହେବାର ଆଶଙ୍କା ଦର୍ଶାଇଛନ୍ତି। ଏହି ପୋଖରୀକୁ ଅମୃତ ସରୋବର ପୋଖରୀ ଭାବେ କାର୍ଯ୍ୟକାରୀତାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଉଚ୍ଛେଦ ପ୍ରକ୍ରିୟାକୁ ବନ୍ଦ ରଖି ପୁନଃ ବିଚାର କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଲିଖିତ ଦାବି କରିଛନ୍ତି। ସୁଗୋ ଆଦିବାସୀ ଅଧିକାର ମଞ୍ଚ ଓ ଭିଟାମାଟି ସୁରକ୍ଷା ମଞ୍ଚ ବାଣିଦା ଶାଖାର ନେତୃତ୍ୱରେ ପ୍ରତିନିଧିମାନେ ତହସିଲ୍‌ଦାର ସତ୍ୟଜିତ ମହାନ୍ତି, ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଓ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ମିଳିତ ମଞ୍ଚର ଆବାହକ ପଲଟୁ ଦାସ, ସରପଞ୍ଚ ଜୟନ୍ତୀ ପରିଡ଼ା, ବାମପନ୍ଥୀ ବରିଷ୍ଠ ନେତା ଦିଲ୍ଲୀପ ଗିରିଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟା ପ୍ରତିନିଧି ଓ ବହୁ ଗ୍ରାମବାସୀ ଦାବିପତ୍ର ପ୍ରଦାନରେ ସାମିଲ୍ ଥିଲେ। ପ୍ରକଳ୍ପର ସ୍ଥାନାନ୍ତର ଓ ପୁନର୍ବିଚାର ନହେଲେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ୧୫ରେ ଭୋଗରାଇରେ ଜାତୀୟ ସାମ୍ବାଦିକ ଦିବସ ପାଳିତ ହେବ

**ବାଲେଶ୍ୱର(ଉତ୍ତର), ୧୩।୧୧ (ସମିସ):** ବାଲେଶ୍ୱର ଜିଲା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇ ବ୍ଲକର ଆର ଆଇ ଏଚ ଏସ ମହାବିଦ୍ୟାଳୟରେ ପାଳିତ ହେବାକୁ ଯାଉଛି ଜାତୀୟ ସାମ୍ବାଦିକ ଦିବସ। ଆସନ୍ତା ୧୬ ତାରିଖ ରବିବାର ହେଉଥିବାରୁ ବିଭିନ୍ନ କାରଣରୁ ଗୋଟିଏ ଦିନ ପୂର୍ବରୁ ଶନିବାର ଅପରାହ୍ନ ୨ ଟାରେ ଏହି ଦିବସ ବୌଦ୍ଧିକ ପରିବେଶ ମଧ୍ୟରେ ଉକ୍ତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳନ ହେବ। ଏଥି ନିମନ୍ତେ ଚୂଡାନ୍ତ ପର୍ଯ୍ୟାୟରେ ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ଥାନାଛକସ୍ଥିତ ଏକ ହୋଟେଲରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମହାବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ ସମସ୍ତ ପ୍ରତିଯୋଗୀଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ। ଉକ୍ତ ଦିବସକୁ ଉଦଘାଟନ କରିବେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର। କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ନିବେଦନ କରାଯାଇଛି।

## ୨୧ରୁ ବିଶ୍ୱଶାନ୍ତି ମହାଯଜ୍ଞ

**ବାଲିଆପାଳ, ୧୩।୧୧(ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତରେ ବଡାଶ ଗ୍ରାମରେ ମହାଦେବ ମନ୍ଦିର ଠାରେ ବଟେଶ୍ୱର ୟୁଥ କ୍ଲବ୍ ପକ୍ଷରୁ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ଅପରାହ୍ନରେ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମହାଯଜ୍ଞ ପୂର୍ବରୁ ପନ୍ଦର ତାରିଖ ଦିନ ବିଶାଳ ରକ୍ତ ଦାନ ଶିବିର, ଷୋହଳ ତାରିଖ ଦିନ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ସଭାପତି ଅଭିଜିତ ଦାସ, ସମ୍ପାଦକ ଦିପକ କୁମାର ଗିରି, ଗୌରୀ ଶଙ୍କର ପାତ୍ର, ସୁଜିତ ଗିରି, ଗୋପାଳ ଚନ୍ଦ୍ର ପାତ୍ର, ଓମ୍ ପ୍ରକାଶ ସାହୁ, ଉପଦେଷ୍ଟା ପ୍ରଫୁଲ୍ଲ ସି, ମନ୍ମଥ ପାତ୍ର, ସରୋଜ କର ଗୌରହରି ଦେ, ଜୟନ୍ତ ଜେନା, ଧିରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**ବାଲିଆପାଳ/କାଳିପଦା, ୧୩।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ଦେଭୋଗସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ



ପାଇଁ ପ୍ରସ୍ତୁତି ବୈଠକ ଅଧକ୍ଷ ଗୌରାଙ୍ଗ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆସନ୍ତା ବର୍ଷ ଫେବୃଆରୀରେ ୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପୂର୍ବତନ ଛାତ୍ର ଛାତ୍ରୀ, ଅଭିଭାବକ, ଅବସରପ୍ରାପ୍ତ ଅଧାପକ, ଅଧାପିକା, ଅଣ ଶିକ୍ଷକ କର୍ମଚାରୀ, ପୂର୍ବତନ ପରିଚାଳନା ସମିତି, ଶିକ୍ଷାବିତ ଓ ଅନୁଷ୍ଠାନ ପ୍ରେମୀ, ମହାବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସମସ୍ତ ଉଦ୍ୟକ୍ତା ତଥା ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ସମାପନ ହେବାର ସିଦ୍ଧାନ୍ତ ନିଆଗଲା। ଖୁବ୍‌ଶୀଘ୍ର ସମସ୍ତଙ୍କ ପରାମର୍ଶ ପାଇଁ ମିଳିତ ବୈଠକ କରାଯାଇ ତାରିଖ ଧାର୍ଯ୍ୟ କରିଯିବାର ମତ ଅଧାପକ ସମୂହ ଦେଇଥିଲେ। ବରିଷ୍ଠ ଅଧାପିକା ଶାନ୍ତିଲତା ଗିରି, ବରିଷ୍ଠ ଅଧାପକ ସଚିନ୍ଦ୍ର ନାଥ ଦତ୍ତ, ବିକାଶ ଚନ୍ଦ୍ର ଜେନା, ଗଣେଶ ଚନ୍ଦ୍ର ସି, ବେଣୁଧର ନାୟକ, ସତ୍ୟନାରାୟଣ ସାହୁ, ମନୋଜ କୁମାର ମହାପାତ୍ର, କାମିନୀକାନ୍ତ ମହାନ୍ତି, ସଞ୍ଜୟ କୁମାର ଡାକୁଆ, ସୁଦର୍ଶନ ରଣା, ଶୁଭ୍ରାଞ୍ଜଳି ରାଉତ, ରଞ୍ଜିତ କୁମାର ସାହୁ, ବିଜୟ କୁମାର ନାୟକ, ମେଘମାଳା ପଢ଼ିଆରୀ, ଦୁର୍ଗାଶଙ୍କର ନାୟକ ପ୍ରମୁଖ ଯୋଗଦେଇ ନିଜର ମତାମତ ରଖିଥିଲେ। ଅଧକ୍ଷ ସମସ୍ତ ଅଧାପକ, ଅଧାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ସହଯୋଗ କାମନା କରିବା ପରେ ଅଧାପଜ ରଞ୍ଜନ କୁମାର ପାଢ଼ୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ମା'ଶୀତଳା ମାତା ସେବା ସଙ୍ଘର ସହାୟତା

**ଚନ୍ଦନେଶ୍ୱର, ୧୩।୧୧(ସମିସ):** ଭୋଗରାଇ ବ୍ଲକର କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ବିଚିତ୍ରପୁର ମା'ଶୀତଳା ମାତା ସେବା ସଙ୍ଘ ତରଫରୁ ଗୁରୁବାର ଏକ ଅସହାୟ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।



ବିଚିତ୍ରପୁର ଗ୍ରାମର ସ୍ୱର୍ଗତ ବିଦ୍ୟାଧର ଦଳାଇଙ୍କ ଅନ୍ତ୍ୟେଷ୍ଟୀ କ୍ରିୟା ପାଇଁ ତାଙ୍କ ବାସଭବନକୁ ସେବା ସଙ୍ଘର ସଦସ୍ୟମାନେ ଯାଇ ତାଙ୍କ ସ୍ତ୍ରୀଙ୍କୁ ସାତ ହଜାର ପାଞ୍ଚ ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେ ଜଣେ ଅସହାୟ ଓ ଅତ୍ୟନ୍ତ ଗରିବ ଲୋକ ଥିଲେ। ତାଙ୍କର ପୁଅ ନ ଥାଇ ୩ ଜଣ ଝିଅ ବହୁ ଦୁଃଖ କଷ୍ଟରେ ଧାର କରଜ କରି ବାହାଘର କରାଇଥିଲେ। ବାର୍ଦ୍ଧକ୍ୟ ସମୟରେ ନିଜେ ଓ ସ୍ତ୍ରୀ ଦୁଇ ଜଣ ଚଳିବା ପାଇଁ ବହୁତ ଅସୁବିଧା ହେଉଥିଲା। ତେଣୁ ତାଙ୍କର ଏକାଦଶାହରେ ନରେନ୍ଦ୍ର ବାରିକ, ତାପସ ରଞ୍ଜନ ମହାକୁଡ଼, ସତ୍ୟ କୁମାର ସାମଲ, ରାଜୀବ ବେହେରା, ସଞ୍ଜୀପ ପାତ୍ର, ସପନ ଖିଲାର, ସସ୍ମିତା ଜେନା, ଶରତ ଖିଲାର, ବାସୁଦେବ ପଣ୍ଡା, କମଳାକାନ୍ତ ଜେନା, ଶଶୀକାନ୍ତ ବେହେରା, ରାଜଶ୍ରୀ ଦାସ, ଅମର ମହାକୁଡ଼, ବନମାଳୀ ବେହେରା ପ୍ରମୁଖ ଓ ଅନ୍ୟମାନେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ସାରକୋଣା ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତି ସ୍ଥାପନ

**ଖଇରା, ୧୩।୧୧(ସମିସ):** ଖଇରା ବ୍ଲକ ଅଧୀନ ସାରକୋଣା ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ କରକମଳରେ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଜାତୀୟ ସ୍ୱାସ୍ଥ୍ୟମିଶନର କନିଷ୍ଠ ଯନ୍ତ୍ରୀ ରୁବି ଖାତୁନ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ଭାରତୀୟ ମଜଦୁର ସଙ୍ଘର ସଙ୍ଗଠନ ସମ୍ପାଦିକା କୁମମଣୀ ଦେଇ, ଦୋଳଗୋବିନ୍ଦ ମହାରଥା, ମାୟାଧର କୁଅଁର, ରାଜେଶ ରାଉତ, ଶିତିକଣ୍ଠ ପଣ୍ଡା, ପତିତପାବନ କର, ମନୋଜ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୃହ ନିର୍ମାଣ ସ୍ଥାନଟି ଖାଲୁଆ ହୋଇଥିବାରୁ ଘର ଉଚ୍ଚାସ୍ଥାନରେ କରିବାକୁ ବିଧାୟକ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

# ରାସନ କାର୍ଡ ଯାଞ୍ଚ ପ୍ରକ୍ରିୟା ବିରୋଧରେ ଗର୍ଜିଲେ ମହିଳା

ଭୋଗରାଇ, ୧୩।୧୧(ସମିସ)

ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅଫିସ ସମ୍ମୁଖରେ ପଞ୍ଚାୟତ ସମିତି ସଦସ୍ୟା ଅଞ୍ଜଳି ପାଢ଼ୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ମାନେ ରାସନ କାର୍ଡ ଯାଞ୍ଚ ପ୍ରକ୍ରିୟାକୁ ବିରୋଧ କରି ଗର୍ଜିବା ସହିତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବ ସରକାର ସମସ୍ତ ଗରିବ ସୀମାରେଖା ତଳେ ଥିବା ଲୋକମାନଙ୍କୁ ରାସନ କାର୍ଡ ଯୋଗାଇ ଦେଉଥିଲେ। ରାଜ୍ୟରେ ଥିବା ଡବଲ ଇଞ୍ଜିନ ସରକାର ସାଧାରଣ ଲୋକଙ୍କ ରାସନ କାର୍ଡ ଅଯୋଗ୍ୟ ଦର୍ଶାଇ ଭୋଗରାଇ ବ୍ଲକରେ ୪୬୮୨୦ ରାସନ କାର୍ଡ ଅଯୋଗ୍ୟ ଘୋଷିତ କରିଛନ୍ତି। ହେଲେ ଅନଳିଆ ପଞ୍ଚାୟତର ୧୮ ଟି ୱାର୍ଡର ୧୬୦୮ ଟି ରାସନ କାର୍ଡ ଅଯୋଗ୍ୟ ଘୋଷିତ ହେବାକୁ ବିରୋଧ କରି ଶତାଧିକ



ମହିଳା ଓ ପୁରୁଷ ଅନଳିଆ ପଞ୍ଚାୟତ ଅଫିସ ସମ୍ମୁଖରେ ଗର୍ଜିବା ସହିତ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସେଥିରେ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମାଲୋଚନା କରାଯାଇଥିଲା। ତାପରେ ଏକ ପ୍ରତିନିଧି ଦଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟାନନ୍ଦ ସିଁଙ୍କ ଜରିଆରେ ବିଡ଼ିଓଙ୍କ ପାଖକୁ ଏକ ଦାବିପତ୍ର ଦେଇଛନ୍ତି। ଯଦି ଆଗାମୀ ଦିନରେ ସରକାର ପଞ୍ଚାୟତରେ ଥିବା ଗୋଟିଏ ବି ଲୋକଙ୍କ ରେସନ କାର୍ଡ କାଟନ୍ତି ତେବେ ପଞ୍ଚାୟତର ସମସ୍ତ ଗରୀବ ଲୋକମାନେ ପ୍ରତିବାଦ ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ଘନଶ୍ୟାମ ପାଢ଼ୀ, ପ୍ରଦୀପ ସେଠୀ, ତପନ ପାତ୍ର, ରବୀନ୍ଦ୍ର ଗିରି, ଦୀପକ ଗିରି, ତପନ ପରମାଣିକ, ଯଜ୍ଞେଶ୍ୱର ଦାସ, ସପନ ବେହେରା, ପୂର୍ଣ୍ଣଚନ୍ଦ୍ର ପାଳ, ନିଳକଣ୍ଠ ଘଡାଇ, ଆରତୀ ବେହେରା, ଶାନ୍ତିଲତା ମାଝୀ, କାଜଲ ମହାନ୍ତି, ଚନ୍ଦନା ସିଂ, କୈଶଲ୍ୟା ବେହେରା, ସରସ୍ୱତୀ ବେହେରା, ମିନତି ପାଢ଼ୀ, ସୁମତୀ ଜେନା, କନକଲତା ଗିରି, ଶାନ୍ତିଲତା ଜେନା, ସୁମତୀ ପଣ୍ଡା, ଅଞ୍ଜଳି ମାଝୀ, ବାସନ୍ତୀ ପାତ୍ର, କାଜଲ ପାତ୍ର, ସନ୍ଧ୍ୟାରାଣୀ ମଣ୍ଡଳ, ଅନ୍ନପୂର୍ଣ୍ଣା ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ମନ୍ଦାକିନୀ ଗିରି, ଆରତୀ ମାଝୀ ପ୍ରମୁଖ ଶତାଧିକ ମହିଳା ପୁରୁଷମାନେ ପ୍ରତିବାଦ କରିଥିଲେ।

## ଝିଙ୍କିରିଆରେ ସ୍ୱାସ୍ଥ୍ୟସେବା ଶିବିର



**ଖଇରା, ୧୩।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଝିଙ୍କିରିଆ ସତ୍ୟଶିବ ସୁନ୍ଦର ହାଇସ୍କୁଲ ପରିସରରେ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ସେବା ଶିବିର ହାଇଟେକ ମେଡିକାଲ କଲେଜ ସହଯୋଗରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଭିନ୍ନ ବିଭାଗରୁ ଆସିଥିବା ବିଶେଷଜ୍ଞ ଡା. ଆଶିଷ ପାଣି, ଡା. ପ୍ରତୀକ କୁମାର ଦାଶ, ଡା. ଚୈତନ୍ୟ ଆଦଲା, ଡା. ମଳୟ ସେଠୀ, ଡା. କୌଶିକ ବେହେରା, ଶୁଭାଶିଷ ମେଣ୍ଟୁଳି, ସୂର୍ଯ୍ୟକାନ୍ତ ସାମଲଙ୍କ ଦ୍ୱାର ୮ ଶହରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ, ରକ୍ତ ଓ ଇସିଜି ପରୀକ୍ଷା କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ପୂର୍ବତନ ସମିତିସଭ୍ୟ କୈଳାସ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ପ୍ରଧାନଶିକ୍ଷକ ଅଜୟ ପଲେଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ସୂତାର, ବିଜୟ ସୂତାର, ରଥ ସୂତାର, ସ୍ଥାନୀୟ ସରପଞ୍ଚ ନିତୁନିବେଦିତା ମାଝୀ, ସମିତିସଭ୍ୟା ରଶ୍ମିତା ଜେନା, ଯୁବନେତା ନୀଳମାଧବ ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ଅଜୟ ସାମଲ, ମଧୁସୂଦନ ପାତ୍ର, ମହେଶ୍ୱର ରାଉତ ତଥା ସତ୍ୟସାଇ ସଙ୍ଗଠନର ସେବକ ରମେଶ ସୂତାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

● ପୂର୍ବାଞ୍ଚଳ ଗବେଷଣା ସମ୍ମିଳନୀ

## ଏଫ୍ଏମ୍ୟୁ ଗବେଷକ ଛାତ୍ରଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ



ବାଲେଶ୍ୱର, ୧୩।୧୧(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଛଅଜଣ ଗବେଷଣାରତ ଛାତ୍ର ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଦ୍ୱାରା ଆୟୋଜିତ ଏବଂ ଅରୁଣାଚଳ ପ୍ରଦେଶର ପାସିଘାଟ ସ୍ଥିତ ଏପେକ୍ସ ପ୍ରଫେସନାଲ ୟୁନିଭର୍ସିଟି ଠାରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଗବେଷଣା ସମ୍ମିଳନୀ 'ଅନ୍ୱେଷଣ୨୦୨୫'ରେ ଯୋଗଦେଇ ସଫଳତା ଅର୍ଜନ କରିଛନ୍ତି। ବିଶ୍ୱବିଦ୍ୟାଳୟ ଗବେଷକ ଦଳ କୃଷି ଏବଂ ସମ୍ବନ୍ଧିତ ବିଜ୍ଞାନ, ସ୍ୱାସ୍ଥ୍ୟ ଏବଂ ସମ୍ବନ୍ଧିତ ବିଜ୍ଞାନ, ମୌଳିକ ବିଜ୍ଞାନ ଏବଂ ବହୁମୁଖୀ-ଗବେଷଣା ସହିତ ଚାରୋଟି ମୁଖ୍ୟ ବିଷୟରେ ନୂତନତ୍ୱ ନେଇ ଗବେଷଣା ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ର ସୁନୀଲ କୁମାର ଗୋଛି ଏବଂ ସଞ୍ଜିତ କୁମାର ସାହୁ, କୃଷି ଏବଂ ସମ୍ବନ୍ଧିତ ବିଜ୍ଞାନ ବିଭାଗରେ ନିଜ ଗବେଷଣା ପ୍ରକଳ୍ପ 'ଗ୍ରାମୀଣ ଜୀବିକା ଏବଂ ସ୍ଥାୟୀ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମୂଲ୍ୟଯୁକ୍ତ ଉତ୍ପାଦ ଭାବରେ ପାନ ତେଲ ଆଧାରିତ ମଶା ଘୃଣକ ବାଷ୍ପୀକରଣର ବିକାଶ' ପାଇଁ ଦ୍ୱିତୀୟ ରନର୍ସ-ଅପ୍ ପୁରସ୍କାର ଅର୍ଜନ କରିଛନ୍ତି। ଅନ୍ୟ ଅଂଶଗ୍ରାହୀ ଗବେଷକ ହେଲେ ଜ୍ୟୋତି ପ୍ରକାଶ ମହାନ୍ତି ଓ ଶୁଭେନ୍ଦୁ ଶେଖର ପାଣି ଓ ଗୌତମ ଚନ୍ଦ୍ର ମାଲିକ, ସୌମ୍ୟରଞ୍ଜନ ଦାଶ। ସମଗ୍ର କାର୍ଯ୍ୟସୂଚୀର ସଂଗଠନ ଏବଂ ସମନ୍ୱୟ ଛାତ୍ର କଲ୍ୟାଣ ବିଭାଗ ଦ୍ୱାରା ହୋଇଥିଲା ତଥା, ଡ. ନିହାର ରଞ୍ଜନ ରାଉତ (ନିର୍ଦ୍ଦେଶକ, ଛାତ୍ର କଲ୍ୟାଣ ଏବଂ ବିଶ୍ୱବିଦ୍ୟାଳୟସ୍ତରୀୟ ଅନ୍ୱେଷଣ ସମନ୍ୱୟକାରୀ)ଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନା ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ସଫଳ ଗବେଷକ ଛାତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ରାସ୍ତା ପାଇଁ ହନ୍ତସନ୍ତ ତାମୁଲିଆ ଫାଟକ କଲୋନୀବାସୀ

● ରେଳ ବିଭାଗ କାମ ଆରମ୍ଭ ପରେ ଯାତାୟାତ ରାସ୍ତା ବନ୍ଦ
● ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ
● କୁରୁଡା ସରପଞ୍ଚଙ୍କ ହସ୍ତକ୍ଷେପରେ ହେଲା ସମାଧାନ





ବାଲେଶ୍ୱର, ୧୩।୧୧(ସମିସ)

ଯାତାୟାତ ରାସ୍ତା ପାଇଁ ହଇରାଣ ହେଉଛନ୍ତି କଲୋନୀବାସୀ। ରେଲୱେର ରେଳ ଧାରଣା ସମ୍ପ୍ରସାରଣ କାମ ଆରମ୍ଭ ପରେ ଦେଖାଦେଇଛି ଯାତାୟାତ ରାସ୍ତା ସମସ୍ୟା। ଯାତାୟାତ ପାଇଁ ରାସ୍ତା ପାଉନାହାନ୍ତି ସ୍ଥାନୀୟବାସୀ। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସହରର ତାମୁଲିଆ ଫାଟକ ପାଖ କଲୋନୀର ମୁଖ୍ୟ ରାସ୍ତାକୁ ରେଳ ବିଭାଗ ତରଫରୁ ବନ୍ଦ କରାଯାଉଥିବା ସମସ୍ୟାକୁ ନେଇ କଲୋନୀ ବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପାଖା ପାଖି ଶହେରୁ ଅଧିକ ପରିବାରଙ୍କ ଯାତାୟାତ ବନ୍ଦ ହୋଇଯାଉଥିଲା। ମାତ୍ର ଏହି ସମସ୍ୟା ବାବଦରେ କୁରୁଡା ସରପଞ୍ଚ ତାପସ କୁମାର ପାଣିଗ୍ରାହୀ ଜାଣିବା ପରେ ରେଳ ବିଭାଗର ଉଚ୍ଚ ପଦସ୍ଥ କର୍ମଚାରୀ ଆଲୋଚନା କରିଛନ୍ତି। ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯାଇଛି। ଆଗାମୀ ୧୫ ଦିନ ଭିତରେ ରେଳ ବିଭାଗ ତରଫରୁ ରାସ୍ତା ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ମିଳିଛି। କଲୋନୀକୁ ଆପାତତଃ ଆମ୍ବୁଲାନ୍ସ ଯିବା ପାଇଁ ଏକ ରାସ୍ତା ତିଆରି କରି ଦିଆଗଲେ ସେଠାରେ ନିର୍ମିତ ହେଉଥିବା ଅତିରିକ୍ତ ରେଳ ଧାରଣା କାମରେ ସମସ୍ତ କଲୋନୀବାସୀ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଲେ ଏବଂ ଏହି ସର୍ତ୍ତରେ ରେଳ ବିଭାଗ ମଧ୍ୟ ରାଜି ହୋଇଛନ୍ତି ବୋଲି ସରପଞ୍ଚ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ଧରି ତାମୁଲିଆ ଫାଟକ ରେଲୱେ କଲୋନୀ ନିକଟରେ ଶହେରୁ ଅଧିକ ପରିବାର ଜାଗା କିଣି ରହିଛନ୍ତି। ଆଦିବାସୀ ସାହି ସହିତ ଜୁଗୁନୁ ଆଦି ସାହି ରହିଛି। ତେବେ ଜାଗା କିଣିବା ସମୟରେ ଉକ୍ତ ରାସ୍ତାକୁ ସେମାନଙ୍କର ଯିବା ଆସିବା ରାସ୍ତା ବୋଲି ବିକିଥିବା ଲୋକ ଦର୍ଶାଇଥିଲେ। କଲୋନୀ ଲୋକ ବର୍ଷ ବର୍ଷ ଧରି ସେହି ରାସ୍ତାକୁ ମଧ୍ୟ ଯାତାୟାତ ରାସ୍ତା ଭାବେ ବ୍ୟବହାର କରିଆସୁଛନ୍ତି। ହେଲେ ଏବେ ରେଳ ବିଭାଗ ପକ୍ଷରୁ ରେଳ ସମ୍ପ୍ରସାରଣ କାମ ଆରମ୍ଭ ହେବା ପରେ ଉକ୍ତ ରାସ୍ତା ଯାତାୟାତ ପାଇଁ ବନ୍ଦ କରିଦିଆଯାଇଛି। ଫଳରେ କଲୋନୀ ବାସୀଙ୍କ ଯାତାୟାତ ବନ୍ଦ ହୋଇଯାଇଥିଲା। ଏ ନେଇ ସ୍ଥାନୀୟ ବାସୀ ପ୍ରଥମ ରେଳ ବିଭାଗକୁ ଦେଖା କରି ଜଣାଇଲେ ଥିଲେ ଏହି ରେଳ ବିଭାଗର ବୋଲି କୁହାଯାଇଥିଲା ଏବଂ ରାସ୍ତା ମିଳିବ ନାହିଁ ବୋଲି ମଧ୍ୟ ମନା କରିଦେଇଥିଲେ। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ ରେଲୱେ ବିଭାଗୀୟ କାମକୁ ଅଟକାଇଥିଲେ। ଏହାପରେ ଏହି ସମସ୍ୟା ବାବଦର ସମାଧାନ ପାଇଁ କୁରୁଡ଼ା ସରପଞ୍ଚ ତାପସ କୁମାର ପାଣିଗ୍ରାହୀ ହସ୍ତକ୍ଷେପ କରିଥିଲେ। ଏହାର ସମାଧାନ ପାଇଁ ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ସମାଧାନ ହୋଇପାରିନଥିଲା। ସମାଧାନ ନ ହେଲେ କାମ କରିବାକୁ ଦିଆଯିବ ନାହିଁ ବୋଲି ସ୍ଥାନୀୟ ଲୋକେ କହିଥିଲେ। ଫଳରେ ସ୍ଥାନୀୟ ଲୋକ, କୁରୁଡା ସରପଞ୍ଚଙ୍କ ସହ ରେଳ ବିଭାଗ କର୍ତ୍ତୃପକ୍ଷ, ପ୍ରୋଜେକ୍ଟ ମ୍ୟାନେଜର ଏବଂ କଣ୍ଟ୍ରାକ୍ଟରଙ୍କ ସହ ଆଲୋଚନା ହୋଇଛି। ଆଗାମୀ ୧୫ ଦିନ ମଧ୍ୟରେ ୧୨ ଫୁଟ୍‌ର ସର୍ଭିସ୍ ରାସ୍ତା ରେଳ ବିଭାଗ ତିଆରି କରିବା ନେଇ ପ୍ରତିଶ୍ରୁତି ଦେଇଛି। ଯାହା କଲୋନୀବାସୀ ସୁବିଧାରେ ଯାତାୟାତ କରିପାରିବେ। ଏହି ପ୍ରତିଶ୍ରୁତି ପରେ ସ୍ଥାନୀୟ ଲୋକେ ରେଳ ବିଭାଗକୁ ପୁଣିଥରେ କାମ ଆରମ୍ଭ କରିବାରେ ସହଯୋଗ କରିଛି। ଯଥାଶୀଘ୍ର ତାମୁଲିଆ ଫାଟକ କଲୋନୀକୁ ଏକ ରାସ୍ତା ତିଆରି କରିବ ବିଭାଗ ବୋଲି ସୂଚନା ମିଳିଛି।

● 'ସ୍ରଷ୍ଟା' କାର୍ଯ୍ୟକାରୀ ସଦସ୍ୟମାନଙ୍କ ବୈଠକ

## ଫେବୃଆରୀ ପହିଲାରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ବାଲେଶ୍ୱର, ୧୩।୧୧(ସମିସ): ସହରର ସର୍ବପୁରାତନ ଅଗ୍ରଣୀ ନାଟ୍ୟ ସଂସ୍ଥା 'ସ୍ରଷ୍ଟା' ପକ୍ଷରୁ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆସନ୍ତା ଫେବୃୟାରୀ ପହିଲାରୁ ଆରମ୍ଭ ହେବ। ୮ ଦିନ ବ୍ୟାପୀ ଏହି ମହୋତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ସ୍ରଷ୍ଟା ପକ୍ଷରୁ ଆୟୋଜିତ କାର୍ଯ୍ୟକାରୀ ସଦସ୍ୟମାନଙ୍କ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଆଠ ଦିନିଆ ମହୋତ୍ସବର ଆଦ୍ୟ ଦିବସରେ ଏକ ଏକକ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବାର ସ୍ଥିର କରାଯାଇଛି। ଏହାବ୍ୟତୀତ ଅନ୍ୟ ସାତ ଦିନ ସ୍ରଷ୍ଟାର ନିଜସ୍ୱ ଦୁଇଟି ନାଟକ ସହ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପାଞ୍ଚୋଟି ସୁପ୍ରତିଷ୍ଠିତ ନାଟ୍ୟ ସଂସ୍ଥା ମାନଙ୍କୁ ନେଇ ପ୍ରତିଦିନ ଗୋଟିଏ ଲେଖାଏଁ ନାଟକ ମଞ୍ଚସ୍ଥ ହେବାର ସ୍ଥିର କରାଯାଇଛି। ଏହି ମହୋତ୍ସବକୁ ସୁନ୍ଦର କରିବା ନିମନ୍ତେ ବାଲେଶ୍ୱରର ନାଟ୍ୟପ୍ରେମୀ, ଦର୍ଶକ, ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ ମାନଙ୍କୁ ସ୍ରଷ୍ଟା ପକ୍ଷରୁ ବିନମ୍ର ନିବେଦନ କରାଯାଇଛି। ଏହାବ୍ୟତୀତ ଏକକ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ସଂସ୍ଥା, ବ୍ୟକ୍ତି ବିଶେଷ 'ସ୍ରଷ୍ଟା'ର ସମ୍ପାଦକଙ୍କ ସହ ୯୮୬୧୩୫୦୯୫୧ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ମୁଁ ବି ବୈଜ୍ଞାନିକ ହେବି' କାର୍ଯ୍ୟକ୍ରମ

ବାଲେଶ୍ୱର/ସୋର, ୧୩।୧୧(ସମିସ): ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଇନଷ୍ଟିଚ୍ୟୁଟ୍ ଅଫ ଫିଜିକ୍ସ ଦ୍ୱାରା ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ 'ମୁଁ ବି ବୈଜ୍ଞାନିକ ହେବି ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା



ସଭାପତିତ୍ୱ କରିଥିଲେ। ଇନଷ୍ଟିଚ୍ୟୁଟ୍ ଅଫ ଫିଜିକ୍ସ ନିର୍ଦ୍ଦେଶକ ପ୍ରଫେସର ଡ. କରୁଣାକର ନନ୍ଦ ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟର ଶୁଭାରମ୍ଭ କରି ଥାର୍ମୋମିଟର ଇତିହାସ ବିଷୟରେ କହିଥିଲେ। ବିଜ୍ଞାନ ଦ୍ୱାରା ମଣିଷ କେମିତି ବଞ୍ଚି ପାରୁଛି ସେ ବିଷୟରେ କହିଥିଲେ। ରସାୟନ ବିଜ୍ଞାନ ଅଧ୍ୟାପକ ତଥା ଅଗ୍ନି ଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଡ଼ଃ ପଙ୍କଜ କୁମାର ଜେନା ଅତିଥିମାନଙ୍କୁ ନିମନ୍ତ୍ରଣ କରିବା ସହିତ ଗ୍ରାମାଞ୍ଚଳ ପିଲାମାନଙ୍କ ପାଖରେ ନିର୍ଦ୍ଦେଶକ ସ୍ୱୟଂ ଉପସ୍ଥିତ ହୋଇଥିବାରୁ ଧନ୍ୟବାଦ ଦେଇଥିଲେ। ବୈଜ୍ଞାନିକ ଡ. ବିଶ୍ୱଜିତ୍ ମଲ୍ଲିକ ବିଜ୍ଞାନ ଦ୍ୱାରା ଫୁଲରୁ ପକୁଡ଼ି ତିଆରି କରିଥିଲେ ଓ ବୈଜ୍ଞାନିକ ଡ଼ଃ ସଚିନ ଷଡ଼ଙ୍ଗୀ ପରମାଣୁର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏଥିସହିତ ବିଦ୍ୟାଳୟର ପିଲାଙ୍କ ପାଇଁ ଇନଷ୍ଟିଚ୍ୟୁଟ୍ ଅଫ ଫିଜିକ୍ସ ପରିଦର୍ଶନର ଅନୁମତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ଅଧ୍ୟାପକ ଅଜୟ କୁମାର ବାରିକ, ଅଧ୍ୟାପକ ଡ଼ଃ ପଙ୍କଜ କୁମାର ଜେନା, ଅଧ୍ୟାପକ ପ୍ରଶାନ୍ତ କୁମାର ଜେନା, ଅଧ୍ୟାପିକା ରଞ୍ଜିତାବାଳା ମହାପାତ୍ର, ସନ୍ଧ୍ୟାରାଣୀ ଜେନା, ଅନ୍ନପୂର୍ଣ୍ଣା ଜେନା, ସୁଜିତ୍ କୁମାର ଗୋଛାୟତ, କସ୍ତୁରୀ ପଳତା, ଶାନ୍ତନୁ କୁମର ପାତ୍ର, ସୁଦେଷ୍ଣା ଦାଶ ମହାପାତ୍ର, ମନୋଜ କୁମାର ସବର, ଇତିଶ୍ରୀ ମହଲା, ଗଜେନ୍ଦ୍ର କବି, ଅଣାକାର ନାୟକ, ପ୍ରଦ୍ୟୁମ୍ନ ସାହୁ, ଭରତ ମାହାଣା, ଭରତ କୁମାର ବାରିକ ସଫଳ ମଣ୍ଡିତ କରିବାର ସହାୟକ ହୋଇଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ସତ୍ୟ ନାରାୟଣ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

● ସ୍ତ୍ରୀର ଶେଷ ଦର୍ଶନ କରିବାକୁ ଆସି ସ୍ୱାମୀ ଅଟକ ଘଟଣା

## କାନାଡ଼ାରୁ ପୁଅ ଫେରିଲା, ମା'ର ହେଲା ଶେଷକୃତ୍ୟ



ବାଲେଶ୍ୱର, ୧୩।୧୧(ସମିସ): ବୁଧବାର ପୌରପରିଷଦର ୧୮ ନମ୍ବର ୱାର୍ଡ ଅରଡବଜାର ଅଞ୍ଚଳରେ ଏକ ରୋଚକ ଘଟଣା ଦେଖିବାକୁ ମିଳିଥିଲା। ବସ୍ତା ବ୍ଲକ ଅର୍ନ୍ତଗତ ରାଜୁଆପଡ଼ା ଗ୍ରାମର ସୃଷ୍ଟିଧର ଦେଙ୍କ ପତ୍ନୀ ବାଲିଆପାଳ ପାରୁଳିଆ ଗ୍ରାମର ଛବିରାଣୀ ଦେଙ୍କ ରବିବାର ଦିନ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଥିଲା। ତେବେ ତାଙ୍କ ସ୍ୱାମୀ ସୃଷ୍ଟିଧର ଖବର ପାଇ ରବିବାର ସେଠାକୁ ଆସି ପତ୍ନୀଙ୍କର ଶେଷ ଦର୍ଶନ କରି ପଳାଇଯିବାକୁ ବସିଥିଲେ। ଗାଁ ଲୋକେ ତାଙ୍କୁ ଯିବାକୁ ନ ଦେଇ ଘରେ ଅଟକ ରଖିଥିଲେ। ଅନ୍ୟପଟେ ୫ଦିନ ଧରି ତାଙ୍କ ପତ୍ନୀଙ୍କର ମର ଶରୀର ଡିପ ଫ୍ରିଜରରେ ରଖାଯାଇଥିଲା। କାନାଡାରୁ ଫେରି ତାଙ୍କ ପୁଅ ସଞ୍ଜୀବ ଗୁରୁବାର ଅରଡବଜାରସ୍ଥିତ ତାଙ୍କ ଘରେ ପହଁଚିବା ପରେ ମା'ଙ୍କ ଅନ୍ତିମ ସଂସ୍କାର କରିଥିଲେ। ଅନ୍ୟପଟେ ସ୍ୱାମୀ ସୃଷ୍ଟିଧର ସେଠାରେ ଉପସ୍ଥିତ ଥିଲେ ସୁଦ୍ଧା କୌଣସି କାର୍ଯ୍ୟରେ ଯୋଗଦାନ କରିନଥିଲେ।

## ଶୋଭାରାମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର

ବାଲେଶ୍ୱର, ୧୩।୧୧(ସମିସ): ଶୋଭାରାମପୁରସ୍ଥିତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଛବିରାଣୀ ବିକାଶ ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ସର୍ବଶେଷରେ ୨୦ ୟୁନିଟ ରକ୍ତ ସଂଗ୍ରହ ହେଇଥିଲା। ଏହି ଶିବିରରେ



ବାଲେଶ୍ୱର ପୌରପାଳିକା ଅଧକ୍ଷା ସବିତା ସାହୁ, ସ୍ଥାନୀୟ କାଉନସିଲର ନିରୁପମା ଦାସ, ଭାଗବତ ସାହୁ, କାଉନସିଲର ରଞ୍ଜିତା ମହାପାତ୍ର, ସୁଲିଆ ପଣ୍ଡା, ସୂର୍ଯ୍ୟ କର, ସତ୍ୟେନ୍ଦ୍ର ଦାସ, ଭରତ ଭୂଷଣ ଦାସ, ମିନତୀ ସେଠି, ସୋନାଲି ସାହା, ଅମୀୟ ମହାନ୍ତି, ଗୋପାମୁଦ୍ରା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସଂସ୍ଥାର ସଭାପତି ଛବିରାଣୀ ମନ୍ତ୍ରୀ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।

## ବିଦ୍ୟାଳୟରେ ବିଜ୍ଞାନ ଓ ଖାଦ୍ୟ ପ୍ରଦର୍ଶନୀ

ବାଲେଶ୍ୱର, ୧୩।୧୧(ସମିସ): ସହଦେବଖୁଣ୍ଟାସ୍ଥିତ ଡ୍ରିମ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ବିଜ୍ଞାନ ଓ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ୭୦ଟି ସୃଜନଶୀଳ ବିଜ୍ଞାନ ପ୍ରକଳ୍ପ ସମସ୍ତଙ୍କୁ ଆକର୍ଷଣ କରିଥିଲା। ବିଦ୍ୟାଳୟ ନିର୍ଦ୍ଦେଶିକା ଓ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ



ପ୍ରଧାନ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ତିଆରି କରିବାରେ ଦିଗଦର୍ଶନ ଦେଇଥିଲେ। ପ୍ରଦର୍ଶନୀରେ ପରିବେଶ ସୁରକ୍ଷା, ପ୍ରଦୂଷଣ, ରୋବୋଟିକ୍ସ, କୃଷି ନବୀନତା, ଜଳ ସଂରକ୍ଷଣ, ସୌରମଣ୍ଡଳ, ଦିନ ରାତି, ଦୈନନ୍ଦିନ ଜୀବନରେ ବିଜ୍ଞାନର ପ୍ରୟୋଗ ଭଳି ବିଭିନ୍ନ ବିଷୟ ଉପରେ ଆଧାରିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅଭିଭାବକଙ୍କ ଉଦ୍ୟମରେ ଖାଦ୍ୟ ପ୍ରଦର୍ଶନୀ ଓ ଫୁଡ୍ ଷ୍ଟଲ୍‌ଗୁଡ଼ିକ ମଧ୍ୟ ସଜାଯାଇଥିଲା। ପ୍ରଦର୍ଶନୀକୁ ସଫଳ କରିବାରେ ଚନ୍ଦ୍ରଜନ୍ତ ରାଉତ, ରତନ କୁମାର ଘୋଷ, କରିଶ୍ମା ମୁର୍ମୁ, ସସ୍ମିତା ପାହାଡ଼ା ସିଂହ, ଶ୍ରୀମତୀ ଦଳଇ, ଆଦ୍ୟାଶା ପ୍ରଧାନ, ରିତିକା ସୋମ, ଅଦିତି ପାତ୍ର, ସୁଶ୍ରୀ ସଙ୍ଗୀତା କର, ଲଳିତା ପାଣ୍ଡେ ଓ ମନିଷା ସୌ ସହଯୋଗ କରିଥିଲେ। ସହାୟକ କର୍ମଚାରୀ କଳ୍ପନା ବେହେରା ଓ ମଞ୍ଜୁ ସାହୁ କାର୍ଯ୍ୟକ୍ରମରେ ସେବା ଯୋଗାଇଥିଲେ।

## ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ବାଲେଶ୍ୱର ଜିଲ୍ଲା ସମିତିର ବୈଠକ

ବାଲେଶ୍ୱର, ୧୩।୧୧(ସମିସ): ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଉତ୍ତରାଞ୍ଚଳ ସମ୍ପାଦକ ଭବାନୀ ଶଙ୍କର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ନୂତନ ଭାବେ ଜିଲ୍ଲା ସଭାପତି ଦାୟିତ୍ୱ ନେଇଥିବା ପ୍ରଜ୍ଞା ପାରମିତା ମହାନ୍ତିଙ୍କୁ ସମସ୍ତେ ସ୍ୱାଗତ କରିବା ପରେ ଶ୍ରୀମତୀ ମହାନ୍ତି ବୈଠକ ପରିଚାଳନା କରିଥିଲେ। ସଂଗଠନ ସମ୍ପାଦକ ନିତ୍ୟାନନ୍ଦ କର ବିଗତ ଦିନରେ ଜିଲ୍ଲାରେ ମହାପ୍ରଭୁଙ୍କ ସେବା ଭାବେ ଯେଉଁ ସବୁ କାର୍ଯ୍ୟ କରାଯାଇଥିଲା ତାହା ଉପରେ ସମ୍ୟକ ଧାରଣା ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ୍ତ କୁମାର ସାହୁ ଆଗାମୀ ମାସ ୨୦ ଏବଂ ୨୧ ଦୁଇ ଦିନ ପୁରୀଠାରେ ଆୟୋଜିତ ହେବାକୁ ଥିବା କର୍ମଶାଳା ଏବଂ



ବାର୍ଷିକ ସାଧାରଣ ସଭା ବିଷୟରେ ଅବଗତ କରାଇଥିଲେ। ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ସବୁ ଜିଲ୍ଲାରେ ମହାପ୍ରଭୁଙ୍କ ମହିମାର ପ୍ରଚାର ପ୍ରସାର ସହ ଗଢି ଉଠିଥିବା ସମସ୍ତ ମନ୍ଦିରରେ ନୀତିକାନ୍ତି କିପରି ପୁରୀ ଢାଞ୍ଚାରେ ପ୍ରତିପାଦିତ ହେବ ସେ ବିଷୟରେ ସର୍ବଦା ଚେଷ୍ଟା ଜାରି ରଖିଛି। ବାଲେଶ୍ୱର ଜିଲ୍ଲାରେ ଉକ୍ତ କାର୍ଯ୍ୟକ୍ରମ କିପରି ଶୃଙ୍ଖଳିତ ଢଙ୍ଗରେ ଆଗେଇ ନେଇ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ପଣ୍ଡିତ ସୁଶାନ୍ତ କୁମାର ପଣ୍ଡା, ବଂଶୀଧର ପଣ୍ଡା, ମିନତୀ କର, କୁମୁଦ ରଞ୍ଜନ ଗିରି, ଚିତ୍ତରଞ୍ଜନ ଦାଶ, ରଜନୀକାନ୍ତ ପାଣିଗ୍ରାହୀ, ବିଜୟ କୁମାର କର, ବିରଞ୍ଚି ନାରାୟଣ ପଣ୍ଡା, ନକୁଳ ଚନ୍ଦ୍ର କର, ବ୍ରଜକିଶୋର ବାରିକ, ପ୍ରଭାସ ଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ଦାସ, ଜଗନ୍ନାଥ ଶଙ୍ଖୁଆ, ଭାବଗ୍ରାହୀ ନାୟକ, ପ୍ରଦୀପ କୁମାର କର, ରମାକାନ୍ତ ସେଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ରୋଟାରୀ କ୍ଲବ ପକ୍ଷରୁ ନେସନ୍ ବିଲଡର୍ ଆୱାର୍ଡ ସେରମନି

● ୧୦ଜଣ ରାଷ୍ଟ୍ର ନିର୍ମାଣକାରୀ ପ୍ରତିଭା ସମ୍ମାନିତ




ବାଲେଶ୍ୱର, ୧୩।୧୧(ସମିସ): ରୋଟାରୀ କ୍ଲବ ପକ୍ଷରୁ ନେସନ୍ ବିଲଡର୍ ଆୱାର୍ଡ ସେରିମନି କାର୍ଯ୍ୟକ୍ରମ ରୋଟାରୀ ଭବନରେ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରୋ. ଦେବାଶିଷ ଦାସଙ୍କ ଅଧକ୍ଷତା ଓ ରୋ. ଦେବେନ୍ଦ୍ର କୁମାର ଧଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ଅଧକ୍ଷା ଝାନସୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ର ନିର୍ମାଣକାରୀ ୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତଥା କୃତି ପ୍ରତିଭାଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୨୦୧୪-୨୫ ବର୍ଷ ପାଇଁ ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ ଦ୍ୱାରା କ୍ଲବ ଏବଂ କ୍ଲବର କୃତି ସଭ୍ୟଙ୍କୁ ଉନ୍ନତ ସେବା ପ୍ରଦାନ କରାଯାଇଥିବା ହେତୁ ଯେଉଁ ସମ୍ମାନ ଓ ମାନପତ୍ର ପ୍ରଦାନ କରାଯାଇଥିଲା ତାହାକୁ ପୂର୍ବ ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ହସ୍ତାନ୍ତର କରିଥିଲେ। କ୍ଲବ ସମ୍ପାଦକ କମଳାକାନ୍ତ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# କରତକଳ ବନ୍ଦ; ଜୀବିକା ହରାଇଛନ୍ତି ଶତାଧିକ କାଠ କାରିଗର

### ୨୦ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବ ଜୀବନ ଜୀବିକା ସୁରକ୍ଷା ସଂଯୁକ୍ତ ଗଣପରିଷଦ

ବାଲେଶ୍ୱର, ୧୩।୧୧(ସମିସ)

କାଠଶିଳ୍ପରେ କାର୍ଯ୍ୟ କରୁଥିବା ସମସ୍ତ ବର୍ଗର ଶ୍ରମିକମାନଙ୍କୁ ନେଇ ଗଠିତ 'ଜୀବନ ଜୀବିକା ସୁରକ୍ଷା ସଂଯୁକ୍ତ ଗଣପରିଷଦ'ର ଶତାଧିକ ସଭ୍ୟ ତଥା ଶ୍ରମିକମାନେ ଆସନ୍ତା ୨୦ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବିପତ୍ର ଦେବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆଜି ସ୍ଥାନୀୟ ଷ୍ଟେସନ କ୍ଲବ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ପରିଷଦର ସମ୍ପାଦକ ପ୍ରବୋଧ କୁମାର ପରିଡ଼ା ଭିତ୍ତିପତ୍ର ଓ ୫ଦଫା ଦାବିପତ୍ର ଆଗତ କରିଥିଲେ। ରାଜ୍ୟ ସରକାରଙ୍କର ତ୍ରୁଟିପୂର୍ଣ୍ଣ କରତକଳ ଆଇନ ଯୋଗୁଁ ବାଲେଶ୍ୱର ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା କରତକଳ ଗୁଡ଼ିକ ବନ୍ଦ ହୋଇଯାଇଛି। ଫଳରେ କାଠଶିଳ୍ପକୁ ବେଉସା କରି ଚଳୁଥିବା ଶହଶହ ଶ୍ରମିକ, ନୌକାରେ ମାଛ ଧରୁଥିବା ମତ୍ସ୍ୟଜୀବୀ, ଘରର କାଠ ଉପକରଣ ଓ ଝିଅ ବିଭାଘର ବେଳେ କନ୍ୟାପିତା ଦେଉଥିବା ଖଟ, ପଲଙ୍କ, ଆଲଣା ପ୍ରଭୃତି ସାମଗ୍ରୀ ନିର୍ମାଣ




କରୁଥିବା ଗ୍ରାମାଞ୍ଚଳର କାଠ କାରିଗର ଓ ହେଲପରମାନେ ନିଜର ଜୀବିକା ହରାଇଛନ୍ତି। ଜିଲ୍ଲାର ସୋମନାଥପୁର ଓ ପଣପଣାରେ ମାତ୍ର ଦୁଇଟି ସ୍ଥାନରେ କରତକଳ ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ତେଣୁ ଜିଲ୍ଲାର ଉପାନ୍ତ ଅଞ୍ଚଳର ଲୋକେ ଦୂରଦୂରାନ୍ତରୁ କାଠ ଆଣି ସେଗୁଡ଼ିକୁ ଚିରଟ କରିବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ କାଠ ସାମଗ୍ରୀ ବାଲେଶ୍ୱର ଜିଲ୍ଲାରେ ଉଚ୍ଚଦରରେ ବିକ୍ରି ହେଉଛି। ମାତ୍ର ଲୋକମାନେ ନିଜ ବାଡ଼ିରେ ଥିବା ଗଛଗୁଡ଼ିକୁ କରତକଳ ନ ଥିବାରୁ କାମରେ ଲଗାଇ ପାରୁନାହାନ୍ତି। ଏହାବ୍ୟତିତ ନିଜ ବାଡ଼ିରେ ଥିବା ପରିପକ୍ୱ ଗଛକୁ କାଟିବା ପାଇଁ ତହସିଲଦାର ଓ ଜିଲ୍ଲାର ବନବିଭାଗର ସର୍ବୋଚ୍ଚ ଅଧିକାରୀଙ୍କ ମିଳିତ ଭାବେ ଯୁଗ୍ମ ତଦନ୍ତ ଓ ଅନୁମତି ପ୍ରଦାନ ପାଇଁ ଜଟିଳ ପ୍ରକ୍ରିୟା କାରଣରୁ ଗ୍ରାମାଞ୍ଚଳର ବହୁ ବାସିନ୍ଦା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମାଞ୍ଚଳର ଜନସାଧାରଣ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଉଥିବା ବେଳେ ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ଆଇନ ନିଜର କୌଳିକ ବ୍ୟବସାୟ କରୁଥିବା ଗ୍ରାମାଞ୍ଚଳରେ ଶହଶହ କାଠ କାରିଗର ଓ ଶ୍ରମିକଙ୍କ ରୋଜଗାରକୁ ବନ୍ଦ କରିଦେଇଛି ବୋଲି ଶ୍ରୀ ପରିଡ଼ା ଭିତ୍ତିପତ୍ରରେ ଦର୍ଶାଇଥିଲେ। ଏହି ଆଲୋଚନାଚକ୍ରରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁଦର୍ଶନ ଜେନା, ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ସମ୍ପାଦକ ମନୋଜ ନାୟକ, ଶ୍ରମିକନେତା ଭାଗବତ ପ୍ରତିହାରୀ ଓ ପ୍ରେମରଞ୍ଜନ ପାତ୍ର, ପୂର୍ବତନ ଛାତ୍ରନେତା ଜଗନ୍ନାଥ ଦାସ, କୃଷକନେତା ଅରୁଣ ଜେନା ପ୍ରମୁଖ ଦାବିଗୁଡ଼ିକୁ ସମର୍ଥନ ଜଣାଇଥିଲେ। ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ଶହଶହ କୁଶଳୀ ଶ୍ରମିକ ସେମାନଙ୍କର ପରିବାର ପ୍ରତିପୋଷଣର ପଥ ବନ୍ଦ ହୋଇଯାଇଛି ବୋଲି ମତପ୍ରକାଶ କରିଥିଲେ। ରାଜ୍ୟ ସରକାର ଓ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ସେମାନେ ଆହ୍ୱାନ ଦେଇଥିଲେ। ପରିଷଦର ସଭାପତି ମଣିଭଦ୍ର ସାହୁ ଆସନ୍ତା ୨୦ ତାରିଖ ଦିନ ଜିଲ୍ଲା କାର୍ଯ୍ୟାଳୟରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ଦେଇଥିବା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଯଦି ସରକାର ଏହି କାଠ ଶ୍ରମିକମାନଙ୍କ ଦାବିପୂରଣ ନ କରନ୍ତି ତେବେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଭୁବନେଶ୍ୱରରେ ଗଣଧାରଣା ପାଇଁ ଆହ୍ୱାନ ଦେଇଥିଲେ। ବିଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।


OFFICE OF THE GENERAL SECRETARY,
OSSTA, NAYASARAK, CUTTACK

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.

Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.

Interested candidates can apply to the **General Secretary, OSSTA, At-Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA,**
**Nayasarak, Cuttack-2**

ସକାଳ
THE SAKALA

# ସମ୍ପାଦକୀୟ



ଜାତୀୟ ସୁରକ୍ଷା ସହିତ ଭାରତ କେବେ ବି ରାଜନୀତି କିମ୍ବା ସାଲିସ୍ କରିନାହିଁ।
-ଅଟଳ ବିହାରୀ ବାଜପେୟୀ

## ବନ୍ଦୋବସ୍ତ ସଂସ୍କାର

ଜମିଜମା ପ୍ରସଙ୍ଗ ଜନସାଧାରଣ ଓ ସରକାର(ରାଜା ଓ ପ୍ରଜା) ଉଭୟଙ୍କ ପାଇଁ ଏକ ଜଞ୍ଜାଳ। କିନ୍ତୁ ଏ ସମ୍ପର୍କିତ ପ୍ରଚଳିତ ଆଇନ୍ କାନୁନ, ନୀତି ନିୟମ ଅନାବଶ୍ୟକ ଭାବେ ଏତେ ଜଟିଳ ଯେ ଏଥିଯୋଗୁଁ ଏହାଦ୍ୱାରା ଜମି କ୍ରେତା ଓ ବିକ୍ରେତା ହନ୍ତସନ୍ତ ହେବା ସହିତ ବିଭିନ୍ନ କୋର୍ଟକଚେରିରେ ମାମଲା ବୋଝ ବଢ଼ିଚାଲିଛି। ଏଥିସହିତ ସରକାର ମଧ୍ୟ ଅଯଥା ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଜମି ମାଲିକଙ୍କ ନାମରେ ଜମିର ମାଲିକାନା ରେକର୍ଡଭୁକ୍ତ ବା ପଟ୍ଟା ପ୍ରଦାନ ପାଇଁ ଉଦ୍ଦିଷ୍ଟ ନିୟମାବଳୀର ସଂଶୋଧନ ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା। ସୁଖର କଥା ରାଜ୍ୟ ସରକାର ସେ ଦିଗରେ ଆନ୍ତରିକତା ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ 'ଓଡ଼ିଶା ସର୍ଭେ ଆଣ୍ଡ ସେଟଲ୍‌ମେଣ୍ଟ ରୁଲ୍‌ସ'କୁ ସଂଶୋଧନ କରିବା ପାଇଁ ଆଗତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହା କ୍ୟାବିନେଟ୍ ମଞ୍ଜୁରୀ ପାଇ ସରକାରୀ ବିଜ୍ଞପ୍ତି ଆକାରରେ ପ୍ରକାଶ ପାଇବା ପରେ କାର୍ଯ୍ୟକାରୀ ହେବା ପାଇଁ ଆଉ କିଛିଦିନ ଲାଗିପାରେ। ତେବେ ସରକାରୀ ଇଚ୍ଛାଶକ୍ତି ବଳରେ ତାହା ମଧ୍ୟ ଅଚିରେ ସମ୍ଭବ। ଯାହା ଆଦୌ ହେଉନଥିଲା ତାହା ଏବେ ହେବାକୁ ଯାଉଥିବାରୁ କିଛି ସମୟ ପ୍ରତୀକ୍ଷା କଲେ ମନ୍ଦ ନୁହେଁ।

ଜମିଜମା ରେକର୍ଡ ମାମଲା ମଧ୍ୟରୁ ସବୁଠାରୁ ଜଟିଳ ହେଉଛି ବନ୍ଦୋବସ୍ତ ଶିବିର ବା ସେଟଲ୍‌ମେଣ୍ଟ କ୍ୟାମ୍ପ ସହିତ ଜଡ଼ିତ ଆନୁଷଙ୍ଗିକ ପ୍ରସଙ୍ଗ। ପ୍ରଚଳିତ ନିୟମ ଅନୁସାରେ ବନ୍ଦୋବସ୍ତ କ୍ୟାମ୍ପରେ ଦୀର୍ଘବର୍ଷର ଜମିର ସ୍ୱତ୍ୱାଧିକାର ସଂଶୋଧନ ହେବାର ବ୍ୟବସ୍ଥା ଥିବା ବେଳେ ଯଦି କେହି କ୍ରେତା କ୍ୟାମ୍ପ ବିଷୟରେ ଜାଣିପାରୁ ନାହାନ୍ତି ତେବେ ତାଙ୍କୁ ରାଜସ୍ୱ ପରିଷଦ ଓ ସଂଶୋଧନ ଅଦାଲତରେ ଆବେଦନ କରିବାକୁ ପଡୁଛି। ଏହି ପ୍ରକ୍ରିୟାଟି ଏତେ ଜଟିଳ ଯେ ଏଥିରେ କ୍ରେତା ବା ପକ୍ଷଭୁକ୍ତ କୋର୍ଟକୁ ଦୌଡ଼ି ଓକିଲଙ୍କ ପିଛା ଖର୍ଚ୍ଚ କରି କରି ନୟାନ୍ତ ଓ ଖର୍ଚ୍ଚାନ୍ତ ହେଉଥିବା ବେଳେ ସରକାରଙ୍କ ଅଯଥା କୋର୍ଟ, ବିଚାରପତି, କର୍ମଚାରୀ, ଅଧିକାରୀ ଆଦି ନିଯୁକ୍ତି, ଦରମା ବାବଦ ଖର୍ଚ୍ଚ ବୋଝ କେବଳ ବଢ଼ିବା ହିଁ ସାର ହେଉଛି। ଏପରିକି ସେଟଲ୍‌ମେଣ୍ଟ କୋର୍ଟରେ କାର୍ଯ୍ୟରତ ପୂର୍ବତନ ବିଚାରପତି ଓ ଅଧିକାରୀ, ପୂର୍ବତନ ତହସିଲ୍‌ଦାର ଓ ଜିଲ୍ଲାପାଳ, ଉପଜିଲ୍ଲପାଳସ୍ତରୀୟ ଅଧିକାରୀମାନେ ମଧ୍ୟ ଅବସର ପରେ ସରକାରୀ କ୍ଷମତା ନଥିବାରୁ ଏପରି ମାମଲାରେ ଧନ୍ଦି ହେଉଥିବା ଦେଖାଯାଉଛି। ସାଧାରଣ ଲୋକଙ୍କ କଥା କଣ କହିବା? ଏଥିରେ ନା ତ ସରକାରଙ୍କ ନା ଲୋକଙ୍କର କାହାର କିଛି ଲାଭ ହେଉନାହିଁ। କେବଳ ଓକିଲଙ୍କ ପାଇଁ ଏହା ଆୟର ଏକ ସୁଗମ ରାସ୍ତା ହୋଇପାରିଛି।

ଯେଉଁମାନେ ଅଜ୍ଞାନବଶତଃ ସେଟଲ୍‌ମେଣ୍ଟ କ୍ୟାମ୍ପ ବିଷୟରେ ଜାଣିପାରୁନାହାନ୍ତି ସେମାନଙ୍କ ଆବେଦନର ବିଚାର ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ହୋଇଯିବା କଥା। କିନ୍ତୁ ପ୍ରଚଳିତ ନିୟମଟି ଏତେ ଜଟିଳ ଯେ ଥରେ କ୍ୟାମ୍ପ ଉଠିଗଲା ପରେ ତା'ପୂର୍ବରୁ କିଣାବିକା ହୋଇଥିବା ଜମିଜମାର ମାଲିକାନାସ୍ୱତ୍ୱ ଫଇସଲା ଅଧିକାର ତହସିଲଦାରଙ୍କ ହାତରୁ ଚାଲିଯାଉଛି କିମ୍ବା ପୁନଃ କ୍ୟାମ୍ପ ବସିବା ପର୍ଯ୍ୟନ୍ତ ଘୁଞ୍ଚିଯାଉଛି। ତେଣୁ କ୍ରେତାମାନେ ବାଧ୍ୟ ହୋଇ ଓକିଲ ଜରିଆରେ ରାଜସ୍ୱ ପରିଷଦର ଦ୍ୱାରସ୍ଥ ହେଉଛନ୍ତି। ଆଉ ସେଟଲ୍‌ମେଣ୍ଟ କ୍ୟାମ୍ପ ହେବ ନାହିଁ ବୋଲି ସରକାରୀ ନିଷ୍ପତ୍ତି ହେବା ପରେ ପରିଷଦର କୋର୍ଟମାନଙ୍କରେ ମାମଲା ବୋଝ ଏତେ ବଢ଼ିଗଲାଣି ଯେ ତାହା ଫଇସଲା ହେବା ବେଳକୁ କେତେ ସମୟ ଲାଗିବ ତାହା ଈଶ୍ୱରଙ୍କୁ ଜଣା। କେବଳ ପ୍ରଚଳିତ ବ୍ୟବସ୍ଥାର ସାମାନ୍ୟ ସଂଶୋଧନରେ ଯେ ଏତେ ବଡ଼ ସମସ୍ୟାର ସମାଧାନର ହୋଇପାରନ୍ତା ତାହା ବୋଧହୁଏ ନୀତି ନିର୍ଦ୍ଧାରକମାନେ ଚିନ୍ତା କରିନାହାନ୍ତି କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ଜାରି ରଖିଛନ୍ତି।

ସୁଖର କଥା ସରକାର ଜନସାଧାରଣଙ୍କ ଏହି ମାର୍ମିକ ବେଦନା ଅନୁଭବ କରି ମହତ୍ ପଦକ୍ଷେପଟିଏ ନେବାକୁ ଯାଉଛନ୍ତି, ଯାହା ରାଜ୍ୟ ଜମିଜମା ବନ୍ଦୋବସ୍ତରେ ଐତିହାସିକ ସାବ୍ୟସ୍ତ ହେବ। ଏଣିକି ବନ୍ଦୋବସ୍ତ ପୂର୍ବରୁ କିଣାବିକା ହୋଇଥିବା ଜମିଜମା ସଂକ୍ରାନ୍ତୀୟ ସ୍ୱତ୍ୱାଧିକାର ପାଇଁ ମଧ୍ୟ କ୍ରେତା ତହସିଲ୍ କାର୍ଯ୍ୟାଳୟରେ ଆବେଦନ କରିପାରିବେ ଏବଂ ସମ୍ପୃକ୍ତ ତହସିଲଦାର ସେଥିପାଇଁ କ୍ଷମତାପ୍ରାପ୍ତ ହେବେ। କିନ୍ତୁ ଜମିଜମା ରେକର୍ଡ ଓ ସ୍ୱତ୍ୱ ପରିବର୍ତ୍ତନ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ଭୂମିକା ନିର୍ବାହ କରନ୍ତି ରାଜସ୍ୱ ନିରୀକ୍ଷକ ବା ଆରଆଇମାନେ। ଏହି ତୃଣମୂଳସ୍ତରୀୟ ରିପୋର୍ଟକୁ ତହସିଲ୍‌ଦାରମାନେ ଆଖିବୁଜି ଗ୍ରହଣ କରିନିଅନ୍ତି। ତେଣୁ ଆରଆଇମାନଙ୍କୁ ସନ୍ତୁଷ୍ଟ କରିବାରେ ଅକ୍ଷମତା କିମ୍ବା ଅଜ୍ଞାନତା କାରଣରୁ ଜମିମାଲିକ ବା କ୍ରେତା ଆବଶ୍ୟକ ସଠିକ୍ ଦଲିଲ୍ ପ୍ରମାଣପତ୍ର, ଦସ୍ତାବେଜ୍ ଥାଇ ମଧ୍ୟ ବର୍ଷ ବର୍ଷ ଧରି ନ୍ୟାୟ ପାଇପାରୁନାହାନ୍ତି। ଏହି ସ୍ତରଟି ଯେପରି ସ୍ୱଚ୍ଛ, ଦକ୍ଷ ଓ ସମୟାନୁସାରୀ ହୋଇପାରିବ ତା' ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଲେ ସଂଶୋଧିତ ଜମିଜମା ଆଇନ ଯୁଗାନ୍ତକାରୀ, ବାସ୍ତବବାଦୀ ଓ ଲୋକହିତୈଷୀ ହୋଇପାରିବ।

ଏଠାରେ ଆଉ ଏକ ଆଇନଗତ ଜଟିଳତା ବିଷୟରେ ଆମେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛୁ। ଯେଉଁ କ୍ରେତାମାନେ ରାଜସ୍ୱ ପରିଷଦ ବା ରିଭିଜନ୍ କୋର୍ଟରେ ମାମଲା ଦାଖଲ ବା ଆବେଦନ କରିସାରିଛନ୍ତି ସେମାନେ ସଂଶୋଧିତ ନିୟମାବଳୀ କାର୍ଯ୍ୟକାରୀ ହେବା ପରେ ତହସିଲ୍‌ଦାରଙ୍କ ଇଜିଲାସରେ ପୁନଃଆବେଦନ କରିପାରିବେ କି ନାହିଁ ସେ ବିଷୟରେ ସରକାର ନିଷ୍ପତ୍ତି ନେଇ ଗେଜେଟ୍ ବିଜ୍ଞପ୍ତିରେ ସ୍ପଷ୍ଟ କଲେ ଆହୁରି ଭଲ ହେବ। କାରଣ ଅଦାଲତ ଆଇନର ଜଟିଳ ଶବ୍ଦକାନନ ଘେରା ଏକ ଅଞ୍ଚଳ। ଆଇନର ଶବ୍ଦ ଏତେ ଜଟିଳ ଓ କୁଟିଳ ଯେ ଯିଏ ଯେମିତି ବୁଝିଲା ଏବଂ ବୁଝାଇ ପାରିଲା ସେହି ଅନୁଯାୟୀ ଦାବି ହାସଲ୍ କରିନେଲା। ବନ୍ଦୋବସ୍ତ ବ୍ୟବସ୍ଥା ସରଳୀକରଣ ସହିତ ଏ ଦିଗଟିକୁ ମଧ୍ୟ ସରଳ ଓ ସ୍ପଷ୍ଟ କରିବା ପାଇଁ ସରକାରଙ୍କୁ ଅନୁରୋଧ। ଆଇନର ଶବ୍ଦ ବୁଝିପାରୁନଥିବା ଏବଂ ଧାର କରଜ କରି ଜମି କିଣିଥିବା ଅଶିକ୍ଷିତ ଓ ଅଳ୍ପଶିକ୍ଷିତମାନେ ଓକିଲଙ୍କ ଦେୟ ଦେଇପାରୁନଥିବା ବେଳେ କଷ୍ଟାର୍ଜିତ ଜମି ଖଣ୍ଡିକ ନିଜ ନାଁରେ କରିପାରୁନାହାନ୍ତି। ସେମାନେ ଯେତେ ଦହଗଞ୍ଜ ହେଉଛନ୍ତି ତାହା ଭୁକ୍ତଭୋଗୀ ହିଁ ଜାଣେ। ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ କାର୍ଯ୍ୟାଳୟକୁ, ଗୋଟିଏ ଟେବୁଲ୍‌ରୁ ଆଉ ଗୋଟିଏ ଟେବୁଲ୍ ପାଖକୁ ଚାବିଦିଆ ଖେଳନା ପରି ବିବଶ ହୋଇ ଧାଇଁବା ବ୍ୟତୀତ ସେମାନଙ୍କ ପାଖରେ ସାହା ଭରସା କେହି ନାହାନ୍ତି କି ଗୁହାରି ଶୁଣିବା ପାଇଁ ଉଚ୍ଚପଦାଧିକାରୀଙ୍କ ପାଖରେ ବେଳ ନାହିଁ। ତେଣୁ ସଂଶୋଧିତ ନିୟମର ଭାଷା ଏତେ ସରଳ ହେଉ ଯେ ତାହା ଜଣେ ଅଳ୍ପଶିକ୍ଷିତ ବୁଝିପାରିବ ଏବଂ ଦୀର୍ଘବର୍ଷ ଧରି ବଳବତ୍ତର ରହି ଏକ ଉଦାହରଣ ସୃଷ୍ଟି କରିବ। ●

## ଉଚ୍ଚଶିକ୍ଷିତଙ୍କ ଆତଙ୍କବାଦ



ସାଧାରଣତଃ କୁହାଯାଏ ବେକାରୀ, ଅଶିକ୍ଷା, କୁପରିବେଶ, କୁସଙ୍ଗ ଆଦି କାରକ ଉଗ୍ରବାଦ, ଆତଙ୍କବାଦ, ଚରମପନ୍ଥୀବାଦକୁ ଜନ୍ମ ଦିଏ। କ୍ରମାଗତ ନିର୍ଯାତନା, ଲାଞ୍ଛନା, ଅପମାନ, ଅବହେଳା ଓ ଅନ୍ୟାୟର ପ୍ରଭାବରେ ଜଣେ ପ୍ରତିଶୋଧପରାୟଣ ହୋଇ ହିଂସାର ପଥ ଆବୋରି ନିଏ ଏବଂ ଆତଙ୍କବାଦୀ ହେବାକୁ ବାଧ୍ୟ ହୁଏ। କିନ୍ତୁ ପିଏଚଡି ଡିଗ୍ରୀଧାରୀ ଆଇଏସଆଇଏସ ମୁଖ୍ୟ ଅବୁ ବକର ଅଲ-ବାଗଦାଦିଠାରୁ ଆରମ୍ଭ କରି ଅଲ-କାଏଦାର ଡାକ୍ତର ଅୟମାନ ଅଲ-ଜୱାହିରୀ, ସିଭିଲ ଇଞ୍ଜିନିୟରିଂରେ ସ୍ନାତକଡିଗ୍ରୀଧାରୀ ଓସାମା ବିନ୍ ଲାଦେନ ଏବଂ ସମ୍ପ୍ରତି ନୂଆଦିଲ୍ଲୀରେ ଆତ୍ମଘାତୀ କାରବୋମା ବିସ୍ଫୋରଣ ଘଟାଇଥିବା ଡାକ୍ତର ଉମର ଉନ୍ ନବି, ଧରାପଡ଼ିଥିବା ଅନ୍ୟ ଚାରିଜଣ ଡାକ୍ତରଙ୍କ କାର୍ଯ୍ୟକଳାପକୁ ତର୍ଜମା କଲେ ଉପରୋକ୍ତ ଧାରଣା ଭୁଲ୍ ସାବ୍ୟସ୍ତ ହୁଏ। ବିଶ୍ୱର ସବୁଠାରୁ ଭୟଙ୍କର ଏହି ଉଗ୍ରବାଦୀ ନେତାମାନେ ଉଚ୍ଚଶିକ୍ଷିତ, ତାଲିମପ୍ରାପ୍ତ ଓ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ଡିଗ୍ରୀଧାରୀ। ଏଭଳି ଉଚ୍ଚଶିକ୍ଷିତ ମାନେ କିଭଳି ନାରକୀୟ କାଣ୍ଡ ରଚନା କରିପାରନ୍ତି, ବିଶେଷକରି ଜୀବନରକ୍ଷା ପାଇଁ ଶପଥ ନେଉଥିବା ଡାକ୍ତରମାନେ ଯେ ନରସଂହାର ପାଇଁ ବ୍ରତୀ ହୋଇପାରନ୍ତି ତାହା ସତତ ଅବିଶ୍ୱସନୀୟ। ବିଶ୍ୱର କୌଣସି ମତ, ପନ୍ଥ, ଧର୍ମ ଓ ସମ୍ପ୍ରଦାୟ ଏହାକୁ ସ୍ୱୀକୃତି ଦିଏ ନାହିଁ କି ସମର୍ଥନ କରେନାହିଁ। କିନ୍ତୁ ଏଭଳି ଅଭୂତପୂର୍ବ ଘଟଣାମାନ ଘଟି ଚାଲିଥିବାରୁ ମାନବ ସଭ୍ୟତାର ଗତି କେତେ ଅସ୍ଥିର ଓ ଭବିଷ୍ୟତ କେତେ ଅସୁରକ୍ଷିତ ତାହା ଅକ୍ଳେବହୁତ ଅନୁମେୟ।

ନୂଆଦିଲ୍ଲୀ କାରବୋମା ବିସ୍ଫୋରଣ ଭାରତଭୂମିରେ ଆତଙ୍କ, ଆତଙ୍କବାଦ ଓ ଆତଙ୍କବାଦୀର ଭାଷାକୁ ନୂଆ ଢଙ୍ଗରେ ଉପସ୍ଥାପନ କରିଛି। ପ୍ରାଥମିକ ପର୍ଯ୍ୟାୟରେ ଏହା ଆମକୁ ଚେତାଇ ଦେଉଛି ଯେ ଆତଙ୍କ ଓ ଆତଙ୍କବାଦୀ ଆମେ ପରିକଳ୍ପନା କରୁଥିବା ଚେହେରା ନେଇ ଆସେ ନାହିଁ। ଆମେ ଚାରିପାଖରେ ରହୁଥିବା ଆମର ଆତ୍ମୀୟ, ଏପରିକି ସବୁଠାରୁ ବିଶ୍ୱସ୍ତମାନେ, ସମାଜକୁ ନୈତିକ ଶିକ୍ଷା ଦେଉଥିବା ଧର୍ମଗୁରୁମାନେ, ନାଗରିକ ଗଠନରେ ସମର୍ପିତ ଶିକ୍ଷକମାନେ, ଧର୍ମାନୁଷ୍ଠାନରେ ପ୍ରତିଦିନରେ ସାକ୍ଷାତ ହେଉଥିବା ସାଧୁଶ୍ରେଣୀୟ ବ୍ୟକ୍ତିମାନେ, ଆମ ସହିତ ସକାଳ ସନ୍ଧ୍ୟାରେ ପାଦ ମିଳାଇ ଚାଲୁଥିବା ଓ ଦୁଃଖସୁଖ ବାଣ୍ଟୁଥିବା ନମ୍ର, ଧୀର ଓ ମିଷ୍ଟଭାଷୀମାନେ, ଅସମୟରେ ଆମ ପାଖରେ ଠିଆ ହୋଇଥିବା ଓ ଅଯାଚିତ ଭାବେ ସହାୟତାର ହାତ ବଢ଼ାଇ ଦେଉଥିବା ଦୟାଳୁ, ପରୋପକାରୀ ଭଦ୍ରବ୍ୟକ୍ତିମାନେ, ଜଟିଳ ସମସ୍ୟାର ସରଳ ସୂତ୍ର ବତାଇ ଦେଉଥିବା ବିଦ୍ୱାନମାନେ ମଧ୍ୟ ଯେ ଆତଙ୍କବାଦୀ ହୋଇପାରନ୍ତି ଏହି ଅବିଶ୍ୱସନୀୟତାକୁ ଗ୍ରହଣ କରିନେବା ପାଇଁ ଆମେ ଆମର ମାନସିକତା ଓ ଧାରଣାକୁ ପରିବର୍ତ୍ତନ କରିବାକୁ ପଡ଼ିବ।

ଆତଙ୍କବାଦ ଓ ଆତଙ୍କବାଦୀ ଇତିହାସରେ ଏଭଳି ଅନେକ 'ହ୍ୱାଇଟ୍ କଲାର ଟେରରିଷ୍ଟ' ବା 'ଉଚ୍ଚଶିକ୍ଷିତ ଆତଙ୍କବାଦୀ'ଙ୍କ କାହାଣୀ ରହିଛି, ଯାହା ମାନବତା ପରି ଶବ୍ଦକୁ ସ୍ୱତଃ ଲଜ୍ଜିତ କରିବା ପାଇଁ ଯଥେଷ୍ଟ। କାନ୍ଦାହାର ବିମାନ ଅପହର୍ତ୍ତା, ଆମେରିକୀୟ ସାମ୍ବାଦିକ ଡାନିଏଲ୍ ପର୍ଲଙ୍କ ଅପହର୍ତ୍ତା ଓ ହତ୍ୟାକାରୀ ଓମାର ସୟଦ୍ ସେଖ୍ ମଧ୍ୟ ଥିଲେ ଅର୍ଥନୀତିରେ ଉଚ୍ଚଶିକ୍ଷିତ। ୯/୧୧ ଆତଙ୍କବାଦୀ ଆକ୍ରମଣରେ ବ୍ୟବହୃତ ବିମାନର ମୁଖ୍ୟ ଅପହରଣକାରୀ ମହମ୍ମଦ ଆଟ୍ଟା କାଇରୋ ବିଶ୍ୱବିଦ୍ୟାଳୟରେ 'ସ୍ଥାପତ୍ୟ ଓ ନଗର ଯୋଜନା' ବିଷୟରେ ଡିଗ୍ରୀ ହାସଲ କରିବା ପରେ ହାମବର୍ଗରେ 'ନଗର ଯୋଜନା'ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଅନ୍ୟତମ ଅପହର୍ତ୍ତା ମାରୱାନ ଅଲ-ଶେହି ଜର୍ମାନୀରେ ଉଚ୍ଚତର ଡିଗ୍ରୀ ହାସଲ କରିଥିଲେ ଏବଂ ଜିଆଦ ଜାରାହ ହାମବର୍ଗ ଆପ୍ଲାଏଡ୍ ସାଇନ୍ସ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ। ଆଇଏସ୍‌ଆଇଏସ୍ ତା'ର ସଦସ୍ୟ ଭାବେ ମୁଖ୍ୟତଃ ୟୁକେ, ସୁଦାନ ଆଦି ଅଞ୍ଚଳରେ ରହୁଥିବା ଡାକ୍ତର ଓ ଡାକ୍ତରୀଛାତ୍ରମାନଙ୍କୁ ଗ୍ରହଣ କରିଥାଏ। ତାମିଲ ଗରିଲା ଏଲ୍‌ଟିଟିଇର ସଦସ୍ୟମାନଙ୍କ ମଧ୍ୟରେ ଅନେକ ବରିଷ୍ଠ ନେତା, ସ୍ନାତକ, ଶିକ୍ଷକ ଓ ଇଞ୍ଜିନିୟର ଥିଲେ ଏବଂ ଏହାର ଆତ୍ମଘାତୀ ବାହିନୀ ପ୍ରାୟତଃ ସେମାନଙ୍କ ବିଦ୍ୟାଳୟସ୍ତରରେ ଉତ୍କର୍ଷ ହାସଲ କରିଥିଲେ। 'ଆଇରିଶ ରିପବ୍ଲିକାନ୍ ଆର୍ମି' ବିଶ୍ୱବିଦ୍ୟାଳୟ ଛାତ୍ର, ସରକାରୀ କର୍ମଚାରୀ ଏବଂ ବୃତ୍ତିଗତମାନଙ୍କୁ ନିଯୁକ୍ତି ଦେଇଥିଲା, ଯେଉଁମାନେ ବିଶ୍ୱାସ କରୁଥିଲେ ଯେ ସେମାନେ ଏକ ବୈଧ ରାଜନୈତିକ ସଂଘର୍ଷ କରୁଛନ୍ତି।

ଭାରତରେ ୧୯୮୦ ଦଶକର ଖଲିସ୍ତାନୀ ସଂଗଠନରେ ଡାକ୍ତର, ସରକାରୀ କର୍ମଚାରୀ, ପଞ୍ଜାବ ଓ ଦିଲ୍ଲୀର କଲେଜ୍ ପଢୁଆମାନେ ସାମିଲ୍ ଥିଲେ। ଡାଲ ଖାଲସା ପ୍ରତିଷ୍ଠାତା ଗଜିନ୍ଦର ସିଂହ ୧୯୮୧ ମସିହାରେ ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନ ଅପହରଣର ନେତୃତ୍ୱ ନେଇଥିଲେ। ମୃଦୁଭାଷୀ, ପଠନପ୍ରିୟ ଗଜିନ୍ଦରଙ୍କ ମତରେ ଅପହରଣ ଏକ ଅପରାଧ ନୁହେଁ, ବରଂ ଖଲିସ୍ତାନ ଆନ୍ଦୋଳନର ସେବାରେ ଏକ ନୈତିକ କାର୍ଯ୍ୟ। ପୁଲ୍‌ୱାମା ଆତ୍ମଘାତୀ ବିସ୍ଫୋରଣର ସମ୍ପର୍କୀୟମାନଙ୍କ ଜୀବନଶୈଳୀ ଅତ୍ୟୁଚ୍ଚ ଧନୀଙ୍କ ଠାରୁ କମ୍ ନଥିଲା।

ଏଭଳି ଶିକ୍ଷିତ ଆତଙ୍କବାଦୀଙ୍କ ପାଖରେ ଥିଲା ହିଂସାକୁ କର୍ତ୍ତବ୍ୟ ଭାବରେ ପ୍ରତିପାଦନ କରିବାର ଅଦମ୍ୟ ଉତ୍ସାହ, ନିଷ୍ଠା, ଆନ୍ତରିକତା ଓ ଦୃଢ଼ ମନୋବଳ। ସେଥିପାଇଁ ସେମାନଙ୍କୁ ଯଥେଷ୍ଟ ଶକ୍ତିଶାଳୀ ପୃଷ୍ଠଭୂମି ମଧ୍ୟ ମିଳିଯାଉଥିଲା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏଭଳି ଉଚ୍ଚଶିକ୍ଷିତ ଓ ସମ୍ମାନଜନକ ବୃତ୍ତିଧାରୀମାନେ ହିଂସାର ପଥକୁ ଆବୋରି ନିଅନ୍ତି କାହିଁକି? ଜର୍ଜଟାଉନ୍ ବିଶ୍ୱବିଦ୍ୟାଳୟରେ ମୌଳବାଦୀକରଣ ଉପରେ ଗବେଷଣା କରୁଥିବା ରାଜନୈତିକ ମନସ୍ତତ୍ତ୍ୱବିତ୍ ଡକ୍ଟର ଫାଥାଲି ମୋଘାଦମଙ୍କ କହିବା ଅନୁଯାୟୀ, 'ମୌଳବାଦୀକରଣ କେବଳ ଦାରିଦ୍ର୍ୟ କିମ୍ବା ଅଜ୍ଞତାରେ ଜନ୍ମ ହୁଏ ନାହିଁ। ଏହା ସେତେବେଳେ ଘଟେ ଯେତେବେଳେ ଲୋକମାନେ ନୈତିକ ଭାବରେ ଅପମାନିତ, ସାମାଜିକ ଭାବରେ ଅସମ୍ମାନିତ ଏବଂ ରାଜନୈତିକ ଭାବରେ ଅବହେଳିତ ଅନୁଭବ କରନ୍ତି। ଶିକ୍ଷିତ ବ୍ୟକ୍ତିମାନେ ମାନସିକସ୍ତରରେ ପ୍ରାୟତଃ ଅଧିକ ଦୁର୍ବଳ। ତେଣୁ ହିଂସା ସେମାନଙ୍କ ମନରେ ବିନାଶ ନୁହେଁ ବରଂ ଉଦ୍ଦେଶ୍ୟର ଏକ କାରକ ଭାବେ ପ୍ରବେଶ କରେ। ବିଦ୍ୱାନ ଅରୁଣ କୁନ୍ଦନାନି ତାଙ୍କ ପୁସ୍ତକ 'ଦି ମୁସଲିମ୍‌ସ ଆର କମିଂ! ଇସଲାମୋଫୋବିଆ, ଏକ୍ସଟ୍ରିମିଜିମ୍ ଆଣ୍ଡ ଦି ଡୋମେଷ୍ଟିକ୍ ୱାର୍ ଅନ୍ ଟେରର୍' ରେ ଉଲ୍ଲେଖ କରିଛନ୍ତି ଯେ କାହିଁକି ମୌଳିବାଦକରଣ ବା ଚରମପନ୍ଥା 'ଅକସ୍ମାତ୍ ମାନସିକ ଦୁର୍ବଳତାର ଏକ କାରକ' ନୁହେଁ ବରଂ 'ରାଜନୈତିକ ପ୍ରସଙ୍ଗରେ ଏକ ରାଜନୈତିକ ପ୍ରତିକ୍ରିୟା'। ଆଉ କେତେକ ବିଦ୍ୱାନଙ୍କ ମତରେ ଅନୁଭୂତ ଅନ୍ୟାୟ ପ୍ରତି ନୈତିକ ଆକ୍ରୋଶ, ବ୍ୟକ୍ତିଗତ କିମ୍ବା ରାଜନୈତିକ ଆଘାତ ଦ୍ୱାରା ସୃଷ୍ଟି ହୋଇଥିବା ଜ୍ଞାନାତ୍ମକ ପରିପ୍ରକାଶ, ମୌଳିକ ଚିନ୍ତାଧାରାକୁ ସମର୍ଥନ ମିଳୁଥିବା କଠୋର ସମକକ୍ଷ ମଞ୍ଚ, ସମ ବିଚାରଧାରାର ନିଶ୍ଚିତତା, ସମଆଗ୍ରହ ଆଦି ଉଚ୍ଚଶିକ୍ଷିତ ଆତଙ୍କବାଦର କାରଣ।

ଏବେ ମୂଳ ଓ ବାସ୍ତବ ପ୍ରଶ୍ନ ହେଉଛି ଉପରୋକ୍ତ ଉଚ୍ଚଶିକ୍ଷିତମାନେ କାହିଁକି ବିଶ୍ୱାସ କରିନେଲେ ଯେ ଆତଙ୍କବାଦର ପଥ ହିଁ ସର୍ବାଧିକ ଉଚିତ। ଏହି ପ୍ରଶ୍ନର ଉତ୍ତର ଗୁରୁତ୍ୱର ସହ ଖୋଜିବାକୁ ପଡ଼ିବ। ଏହା କେବଳ ମନସ୍ତତ୍ତ୍ୱବିତ୍‌ଙ୍କ ଦାୟିତ୍ୱ ନୁହେଁ; ଏହା ସମାଜଶାସ୍ତ୍ରୀ, ନୀତି ନିର୍ଦ୍ଧାରକ ସର୍ବୋପରି ଜନସାଧାରଣଙ୍କ ନୈତିକ ଦାୟିତ୍ୱ। ଆତଙ୍କବାଦର ଏହି ପରିବର୍ତ୍ତିତ ପରିଭାଷା କେବଳ ରାଷ୍ଟ୍ରର ସୁରକ୍ଷା ଓ ଅଖଣ୍ଡତା ପ୍ରତି ଏକ ବିପଦ ନୁହେଁ, ବରଂ ମାନବତା ଓ ମାନବ ସଭ୍ୟତା ପ୍ରତି ନୈତିକ ଆହ୍ୱାନ। ●

(ସକାଳ ମିଡ଼ିଆ ସର୍ଭିସ୍)

## ଭୋଟରଙ୍କ ମାନସିକତା ବଦଳୁଛି

ଡ.ବିମଳ ଷଡ଼ଙ୍ଗୀ

ଜାତିଗତ ଭେଦଭାବକୁ ଆୟୁଧ କରି ନିର୍ବାଚନ ଜିତିଥିବା ଡୋନାଲ୍ଡ ଟ୍ରମ୍ପଙ୍କ ତୃତୀୟ ପ୍ରୟାସକୁ ସଚେତନ ଆମେରିକା ଭୋଟର ନ୍ୟୁୟର୍କ ସହରରେ ଭାଙ୍ଗି ଚୁରମାର କରିଛନ୍ତି। ଘୃଣା, ଦ୍ୱେଷ, ଆତ୍ମପ୍ରଚାର, ଅହଂକାର ଜଣେ ହୀନ ରାଜନେତାର ପରିଚୟ, ଯାହାକୁ ଆଜି ପ୍ରମାଣ କରିଛନ୍ତି ନ୍ୟୁୟର୍କର ସଚେତନ ଜନତା। ୨୦୨୫, ନଭେମ୍ବର ମାସରେ ୩୪ ବର୍ଷୀୟ ଅଗ୍ନିବର୍ଷୀ ଗଣତାନ୍ତ୍ରିକ ସମାଜବାଦୀ ଜୋହରାନ୍ କ୍ୱାମେ ମାମଦାନି ନ୍ୟୁୟର୍କ ସହରର ଇତିହାସର ଦ୍ୱିତୀୟ ସର୍ବକନିଷ୍ଠ ମେୟର ଭାବରେ ବିଜୟ ହାସଲ କରିଛନ୍ତି। ଭାରତୀୟ ହିନ୍ଦୁ ମାତା ତଥା ଚଳଚ୍ଚିତ୍ର ନିର୍ମାତା ମୀରା ନାୟାର ଏବଂ ଉଗାଣ୍ଡା ମୁସଲିମ ପିତା ଶିକ୍ଷାବିତ୍ ମହମ୍ମଦ ମାମଦାନିଙ୍କ ଔରସରୁ ଜନ୍ମଗ୍ରହଣ କରିଥିବା ଏହି ପ୍ରବାସୀ ଯୁବନେତା କେବଳ ନିର୍ବାଚନ ଜିତି ନାହାନ୍ତି, ବରଂ ଟ୍ରମ୍ପବାଦ ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛନ୍ତି।

ନିର୍ବାଚନ ପ୍ରଚାର ସମୟରେ ମାମଦାନୀଙ୍କୁ ମୁସଲିମ, ନ୍ୟୁୟର୍କକୁ ନଷ୍ଟ କରିବାକୁ ଆସିଥିବା ବାମ ମୌଳବାଦୀ, ଆମେରିକୀୟ ବିରୋଧୀ, ଧର୍ମ ବିରୋଧୀ ଆଦି ଆଖ୍ୟାଦେଇ ତିରସ୍କାର କରିବାକୁ ପଛାଇ ନଥିବା ଟ୍ରମ୍ପଙ୍କୁ ନିର୍ବାଚନ ଫଳାଫଳ ମାଧ୍ୟମରେ ଉତ୍ତର ଦେଇଥିଲେ ମାମ୍‌ଦାନୀ। ବିଜୟୀ ପ୍ରାର୍ଥୀ ଟ୍ରମ୍ପଙ୍କ ରାଜନୀତିର ବିପରୀତ ମୂଲ୍ୟବୋଧକୁ ଆୟୁଧ କରିଥିଲେ। ଟ୍ରମ୍ପ ଦୃଢ଼ ଜାତୀୟତାବାଦ, ରକ୍ଷଣଶୀଳ ପରିଚୟ ଏବଂ ଆକ୍ରମଣାତ୍ମକ ଭାଷଣବାଜି ଦ୍ୱାରା ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରିଥିବା ବେଳେ ମାମଦାନୀ ନିଜକୁ ମୁସଲିମ ବୋଲି ପରିଚୟ ଦେବା ସହିତ ପ୍ରଗତିଶୀଳ ନୀତି ଏବଂ ପ୍ରବାସୀଙ୍କୁ ସମାନ ଅଧିକାର, ଧର୍ମନିରପେକ୍ଷତା ଏବଂ ନୂତନ ଦିଗଦର୍ଶନ ମାଧ୍ୟମରେ ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ଟ୍ରମ୍ପଙ୍କୁ ଖରାପ ନକହି ତାଙ୍କ ପ୍ରଚଳିତ ନୀତିକୁ ବିରୋଧ କରିଥିଲେ, ଯାହା ପ୍ରମାଣ କରିଥିଲା ଯେ ଅନେକ ଆମେରିକୀୟ ବିଶେଷକରି ସହରଗୁଡ଼ିକରେ ଥିବା ଶିକ୍ଷିତ ଭୋଟର ଟ୍ରମ୍ପଯୁଗର ବିଭାଜନକାରୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ଯୁବ ଭୋଟରଙ୍କ ଅଧିକ ଭାଗୀଦାରୀରେ ନିର୍ବାଚନରେ ପାଖାପାଖି ୨ ନିୟୁତ ଭୋଟ ମିଳିଥିଲା ଯାହା ଦଶନ୍ଧି ମଧ୍ୟରେ ନ୍ୟୁୟର୍କର ମେୟର ନିର୍ବାଚନରେ ସର୍ବାଧିକ ଭୋଟଦାନ ଥିଲା। ଏହା ପ୍ରମାଣ କରିଥିଲା ଯେ ବଡ଼ ସହରଗୁଡ଼ିକରେ ଗୃହ ନିର୍ମାଣରେ ବର୍ଦ୍ଧିତ ଖର୍ଚ୍ଚ, ବ୍ୟୟବହୁଳ ଦୈନନ୍ଦିନ ଖର୍ଚ୍ଚ, ଧର୍ମନିରପେକ୍ଷତାର ବିରୋଧ, ଶ୍ରମିକଙ୍କ ସମ୍ମାନହାନି ଓ ଅସୁରକ୍ଷିତ ପ୍ରବାସୀ ନୀତିଗୁଡ଼ିକର କୁପରିଣାମ ଲୋକଙ୍କୁ ଭୋଗିବାକୁ ପଡ଼ିଥିଲା। ତେଣୁ ସେମାନେ ଟ୍ରମ୍ପ ଓ ଟ୍ରମ୍ପ ନୀତିକୁ ବିରୋଧ କରିଥିଲେ ଏବଂ ନୂଆ ଭାବନା ଓ ନୂଆ ନେତୃତ୍ୱକୁ ଜିତାଇବାକୁ ମନସ୍ଥ କରିଥିଲେ।

ନ୍ୟୁୟର୍କ ଭଳି ବହୁ-ସଂସ୍କୃତି ସହରରେ ଅଳ୍ପସଂଖ୍ୟକ ଓ ପ୍ରବାସୀମାନଙ୍କର ସ୍ୱର ଶକ୍ତିଶାଳୀ ହେଉଛି, ଯାହା ଦର୍ଶାଉଛି ଯେ ସମାଜିକ ଅସମାନତା ବିଷୟରେ ଲୋକ ଅଧିକ ସଚେତନ। ତତ୍‌ସହିତ ପ୍ରଗତିଶୀଳ ରାଜନୀତିର ଉଦୟ ହୋଇଛି। ଆମେରିକାର ରାଷ୍ଟ୍ରପତି ରୂପେ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳର ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ତାଙ୍କର ଅସଲ ଚେହେରା ପଦାକୁ ଆସିଥିଲା। ପରିବାରବାଦ, ଭୟ ସୃଷ୍ଟି, ବେକାରୀ, ଦରଦାମ ବୃଦ୍ଧି ସହିତ ଆନ୍ତର୍ଜାତିକ ସ୍ତରରେ ଆମେରିକାର କ୍ଷୁର୍ଣ୍ଣ ରୂପ, ଭୁଲ ବୈଦେଶିକ ନୀତି, ଶିକ୍ଷାର ପ୍ରଗତିରେ ବାଧା, ନ୍ୟାୟିକ ବ୍ୟବସ୍ଥାରେ ହସ୍ତକ୍ଷେପ, ପରବାରବାଦ, ଗଣମାଧ୍ୟମକୁ ନିଜ ଇଚ୍ଛାରେ ବ୍ୟବହାର ଆଦି ଟ୍ରମ୍ପନୀତିର ବିରୋଧ ଏବଂ ମାମଦାନୀଙ୍କ ବିଜୟ ଏକ ଜାତୀୟ ଜନମତକୁ ସୂଚାଉଛି।

ମମଦାନୀଙ୍କ ବିଜୟ ବିଶ୍ୱକୁ ବାର୍ତ୍ତା ଦେଇଛି ଯେ ଆକ୍ରମଣାତ୍ମକ ରାଜନୀତି, ଜାତି ଜାତି ବିରୁଦ୍ଧରେ ବିଭେଦ ସୃଷ୍ଟି କରିବା, ଭ୍ରଷ୍ଟାଚାର, ବ୍ୟକ୍ତିଗତ ଆକ୍ଷେପକୁ ଭୋଟର ନାପସନ୍ଦ କରିଛନ୍ତି। ଦଳୀୟ ପରିଚୟ ଠାରୁ ଲୋକଙ୍କ କାମ ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଲୋକମାନେ ଏବେ ଶାନ୍ତି ଚାହୁଁଛନ୍ତି। ବାଦବିବାଦ, ଟ୍ୱିଟର ରାଜନୀତି, ସଂସ୍କୃତି ଯୁଦ୍ଧ ଆଦି ପରେ ଲୋକ ଏବେ ସ୍ଥିରତା ଓ ବିବେକୀ ନେତୃତ୍ୱକୁ ସ୍ୱାଗତ କରୁଛନ୍ତି। ଏହି ଫଳାଫଳ କେବଳ ଏକ ସହର ନିର୍ବାଚନର କଥା ନୁହେଁ, ବରଂ ସମଗ୍ର ବିଶ୍ୱର ରାଜନୀତିରେ ଚାଲୁଥିବା ଏକ ନୂଆ ପରିବର୍ତ୍ତନର ପ୍ରତିଛବି।

ଗତ ୧୦-୧୫ ବର୍ଷ ଧରି ବିଶ୍ୱର ବହୁ ଦେଶରେ ଉଚ୍ଚ ସ୍ୱରରେ ବକ୍ତୃତା, ପ୍ରଚଣ୍ଡ ଭାବନା, ଜନଆନ୍ଦୋଳନ, ଜାତିଆଣ ଭେଦଭାବ ଓ ଦେଶ ଦେଶ ବିରୁଦ୍ଧରେ ଜନତାଙ୍କୁ ଉସକେଇବା ରାଜନୀତି ବହୁତ ବୃଦ୍ଧି ପାଇଲାଣି। କିନ୍ତୁ ଏବେ ଲୋକମାନେ ବୁଝିଲେ ଯେ କେବଳ କଥାକୁହା ରାଜନୀତି ଦେଶକୁ ଚଳାଇପାରିବ ନାହିଁ। ଉନ୍ନତି, କାର୍ଯ୍ୟ ଓ ପରିଣାମ ସହିତ ଦେଶ-ବିଦେଶ ସହିତ ସୁସମ୍ପର୍କ ପାଇଁ ଲୋକେ ଇଚ୍ଛୁକ। ଲୋକମାନେ ଏବେ ପ୍ରଶ୍ନକରିବା ସହିତ ବିଭେଦ ରାଜନୀତିକୁ ଅସ୍ୱୀକାର କରୁଛନ୍ତି। ଯୁବକ ଓ ଶିକ୍ଷିତ ଭୋଟରମାନେ ସମ୍ମାନ, ସାଧାରଣ ଜୀବନ ଓ ସ୍ଥିର ଅଗ୍ରଗତି ଚାହୁଁଛନ୍ତି। ବିଶ୍ୱ ଏବେ ନାରା ଓ ଡ୍ରାମା ନୁହେଁ; ଉନ୍ନତି ଓ ଉତ୍ତରଦାୟୀତା ନେତୃତ୍ୱକୁ ସ୍ୱାଗତ କରିବାକୁ ଶ୍ରେୟ ମନେକରୁଛି। ●

ଭୁବନେଶ୍ୱର

## ଢୁଙ୍ଗରି ଦେବୀ ଭାବେ ପୂଜା ପାଆନ୍ତି ଅସୁରୁଣୀ ହିଡ଼ିମ୍ବା

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ମହାଭାରତର ବର୍ଣ୍ଣନା ଅନୁସାରେ ପଞ୍ଚୁପାଣ୍ଡବ ବନବାସ ସମୟରେ ହିମାଚଳ ପ୍ରଦେଶର ମନାଲିଠାରେ କିଛିଦିନ ପାଇଁ ରହିଥିଲେ। ସେହିସ୍ଥାନରେ ହିଡ଼ିମ୍ବା ନାମକ ଜଣେ ଅସୁରୁଣୀ ଏବଂ ତାଙ୍କ ଭାଇ ହିଡ଼ିମ୍ବଙ୍କ ରାଜୁତି ଥିଲା। ହିଡ଼ିମ୍ବ ବହୁତ ବଳଶାଳୀ ଏବଂ ହିଡ଼ିମ୍ବା ତନ୍ତ୍ରମନ୍ତ୍ରର ଅଧିକାରୀଣୀ ଥିଲେ। ଏକଦା ହିଡ଼ିମ୍ବ ଖାଦ୍ୟ ସନ୍ଧାନରେ ଜଙ୍ଗଲରେ ବୁଲୁଥିବା ସମୟରେ ପଞ୍ଚୁପାଣ୍ଡବଙ୍କୁ ଦେଖି ସେମାନଙ୍କୁ ଭକ୍ଷଣ କରିବାକୁ ଉଦ୍ୟତ ହେଲେ। କିନ୍ତୁ ଅପ୍ରତ୍ୟାଶିତ ଭାବେ ଭୀମଙ୍କ ସହ ହିଡ଼ିମ୍ବଙ୍କୁ ଯୁଦ୍ଧ କରିବାକୁ ପଡ଼ିଲା। ଯୁଦ୍ଧରେ ହିଡ଼ିମ୍ବ ପରାସ୍ତ ହେଲେ। ହିଡ଼ିମ୍ବା ଭୀମଙ୍କ ବୀରତ୍ୱରେ ଅତିଶୟ ପ୍ରଭାବିତ ହୋଇ ତାଙ୍କୁ ବିବାହ କଲେ। ବିବାହ ପରେ ହିଡ଼ିମ୍ବା ମାନବୀ ରୂପରେ ପତିବ୍ରତା ଧର୍ମ ପାଳନ କରିବା ସହିତ କାଳାନ୍ତରରେ ଘୋର ତପସ୍ୟାରେ ଲୀନ ହୋଇ ଅସୁରୁଣୀରୁ ଦେବୀ ଭାବେ ଆବିର୍ଭୂତା ହେଲେ। ତପସ୍ୟା ଦ୍ୱାରା ତାଙ୍କର ସମସ୍ତ ଆସୁରିକ ଶକ୍ତି କ୍ଷୟ ହୋଇଥିଲା ଏବଂ ସେ ମନାଲିର ଆରାଧ୍ୟା ଦେବୀ ଏବଂ କୁଲ୍ଲୁ ରାଜବଂଶର କୁଳଦେବୀ ଭାବେ ଉପାସିତ ହୋଇ ଆସୁଛନ୍ତି।

ଭାରତର ସବୁଠାରୁ ସୁନ୍ଦର ପର୍ଯ୍ୟଟନ ସହରର ମାନ୍ୟତା ହାସଲ କରିଥିବା ମନାଲିଠାରେ ହିଡ଼ିମ୍ବାଙ୍କୁ ସମର୍ପିତ ଏକ ପ୍ରାଚୀନ ଗୁମ୍ଫା ମନ୍ଦିର ଅଛି। ମନ୍ଦିର ଭିତରେ ଥିବା ଏକ ପ୍ରାକୃତିକ ଚଟ୍ଟାଣର ନିମ୍ନଭାଗରେ ଦେବୀ ହିଡ଼ିମ୍ବାଙ୍କ ଆସ୍ଥାନ ରହିଛି। ଏଠାରେ ମା'ଙ୍କର ପଦଚିହ୍ନର ପୂଜା କରାଯାଏ। ଏହି ସ୍ଥାନରେ ହିଡ଼ିମ୍ବା ଦେବତ୍ୱ ଲାଭ କରିଥିଲେ ବୋଲି ବିଶ୍ୱାସ ରହିଆସିଛି। ସ୍ଥାନୀୟ ଭାଷାରେ ଏହି ପ୍ରାକୃତିକ ଚଟ୍ଟାଣକୁ 'ଢୁଙ୍ଗ' କୁହାଯାଉଥିବାରୁ ଏହାର ନାମାନୁସାରେ ମାତା ହିଡ଼ିମ୍ବା 'ଢୁଙ୍ଗ୍ରି ଦେବୀ' ଭାବେ ପୂଜା ପାଉଛନ୍ତି। ତେଣୁ କାହିଁ କେଉଁ କାଳରୁ ଆସ୍ଥାର ପ୍ରତୀକ ଭାବେ ରହିଥିବା ଏହି ମନ୍ଦିରକୁ ଭକ୍ତ ଓ ପର୍ଯ୍ୟଟକମାନେ ମାତା ହିଡ଼ିମ୍ବାଙ୍କ ଆଶୀର୍ବାଦ ନେବା ପାଇଁ ଆସିଥା'ନ୍ତି।

ହିଡ଼ିମ୍ବା ମାତାଙ୍କ ମନ୍ଦିର ପାଗୋଡ଼ା ଶୈଳୀରେ ନିର୍ମିତ। ଦେବଦାରୁ ଗଛରେ ପରିପୂର୍ଣ୍ଣ ଏହି ଅଞ୍ଚଳ ଏବଂ ମନ୍ଦିରର ଶୋଭା ତୁଷାରପାତ ସମୟରେ ଦ୍ୱିଗୁଣିତ ହୋଇଥାଏ। ମନ୍ଦିରରେ ଥିବା ଏକ ଶିଖାଲେଖ ଅନୁସାରେ ଏହି ମନ୍ଦିରକୁ କୁଲ୍ଲୁ ରାଜ୍ୟର ଶାସକ ରାଜା ବାହାଦୂର ସିଂ ନିର୍ମାଣ କରିଥିଲେ। ତିନୋଟି ଛାତ ବିଶିଷ୍ଟ ଏହି ମନ୍ଦିରଟି ସମ୍ପୂର୍ଣ୍ଣ ଭାବେ ଦେବଦାରୁର ମଞ୍ଜକାଠରେ ନିର୍ମାଣ କରାଯାଇଛି ଏବଂ ମନ୍ଦିରର ଭିତର ପାର୍ଶ୍ୱ ଏବଂ ମୁଖ୍ୟଦ୍ୱାରରେ କାଠ ଉପରେ କରାଯାଇଥିବା କାରୁକାର୍ଯ୍ୟ ବେଶ୍ ମନମୁଗ୍ଧକର। ମନ୍ଦିରର ସର୍ବୋଚ୍ଚ ଛୋଟ ଛାତ ଉପରେ ତମ୍ବା ଓ ପିତଳ ମିଶ୍ରିତ ଆଉ ଏକ ତ୍ରିଭୁଜାକାର ଛତ୍ର ରହିଛି। ବିଶ୍ୱାସ ରହିଛି ଯେ, ଶ୍ରଦ୍ଧାଳୁମାନେ ହିଡ଼ିମ୍ବା ମାତାଙ୍କୁ ଭକ୍ତି ଓ ଶ୍ରଦ୍ଧାର ସହିତ ପୂଜାର୍ଚ୍ଚନା କଲେ ତାଙ୍କର ସବୁ ଦୁଃଖକଷ୍ଟ ଦୂର ହେବା ସହିତ ସମସ୍ତ ମନସ୍କାମନା ପୂରଣ ହୋଇଥାଏ।

ଲୋକକଥା ଅନୁସାରେ ସ୍ୱୟଂ ଶ୍ରୀକୃଷ୍ଣ ହିଡ଼ିମ୍ବା ଦେବୀଙ୍କୁ ବନବାସ ସମୟରେ ପ୍ରେରଣ କରି ଦିବ୍ୟଲୀଳା ପ୍ରକାଶ କରିଥିଲେ ଏବଂ ପରବର୍ତ୍ତି ସମୟରେ ସଂସାରର କଲ୍ୟାଣାର୍ଥେ ଦେବୀ ସ୍ୱରୂପା ହେବାର ବରଦାନ ଦେଇଥିଲେ। ମାତା ହିଡ଼ିମ୍ବା କୁଲ୍ଲୁ ରାଜବଂଶର କୁଳଦେବୀ ଭାବେ କାହିଁକି ପୂଜିତା, ସେ ସମ୍ପର୍କରେ ମଧ୍ୟ ଏକ ଜନଶ୍ରୁତି ରହିଛି। ବିହଙ୍ଗମଣି ପାଲ୍ ନାମକ ଜଣେ ବ୍ୟକ୍ତିଙ୍କୁ ସ୍ୱୟଂ ଦେବୀ ହିଡ଼ିମ୍ବା କୁଲ୍ଲୁର ରାଜା ହେବା ପାଇଁ ବରଦାନ ଦେଇଥିଲେ। କୁଲ୍ଲୁର ପ୍ରଥମ ଶାସକ ଭାବେ ବିହଙ୍ଗମଣି ରାଜ୍ୟଭାର ଗ୍ରହଣ କରି ରାଜା ହେଲେ ଏବଂ ତାଙ୍କଠାରୁ କୁଲ୍ଲୁ ରାଜବଂଶର ସୃଷ୍ଟି ହୋଇଥିବାରୁ ଦେବୀ ହିଡ଼ିମ୍ବାଙ୍କୁ କୁଳଦେବୀ ଭାବେ ପୂଜା କରାଯାଉଛି। ଭକ୍ତି ଓ ଶ୍ରଦ୍ଧାରେ ମାତା ହିଡ଼ିମ୍ବାଙ୍କୁ କୁଲ୍ଲୁ ରାଜବଂଶର ଜେଜେମା' ବୋଲି କୁହାଯାଉଛି। ପରମ୍ପରା ଅନୁସାରେ ଏବେ ମଧ୍ୟ କୁଲ୍ଲୁ ଦଶହରା ସମୟରେ ଡିଡ଼ିମ୍ବା ଦେବୀଙ୍କ ପ୍ରତୀକ କୁଲ୍ଲୁ ଅଞ୍ଚଳକୁ ଗମନ କରନ୍ତି ଏବଂ ସାତଦିନ ପର୍ଯ୍ୟନ୍ତ ଢାଲପୁରାସ୍ଥିତ ନିଜର ଦେବସ୍ଥାନରେ ଅବସ୍ଥାନ କରିଥା'ନ୍ତି। ହିଡ଼ିମ୍ବା ଦେବୀ ଦେବସ୍ଥାନରେ ନ ପହଞ୍ଚିବା ପର୍ଯ୍ୟନ୍ତ କୁଲ୍ଲୁ ଦଶହରାର ବିଧିବିଧାନ ଆରମ୍ଭ ହୋଇନଥାଏ।

ହିଡ଼ିମ୍ବାଙ୍କ ମନ୍ଦିରର ଅନତିଦୂରରେ ତାଙ୍କର ପୁତ୍ର ଘଟୋତ୍କଚଙ୍କ ମନ୍ଦିର ମଧ୍ୟ ଅଛି। ମାତା ହିଡ଼ିମ୍ବାଙ୍କ ଦର୍ଶନ କରିବା ପରେ ଶ୍ରଦ୍ଧାଳୁମାନେ ଘଟୋତ୍କଚଙ୍କ ଦର୍ଶନ କରିଥା'ନ୍ତି। ଅନ୍ୟଥା ମାତାଙ୍କ ଦର୍ଶନର ପୁଣ୍ୟଫଳ ମିଳିନଥାଏ ବୋଲି ବିଶ୍ୱାସ ଅଛି। ମାତା ହିଡ଼ିମ୍ବା ଓ ତାଙ୍କର ପୁତ୍ର ଘଟୋତ୍କଚ ଅସୁର ଭାବେ ଜନ୍ମ ନେଇଥିଲେ ମଧ୍ୟ ଭକ୍ତଙ୍କ ଭକ୍ତି, ବିଶ୍ୱାସ ଓ ଶ୍ରଦ୍ଧା ଯୋଗୁଁ ଈଶ୍ୱରୀୟ ଶକ୍ତି ଭାବେ ପୂଜା ପାଉଛନ୍ତି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାମଲା ରୁଜୁ କଲା...

ଅନେକ କିଛି କାମ ହୋଇଛି ବୋଲି ସିବିଆଇ ସନ୍ଦେହ କରିଛି। ଏଣୁ ଏହି ରାଜ୍ୟ ଗୁଡ଼ିକରେ ତଦନ୍ତର ଆବଶ୍ୟକତା ରହିଛି। ରାଜ୍ୟ ଗୁଡ଼ିକରେ ମାମଲାର ଯାଞ୍ଚ ଏବଂ ଅଭିଯୁକ୍ତଙ୍କୁ ଗିରଫ ପାଇଁ ମାନବ ସମ୍ବଳ ଓ ଆନୁଷଙ୍ଗୀକ ସହଯୋଗର ଆବଶ୍ୟକତା ଥିବାରୁ ଏଥିପାଇଁ ଦିଲ୍ଲୀ କାର୍ଯ୍ୟାଳୟକୁ ଚିଠି ଲେଖାଯାଇଛି।

୨୦୨୪ ମସିହାରେ ସମ୍ପୂର୍ଣ୍ଣ ଦେଶରେ ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଏଥିରେ ୧୪ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିହାର ଏବଂ ଝାଡ଼ଖଣ୍ଡରୁ ଗିରଫ କରାଯାଇଥିଲା। କିଛି ଅଭିଯୁକ୍ତ ପ୍ରାଶ୍ନପତ୍ର ଲିକ୍ ମାମଲାରେ ଜେଲ ଥାଇ ମଧ୍ୟ ଏହି ରାକେଟ୍‌କୁ ଅପରେଟ୍ କରୁଥିଲେ ବୋଲି ଚର୍ଚ୍ଚା ହେଉଥିଲା। ଏଣୁ ରାଜ୍ୟ ବାହାର ଅଭିଯୁକ୍ତଙ୍କ ସହ ଶଙ୍କର ପୃଷ୍ଟି ଓ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନଙ୍କ ସହ କିଭଳି ସମ୍ପର୍କ ରହିଛି। ରାଜ୍ୟ ବାହାର ଗ୍ୟାଙ୍ଗ୍‌ରୁ ସେମାନେ କେଉଁ ପ୍ରକାର ସହାୟତା ପାଇଛନ୍ତି, ଏସବୁର ତଦନ୍ତ କରିବାକୁ ଭୁବନେଶ୍ୱର ସିବିଆଇ ଏହି ରାଜ୍ୟ ଗୁଡ଼ିକୁ ଯିବ। ଏହା ସହ ସିବିଆଇ ଓଡ଼ିଶା ସମେତ ରାଜ୍ୟ ବାହାରେ ଏକ ମିଳିତ ରେଡ୍ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି।

ଅନ୍ୟ ପକ୍ଷରେ ସିବିଆଇକୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସମସ୍ତ ତଥ୍ୟ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। କ୍ରାଇମ୍‌ବ୍ରାଞ୍ଚ ଏସ୍‌ଆଇ ଚାକିରି ବିକ୍ରି ମାମଲାର ମାଷ୍ଟରମାଇଣ୍ଡ ସିଲିକନ୍‌ର ସିଇଓ ସୁରେଶ, ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟି ଏବଂ ସେମାନଙ୍କ ସହଯୋଗୀଙ୍କ ସମେତ ମୋଟ୍ ଗିରଫ ହୋଇଥିବା ୧୨୬ଙ୍କ ନାମ ସିବିଆଇକୁ ହସ୍ତାନ୍ତର କରିଛି। ତଦନ୍ତ ବେଳେ ସେମାନଙ୍କ ସମ୍ପୃକ୍ତି, କିଏ କେଉଁ ପର୍ଯ୍ୟାୟରେ ରହି ଏହି କେଳେଙ୍କାରୀ କରିଛନ୍ତି। ତାହାର ଦସ୍ତାବିଜ ହସ୍ତାନ୍ତର କରିଛି କ୍ରାଇମ୍‌ବ୍ରାଞ୍ଚ। ଏହା ସହ ତଦନ୍ତ ବେଳେ ରାଜ୍ୟ ବାହାର କିଛି ନାମ ସାମ୍ନାକୁ ଆସିଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ବିରୋଧୀ ଦଳ ଏହାର ତଦନ୍ତ ସିବିଆଇ ଦ୍ୱାରା କରାଇବାକୁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାମଲାର ଗୁରୁତ୍ୱ ଏବଂ ରାଜ୍ୟବାହାର ଲିଙ୍କ୍ ଜାଣିବା ପରେ ସିବିଆଇ ତଦନ୍ତ ପାଇଁ ସୁପାରିସ୍ କରିଥିଲେ। ଏହି ଅନୁଯାୟୀ ସିବିଆଇ ଏସ୍‌ଆଇ ଚାକିରି ବିକ୍ରି ମାମଲାର ତଦନ୍ତ ଭାର ସମ୍ଭାଳିଛି।

## ଆଜି ବିହାର...

୧୫୦ରୁ ୧୭୦ ପର୍ଯ୍ୟନ୍ତ ଆସନ ମିଳିପାରେ। ଏହାକୁ ନେଇ ଶାସକ ଦଳ ମଧ୍ୟରେ ଉତ୍ସାହ ରହିଛି। ତଥାପି ନେତାମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଅଧିକ ମତଦାନ ହାର। ରାଜ୍ୟରେ ଦୁଇଟି ପର୍ଯ୍ୟାୟରେ ହୋଇଥିବା ମତଦାନ ହାର ରହିଛି ୬୬.୯୧, ଯାହାକି ଗତ ନିର୍ବାଚନ ଅପେକ୍ଷା ୯.୬୨ ଅଧିକ।

ବିହାର ବିଧାନସଭା ନିର୍ବାଚନରେ ୬୬.୯୧ ପ୍ରତିଶତ ମତଦାନ ହାର ସମସ୍ତ ପୂର୍ବ ରେକର୍ଡକୁ ଭାଙ୍ଗିଦେଇଛି। ପ୍ରଥମ ପର୍ଯ୍ୟାୟରେ ୬୫.୦୮ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୬୮.୭୬ ପ୍ରତିଶତ ମତଦାନ ହୋଇଥିଲା। ମୋଟାମୋଟି ଭାବେ ଦେଖିବାକୁ ଗଲେ ୨୦୨୦ ନିର୍ବାଚନ (୫୭.୨୯) ତୁଳନାରେ ଏଥର ୯.୬୨ ଅଧିକ ମତଦାନ ହୋଇଛି। ଶାସକ ମେଣ୍ଟକୁ ଯେଉଁ କଥାଟି ଚିନ୍ତାରେ ପକାଇଛି, ତାହା ହେଲା ଯେ ରାଜ୍ୟ ବିଧନସଭା ନିର୍ବାଚନରେ ଯେତେବେଳେ ମତଦାନ ହାର ପୂର୍ବ ଅପେକ୍ଷା ୫ ପ୍ରତିଶତରୁ ଅଧିକ ବା କମ୍ ସେତେବେଳେ ସରକାରର ପତନ ଘଟିଛି। ଏହା ବିହାରର ନିର୍ବାଚନ ଇତିହାସ କହୁଛି। ୧୯୬୭ରେ ପୂର୍ବ ନିର୍ବାଚନ ତୁଳନାରେ ୭ ପ୍ରତିଶତ ଅଧିକ ମତଦାନ ହୋଇଥିବା ବେଳେ କଂଗ୍ରେସ ସରକାରର ପତନ ଘଟିଥିଲା। ସେହିବର୍ଷ ଅଣ-କଂଗ୍ରେସ ଦଳ ମେଣ୍ଟ ସରକାର ଗଠନ କରିଥିଲେ। ସେହିଭଳି ୧୯୮୦ରେ ପୂର୍ବ ନିର୍ବାଚନ ତୁଳନାରେ ୬.୮ ପ୍ରତିଶତ ଅଧିତ ମତଦାନ ହୋଇଥିଲା ଏବଂ କ୍ଷମତାରେ ପରିବର୍ତ୍ତନ ହୋଇଥିଲା। ୧୯୯୦ରେ ପୂର୍ବ ନିର୍ବାଚନ ତୁଳନାରେ ୫.୭ ପ୍ରତିଶତ ଅଧିକ ମତଦାନ ହୋଇଥିଲା ଏବଂ କଂଗ୍ରେସ ସରକାରର ପତନ ଘଟିଥିଲା। ଏହା ସ୍ଥାନରେ ଜନତା ଦଳ ସରକାର ଗଠନ କରିଥିଲା।

ଏହି ଧାରା ଏଥର ଜାରି ରହିଲେ ସରକାର ପରିବର୍ତ୍ତନ ହେବା ନିଶ୍ଚିତ। ତେବେ ଭୋଟର ଏହି ଧାରାକୁ ଭାଙ୍ଗିଛନ୍ତି କି ନାହିଁ ତାହା ଆସନ୍ତାକାଲି ୧୪ ତାରିଖରେ ହିଁ ଜଣାପଡ଼ିବ। ସୂଚନାଯୋଗ୍ୟ ଏଥର ନିର୍ବାଚନରେ ମହିଳାମାନଙ୍କ ମତଦାନ ହାର ପୁରୁଷମାନଙ୍କ ଅପେକ୍ଷା ଅଧିକ ରହିଛି। ମହିଳାମାନଙ୍କ ମତଦାନ ହାର ୭୧.୬% ଥିବା ବେଳେ ପୁରୁଷମାନଙ୍କ ମତଦାନ ହାର ୬୨.୮% ରହିଛି।

ନୀତୀଶ କୁମାର ୨୦୧୫ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀପଦରେ ରହିଛନ୍ତି। ଏହାପୂର୍ବରୁ ୨୦୦୫ରୁ ୨୦୧୪ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଥିଲେ।

## ଫଳ ପୂର୍ବରୁ...

ଝିଟିକି ୟୁପି ସ୍କୁଲ (ବୁଥ୍ ନମ୍ବର ୧୬)ରେ ୭୫୬ ଭୋଟର ଥିବାବେଳେ ମତଦାନ କରିଛନ୍ତି ୭୧୦। ଗୋଟିଗୋଟି ଲେଖିବସିଲେ ଏହି ତାଲିକା ବେଶ୍ ଦୀର୍ଘ ହେବ। ତେବେ ଭୋଟଦାନର ଏପରି ଅସ୍ୱାଭାବିକ ହାର ପଛରେ କେଉଁଠି ନା କେଉଁଠି କିଛି ବିଭ୍ରାଟ ହୋଇଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି। ବିଶେଷକରି ନିର୍ଦ୍ଧାରିତ ସମୟରେ ଭୋଟିଂ ସମୟ ଶେଷ ଅର୍ଥାତ ସନ୍ଧ୍ୟା ୫ଟା ପରେ ପ୍ରାୟ ୮ ପ୍ରତିଶତରୁ ଅଧିକ ଭୋଟ ପଡିବା ଏହି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି। ଏପରିକି ସରକାରୀ କଳ ଓ ବଳର ଅପପ୍ରୟୋଗ କରି ଶାସକ ଦଳ ଫାଇଦା ଉଠାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ଗୁରୁବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ସାଧାରଣ ସମ୍ପାଦକ ଡ ଲେଖାଶ୍ରୀ ସାମନ୍ତସିଂହାର, ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ନୂଆପଡ଼ା ମତଦାନ ପ୍ରସଙ୍ଗରେ ସରକାର ଓ ନିର୍ବାଚନ ଅଧିକାରୀଙ୍କୁ କଠୋର ସମାଲୋଚନା କରିଛନ୍ତି। ଶାସକ ଦଳ ସରକାରୀ କଳକୁ ସମ୍ପୂର୍ଣ୍ଣ ବ୍ୟବହାର କରିଥିବା ଏବଂ ନିର୍ବାଚନ ଅଧିକାରୀଙ୍କ ମୁକ୍ତ ଓ ଅବାଧ ନିର୍ବାଚନ ଦାବି ଏକ ପ୍ରହସନରେ ପରିଣତ ହୋଇଛି ବୋଲି ବିଜେଡି ନେତାମାନେ କହିଛନ୍ତି। ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ନିର୍ବାଚନ ସମୟରେ ସନ୍ଧ୍ୟା ୫ଟା ସୁଦ୍ଧା ୭୫ ପ୍ରତିଶତ ଭୋଟିଂ ହୋଇଛି ବୋଲି ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା; କିନ୍ତୁ ପରବର୍ତ୍ତୀ ସମୟରେ ଏହା ୮୩.୫ ପ୍ରତିଶତକୁ ବୃଦ୍ଧି ପାଇଥିବା କୁହାଗଲା। ଭୋଟିଂ ସମୟ ଶେଷ ହେବା ପରେ ପ୍ରାୟ ୮ ପ୍ରତିଶତରୁ ଅଧିକ ଭୋଟ ପଡିବା ସନ୍ଦେହଜନକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୪୧ଟି ବୁଥରେ ୯୧ ପ୍ରତିଶତରୁ ଅଧିକ ଭୋଟିଂ ଭୋଟ ରିଗିଙ୍ଗ ଦିଗ ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରୁଛି। ନିର୍ବାଚନ ପ୍ରଚାର ଚାଲିଥିବା ସମୟରେ ବିଜେପି ପ୍ରତି ସରକାରୀ ଅଧିକାରୀଙ୍କ ଅହେତୁକ ସହଯୋଗ ଦେଖିବାକୁ ମିଳିଥିଲା। ସାଇଲେଣ୍ଟ ପିରିଅଡରେ ଭୋଟରଙ୍କୁ ପ୍ରଭବିତ କରିବାକୁ ବିଜେପି ନେତାଙ୍କ ପାଇଁ ସୁଯୋଗ ଦିଆଗଲା। ଏ ସଂକ୍ରାନ୍ତ ଅଭିଯୋଗକୁ ବି ଗୁରୁତ୍ୱ ଦିଆଗଲା ନାହିଁ ବୋଲି ସେ କହିଛନ୍ତି।

ଏହି ଅବସରରେ ଡ ଲେନିନ ମହାନ୍ତି ଯେଉଁ ବୁଥ୍ ଗୁଡିକରେ ୯୦ ପ୍ରତିଶତରୁ ଅଧିକ ଭୋଟିଂ ହୋଇଛି, ସେଇ ବୁଥ୍ ଗୁଡିକର ସିସିଟିଭି ଫୁଟେଜ ପ୍ରଦାନ ପାଇଁ ଦାବି କରିଛନ୍ତି। ବାସ୍ତବରେ ଲୋକ ଭୋଟ ଦେଇଛନ୍ତି ନା ହେରଫେର ହୋଇଛି ତାହା ଏଥିରୁ ପ୍ରମାଣିତ ହେବ। ଇଭିଏମ ମେସିନ ଗୋଟିଏ ଘରୋଇ ଗାଡିରେ ବୁଲୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ମୁକ୍ତ ଓ ଅବାଧ ନିର୍ବାଚନ କରିବା ଉକ୍ତି ଏହି ଉପନିର୍ବାଚନରେ ପ୍ରହସନରେ ପରିଣତ ହୋଇଛି ବୋଲି ସେ କହିଛନ୍ତି।

ଡ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଜିତିବା ବିଜେପି ପକ୍ଷରେ ସମ୍ଭବ ନୁହେଁ ବୋଲି ଜାଣି ବିଜେପି ପ୍ରଶାସନିକ କଳର ଅପବ୍ୟବହାର କରିଛି। ୯୦ ପ୍ରତିଶତ ଭୋଟିଂ ଏକ ବିରଳ ଘଟଣା। ବିଶେଷକରି ଉପନିର୍ବାଚନରେ ଏପରି ହେବା ନିଶ୍ଚିତ ଭାବେ ସନ୍ଦେହ ସୃଷ୍ଟି କରିଛି। ସରକାରୀ ଅଧିକାରୀ ମାନେ ବିଜେପିର ଏଜେଣ୍ଟ ସାଜି କାମ କରିଛନ୍ତି, ଶେଷ ପର୍ଯ୍ୟାୟରେ ପୁଲିସର ତତ୍ତ୍ୱାବଧାନରେ ଟଙ୍କା ବଣ୍ଟା ହେଲା, ବୁଥ୍ ଭିତରେ ବିଜେପି ତରଫରୁ ପ୍ରଚାର କରାଗଲା। ବିଜେଡିର ଆପତ୍ତିକୁ ଗ୍ରହଣ କରାଗଲା ନାହିଁ ବୋଲି ସେ କହିଛନ୍ତି।

## ୨୦ରୁ ଆରମ୍ଭ ହେବ...

ଧାନର ଏଫଏକ୍ୟୁ ମାନ ନେଇ ଚାଷୀଙ୍କୁ ହଇରାଣ, ମିଲରଙ୍କ ମନମାନିକୁ ନେଇ ଚାଷୀ ହନ୍ତସନ୍ତ ହୋଇଥିବା ଓ ଏହାର ସମାଧାନରେ ଯୋଗାଣ ବିଭାଗ ବିଫଳ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ସଂଗଠିତ ହୋଇଥିବା ବେଳେ ମିଲରଙ୍କ ମନମାନିକୁ ମଧ୍ୟ ସେତେବେଳେ ରାଜ୍ୟ ସରକାର ପରୋକ୍ଷରେ ସ୍ୱୀକାର କରିଥିଲେ। ଅପରପକ୍ଷେ ଚଳିତ ବର୍ଷ ଚାଷୀ ପଞ୍ଜିକରଣ ଆରମ୍ଭରେ ସରକାରଙ୍କ ଅତ୍ୟନ୍ତ ଜଟିଳ ନିୟମକୁ ନେଇ ତାତିଥିଲେ ଚାଷୀ। ଏନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସରକାର ନିୟମରେ କୋହଳ କରିଥିଲେ। ତେଣୁ ଏଥର ଯେପରି ଧାନ କିଣା ତ୍ରୁଟି ଶୂନ୍ୟ ହେବ, ସେ ନେଇ ସରକାର ଆଗୁଆ ସମସ୍ତ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଅପରପକ୍ଷେ ଚଳିତ ଥର ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ବଳସାମନ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଆସନ୍ତା ୨ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ନିର୍ମାଣ କରାଯିବ। ଏଥିପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇ ସାରିଛି। ପୁନଶ୍ଚ ଚଳିତ ବର୍ଷ ୮୦ ସମବାୟ ସମିତିରେ ୨୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଘର ନିର୍ମାଣ ପାଇଁ ୨୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ୨୫ ହଜାର ହେବ...

ବୋର୍ଡ ବୈଠକରେ ଆଲୋଚନା ହେବାର ଆଶା କରାଯାଉଛି। ଯଦି ଏହି ପ୍ରସ୍ତାବକୁ ମଞ୍ଜୁରି ମିଳେ ତେବେ କର୍ମଚାରୀଙ୍କ ମାସିକ ପେନସନ୍ ପାଣ୍ଠି ଜମା ୧୨୫୦ ଟଙ୍କାରୁ ୨୦୮୩ ଟଙ୍କାକୁ ବୃଦ୍ଧି ପାଇବ। ଏହାକୁ ଏବେ ଇପିଏଫ୍‌ଓ-୩.୦ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇପାରେ, ଯାହା ୬୫ ନିୟୁତରୁ ଅଧିକ ସଦସ୍ୟଙ୍କୁ ଲାଭ ଦେବ।

ଭାରତରେ ପିଏଫ୍ ଆକାଉଣ୍ଟଗୁଡ଼ିକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଦ୍ୱାରା ପରିଚାଳିତ ହୁଏ। ଇପିଏଫ୍‌ଓ ସଦସ୍ୟଙ୍କ ବାଧ୍ୟତାମୂଳକ ବେତନ ସୀମା ୧୫,୦୦୦ରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରିଲେ ଉଚ୍ଚ ବେତନପ୍ରାପ୍ତ କର୍ମଚାରୀମାନେ ମଧ୍ୟ ଇପିଏସ୍ ଯୋଜନା ଅଧୀନରେ ସାମାଜିକ ସୁରକ୍ଷାର ଲାଭ ପାଇବେ। ଇପିଏଫ୍ ଏବଂ ଇପିଏସ୍ ଉଭୟ ପାଇଁ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କୁ ପ୍ରତ୍ୟେକଙ୍କୁ ଦରମାର ୧୨% ଯୋଗଦାନ କରିବାକୁ ପଡିବ। କର୍ମଚାରୀଙ୍କ ସମ୍ପୂର୍ଣ୍ଣ ୧୨% ଇପିଏଫ୍‌କୁ ଯାଏ, ଯେତେବେଳେ କି ନିଯୁକ୍ତିଦାତାଙ୍କ ଯୋଗଦାନ ଦୁଇଟି ଭାଗରେ ବିଭକ୍ତ ହୋଇଛି। ନିଯୁକ୍ତି ଦାତା ୮.୩୩% ଇପିଏସ୍‌କୁ ଏବଂ ୩.୬୭% ଇପିଏଫ୍‌କୁ ଯୋଗଦାନ ଦେଇଥାନ୍ତି। ସଦସ୍ୟଙ୍କ ବେତନ ସୀମାରେ ବୃଦ୍ଧି ଇପିଏଫ୍- ଇପିଏସ୍ କର୍ପସକୁ ଦ୍ରୁତ ଗତିରେ ବୃଦ୍ଧି କରିବ, ଯାହା ଫଳରେ କର୍ମଚାରୀଙ୍କ ଅବସର ପେନସନ ଏବଂ ସୁଧ ଉଭୟ ବୃଦ୍ଧି ପାଇବ। ବର୍ତ୍ତମାନ ଇପିଏଫ୍ ର ମୋଟ ପାଣ୍ଠି ପରିମାଣ ପ୍ରାୟ ୨୬ ଲକ୍ଷ କୋଟି ଟଙ୍କା। ଏହାର ୭୬ ନିୟୁତ ସକ୍ରିୟ ସଦସ୍ୟ ଅଛନ୍ତି। ବର୍ତ୍ତମାନ ପ୍ରଚଳିତ ନିୟମ ଅନୁଯାୟୀ, ଇପିଏସ୍-୯୫ ଅନ୍ତର୍ଗତ ପେନସନ ପାଣ୍ଠିରେ ଯୋଗଦାନକୁ ମୂଳ ଦରମାର ସର୍ବାଧିକ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଗଣନା କରାଯାଏ। ଏହାର ଅର୍ଥ ହେଉଛି ଯେ ଆପଣଙ୍କର ଦରମା ୩୦,୦୦୦ କିମ୍ବା ୪୦,୦୦୦ ଟଙ୍କା ହୋଇ ଥାଉ ନା କାହିଁକି, ଆପଣଙ୍କର ପେନସନ କେବଳ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଗଣନା କରାଯାଏ। ଏଠାରେ ସୂଚନାଯୋଗ୍ୟ ଯେ, ଇପିଏସ୍ ସୀମା ଶେଷ ଥର ପାଇଁ ୨୦୧୪ ରେ ୬୫୦୦ ରୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା।

## ୭ ଡିଗ୍ରୀକୁ...

୪-୬ ଡିଗ୍ରୀ କମ୍ ରେକର୍ଡ ହୋଇଛି। ଏହି ଦୃଷ୍ଟିରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତଲହରୀ ସ୍ଥିତି ସୃଷ୍ଟି ହେବା ନେଇ ମଧ୍ୟ ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ଆହୁରି ତଳକୁ ଖସିଛି। ଏହି କ୍ରମରେ ୪ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଥିବା ବେଳେ ୯ ସହରରେ ପାରଦ ୧୨ ଡିଗ୍ରୀ ତଳେ ରହିଛି। ୭.୧ ଡିଗ୍ରୀ ସହ ସେମିଲିଗୁଡାରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଜି. ଉଦୟଗିରି ୭.୪, ଦାରିଙ୍ଗବାଡି ୭.୫, ଫୁଲବାଣୀ ୮.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏହା ବ୍ୟତୀତ ଝାରସୁଗୁଡ଼ାରେ ୧୦.୯, ରାଉରକେଲା ୧୧.୧, ଚିପିଲିମା ୧୧.୨, କିରେଇ ୧୧.୫, ଭବାନୀପାଟଣା ୧୧.୫, ଅନୁଗୁଳ ୧୨ ଡିଗ୍ରୀ ସହ ଦ୍ୱୈତ ନଗରୀ କଟକରେ ୧୪.୬ ଏବଂ ଭୁବନେଶ୍ୱରରେ ୧୪.୧ ଡୀଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ବଡ଼ କଥା ହେଉଛି ଯେ ଏଥି ମଧ୍ୟରୁ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ତାପମାତ୍ରା ଯଥେଷ୍ଟ ହ୍ରାସ ହୋଇଛି। ଭୁବନେଶ୍ୱରରେ ସ୍ୱାଭାବିକ ତୁଳନାରେ ତାପମାତ୍ରା ୫.୩ ଡିଗ୍ରୀ କମ୍ ରହିଥିବା ବେଳେ ଅନୁଗୁଳରେ ୫.୮, ଝାରସୁଗୁଡ଼ାରେ ୬.୨ ଓ ଗୋପାଳପୁରରେ ତାପମାତ୍ରା ସ୍ୱାଭାବିକଠାରୁ ୫ ଡିଗ୍ରୀ କମ୍ ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟରେ ସପ୍ତାହେ ପର୍ଯ୍ୟନ୍ତ ଥଣ୍ଡା ଜାରି ରହିବ। ଶୁକ୍ରବାର ରାତିଠାରୁ କେତେକ ସ୍ଥାନରେ ରାତିର ତାପମାତ୍ରା ଆହୁରି କମିବ। ବ୍ରହ୍ମପୁର, ଭୁବନେଶ୍ୱର, ଭଦ୍ରକ, ପୁରୀ, ବାଲେଶ୍ୱରରେ ଶୁକ୍ରବାର ରାତିରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ତାପମାତ୍ରା ୧-୩ ଡିଗ୍ରୀ ହ୍ରାସ ପାଇବ। ୧୮ ପର୍ଯ୍ୟନ୍ତ ଏହା ଅପରିବର୍ତ୍ତିତ ରହିବ। ବାଲେଶ୍ୱରରରେ ୧୪ରୁ ୧୬ ଡିଗ୍ରୀ ସହ ବ୍ରହ୍ମପୁରରେ ୧୫-୧୭ ଡିଗ୍ରୀ, ରାଉରକେଲାରେ ୧୦-୧୨ ଡିଗ୍ରୀ, ସମ୍ବଲପୁରରେ ୧୩-୧୫ ଡିଗ୍ରୀ ତାପମାତ୍ରା ରହିପାରେ। ଅନ୍ୟାନ୍ୟ ସ୍ଥାନରେ ପ୍ରାୟତଃ ଆଜିର ତାପମାତ୍ରା ଚାଲୁ ରହିବ। ଆଭ୍ୟନ୍ତରୀଣ ଅପେକ୍ଷା ଉପକୂଳରେ ତାପମାତ୍ରା ଅଧିକ କମିବ। ୧୯-୨୧ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଭୁବନେଶ୍ୱର ଏୟାରପୋର୍ଟରେ ପ୍ରତି ୩୦ ମିନିଟ ଅନ୍ତରାଳରେ ନିଆଯାଇଥିବା ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ, ରାଜ୍ୟ ମଧ୍ୟକୁ ଗତକାଲି ରାତ୍ରି ୧୦ ଟା ପରଠାରୁ ଏପର୍ଯ୍ୟନ୍ତ କ୍ରମାଗତ ଭାବେ ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହିତ ହେଉଛି, ଯାହା ପ୍ରଭାବରେ ବିଭିନ୍ନ ସ୍ଥାନରେ ରାତିର ତାପମାତ୍ରା ତଳମୁହାଁ ହେଉଛି। ଏହି ଶୁଷ୍କ ବାୟୁ ଅନେକ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ସେହିପରି ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନ ଅନୁଯାୟୀ ଆଗାମୀ ଦୁଇ ସପ୍ତାହ ଯାଏଁ (୧୪ ରୁ ୨୭ ତାରିଖ) ଦେଶର ବିଭିନ୍ନ ଭାଗରେ ସର୍ବନିମ୍ନ ରାତିର ତାପମାତ୍ରା କମ୍ ରହିବ। ଏହା ପ୍ରଭାବରେ ଶୀତଲହରୀର ସମ୍ଭାବନା ସୃଷ୍ଟି ହେବ। ଏହି ସମୟରେ ଓଡ଼ିଶାରେ ମଧ୍ୟ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ ବୋଲି ଆଇଏମ୍‌ଡି ନିଜ ଆକଳନରେ ଦର୍ଶାଇଛି।

## ଅନିଶ୍ଚିତତାରେ ସୁବର୍ଣ୍ଣରେଖା...

ଜନସ୍ୱାର୍ଥ ମାମଲା ଏବେ ବିଚାରଧୀନ ରହିଛି। ଏହି ସବୁ ଦୃଷ୍ଟିରୁ ଏହି ମେଗା ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତା ଆଡକୁ ଟାଣି ହୋଇ ଯାଇଛି। ୨୦୦୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଙ୍ଗଳେଶ୍ୱର କାଳିଝାଟି ପଡିଆରେ ଏକ ଜନସଭାକୁ ସମ୍ବୋଧିତ କରିବା ଅବସରରେ ଚୌମୁଖଠାରେ ଘରୋଇ ଉଦ୍ୟୋଗ ରେ ବନ୍ଦର ହେବ ବୋଲି ଘୋଷଣା କରିଥିଲେ। ପରେ ଚେନ୍ନାଇର କ୍ରିଏଟିଭ ପୋର୍ଟ ନାମକ ଏକ ସଂସ୍ଥା ଏମଓୟୁ ସରକାରଙ୍କ ସହିତ କରିଥିଲେ। ଅନ୍ୟ ଏକ ସହଯୋଗୀ ସଂସ୍ଥା ଏଥିରୁ ଓହରି ଯିବାରୁ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଥିଲା। ଦୀର୍ଘ ଦିନର ବ୍ୟବଧାନ ପରେ ଟାଟା କମ୍ପାନୀ ଏଥିରେ ଯୋଡିବାରୁ ସୁବର୍ଣ୍ଣ ରେଖା ବନ୍ଦର ପ୍ରକଳ୍ପ କାର୍ଯ୍ୟ କିଛି ମାତ୍ରାରେ ଆଗେଇ ଥିଲା। ରାସ୍ତା ଓ ରେଳ କରିଡର ପାଇଁ କମ୍ପାନୀ ୪୦ ପ୍ରତିଶତ ଜମି ଅଧି ଗ୍ରହଣ କରିଥିଲେ। ଟାଟା ବାଲିଆପାଳ ଓ ବସ୍ତା ଅଞ୍ଚଳ ରେ ଲୋକଙ୍କ ନିକଟ ତର ହେବା ପାଇଁ ବିଭିନ୍ନ ସେବା ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କୁ ମେଧା ବୃତ୍ତି, ଦିନ ଦରିଦ୍ରଙ୍କୁ ଆର୍ଥିକ ସହାୟତା ଆଦି ଦେଇ ଆସୁଛନ୍ତି। ଏଥିପାଇଁ କମ୍ପାନୀ କାଳିପଦା, ବାଲିଆପାଳ, ବାଲେଶ୍ୱର ସଦରରେ କାର୍ଯ୍ୟାଳୟ ମାନ ଖୋଲି ଛନ୍ତି। ତେବେ ବର୍ଷେ ହେବ ବନ୍ଦର କାମରେ ଧିମା ପଡ଼ିଥିବା ଦେଖିବାକୁ ମିଳିଛି। ଏ ବାବଦରେ ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘର ସଭାପତି ଅନୁଜ କୁମାର ମହାପାତ୍ର ଓ ବ୍ଲକ ଉପାଧ୍ୟକ୍ଷ ରାଜେଶ କୁମାର ଚୌଧୁରୀ ହାଇକୋର୍ଟର ଦ୍ୱାରସ୍ଥ ହୋଇ ଥିବା ବେଳେ କମ୍ପାନୀ ଉଚ୍ଚ ଅଧିକାରୀଙ୍କ ଠାରୁ କୌଣସି ଉତ୍ତର ମିଳିପାରିନାହିଁ।

# ଷଣ୍ଢକୁ ପାରି କଲାବେଳେ ଦେବୀ ନଦୀରେ ୩ ନିଖୋଜ

କଣ୍ଟାପଡ଼ା,୧୩।୧୧(ସମିସ): କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ସିମଳଦା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଷଣ୍ଢ ପ୍ରତ୍ୟହ ଫସଲ ନଷ୍ଟ କରୁଥିବାରୁ ବ୍ୟଥିତ ହୋଇ ତାକୁ ନଦୀ ପାରି କରାଇବାକୁ ଚେଷ୍ଟା କରିଥିବା ତିନି ଜଣ ବ୍ୟକ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୪ଟା ବେଳେ ସିମଳଦା ନିକଟରେ ପ୍ରବାହିତ ହେଉଥିବା ଦେବୀ ନଦୀରେ ନିଖୋଜ ହୋଇଯାଇଛନ୍ତି। ନିଖୋଜ ବ୍ୟକ୍ତିମାନେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ପାଇକପଡ଼ା ଗ୍ରାମର ଶଶି ଭୋଇ (୫୦), ବିଶିପଦା ଗ୍ରାମର ରତ୍ନାକର ଭୋଇ (୬୦) ଓ ନାହାଳପୁରର ଭରତ ପ୍ରଧାନ (୫୦)। ଘଟଣାସ୍ଥଳରେ ଉପରୋକ୍ତ ତିନି ଜଣଙ୍କ ପ୍ୟାଣ୍ଟ, ସାର୍ଟ ଓ ଚପଲ ନଦୀକୂଳରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ଅଗ୍ନିଶମ ବାହିନୀ, ସ୍ଥାନୀୟ ପୁଲିସ ଏବଂ ଜନସାଧାରଣ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେତେବେଳକୁ ଷଣ୍ଢଟି ନଦୀର ଅଧା ପାଣିରେ ଛିଡ଼ା ହୋଇଥିଲା। ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଷଣ୍ଢଟିକୁ ସୁରକ୍ଷିତ ଭାବେ କୂଳକୁ ଆଣିବାରେ ସକ୍ଷମ ହୋଇଥିଲେ। ତେବେ ଏ ଖବର ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ତିନି ଜଣ ବ୍ୟକ୍ତିଙ୍କୁ ଠାବ କରିବାରେ ଅଗ୍ନିଶମ ବାହିନୀ ସକ୍ଷମ ହୋଇପାରି ନାହିଁ। ଦେବୀ ନଦୀରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପାଣିରେ ପଶି ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ସନ୍ଧାନ ମିଳି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ପ୍ରଶାସନ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ୟମ ଜାରି ରଖିଛି।


SDCCB

THE SAMBALPUR DISTRICT CO-OPERATIVE CENTRAL BANK

Letter No. 3842 Date: 12.11.2025

**Quotation Call Notice**

The Sambalpur District Co-operative Central Bank (SDCCB) invites Quotation call notice for UPS and Batteries for Various Branches & H.O. under the Sambalpur District Co-operative Central Bank Ltd. (SDCCB), Bargarh, Odisha. For details please visit Bank's website: www.sambalpurdccb.bank.in. The last date for receipt of proposal is 20.11.2025, 2:00 P.M.SDCCB reserves the right to accept/reject any/all Quotation without assigning any reason thereof.

**Sd/-Chief Executive Officer**

THE SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH – 768028
Email: headoffice@sambalpurdccb.com

ଭା.କ.ନି.
CCI

ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ
କପାସ କିଷାନ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୩.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**LOST**

By virtue of an affidavit, I, Manisha Khatua, W/o Ranjeet Kumar Dalai, Village/PO/P.S-Erasama, Dist.- Jagatsinghpur solemnly affirm that I have obtained an original sale deed no. 10392306357, dt.04.05.2023 after registration of land bearing Khata No. 686/3286, Plot No. 704/9394 of Mouza - Adalia. That unfortunately, the said sale deed has been lost somewhere while I was going to Erasama Bazar from my residence situated at Erasama on 19.10.2025. That inspite of my best effort, I could not able to trace out it. That I declare that I have not mis-utilised the said sale deed any anywhere for any purpose. If found by anybody kindly inform at my above address.

**AFFIDAVIT**

I, Ranjan Kumar Agrawala, aged about 58 years, S/o- Ramotar Agrawala, resident of Tikrapada, Po- Balangir, Ps- Town, Bolangir, Dist- Balangir, Odisha, PIN-767001 declare by this affidavit No. 2301, dtd-13/11/2025, that now onwards I shall be known as **RANJAN KUMAR AGRAWAL** for all future purposes.

**NOTICE**

By virtue of an affidavit sworn before the Notary Public, Cuttack, dated 12.11.2025, I, Ahalya Kumari Jena, D/o- Bhagirathi Jena, W/o- Late Bipin Bihari Jena, permanent resident of At-154, Nuabazar, P.O.- Paradeep, P.S.- Paradeep, Dist.- Jagatsinghpur, Odisha, PIN–754142, have changed my name and surname from Ahalya Swain to Ahalya Kumari Jena. Henceforth, I shall be known as **Ahalya Kumari Jena** for all purposes.

**Ahalya Kumari Jena**

**NOTICE**

By virtue of an affidavit sworn before the Notary Public, Cuttack, dated 06.11.2025, I, Pratap Kumar Samantaray, S/o- Jambeswar Samantaray, resident of At-Chhakadipur, P.O.- Biribadi, P.S.- Tangi, Dist.-Khorda, Odisha, PIN–752027, have changed my name from Pratap Samantaray to Pratap Kumar Samantaray. Henceforth, I shall be known as **Pratap Kumar Samantaray** for all purposes.

**Pratap Kumar Samantaray**

**NOTICE**

By virtue of an Affidavit sworn before the Notary Public, Bhubaneswar, Dtd. 09/10/2025. I Kishor Chandra Rout, S/o: Late Chakradhar Rout, Resident of At: Govindapur, P.O.: Gadadhar Prasad, Via: Itamati, P.S.: Itamati, Dist.: Nayagarh, Odisha, PIN-752068, have changed my name from Kishor Chandra Raut to **Kishor Chandra Rout** & my father's name also have changed from Chakradhar Raut to **Chakradhar Rout** & my mother's name also changed from Chhatiani Raut to **Chhatiani Rout** for all purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 08/11/2025. I, **Panchu Bag** (applicant name), S/o Anama Bag, permanent resident of AT-Jugirata, PO- Haldi, PS- Muribahal, Dist- Balangir, (Odisha), PIN- 767037 now residing at the same place declare that I have changed my minor son's name from **Jituranjan Bag** (old name) to **Jitumani Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Jitumani Bag** (new name) for all future purposes.

**Panchu Bag**

**AFFIDAVIT**

I, Sujay Pattanayak, age- 45 , S/o- Shripati Pattanayak of village - Palasia, Po- Kothapada, Ps- Basta, Dist- Balasore,Odisha . declared by affidavit before In The Court of Executive Magistrate and Tahasildar,Basta No- 3345,dtd-04/09/2025 that as per aadhar card and pan card my name is Sujay Pattanayak but my R.O.R Moza–Palasia,PS-Basta Thana no-113,Khata no-94/19 & 94/29 recorded my name with my brothers and my name mentioned as Sujay Pattanayak S/o- Sripati Pttnayak, and khata no-94/17 & 94/51 recorded my name with my brother's name Sujay kumar Pattanayak , and Khata No- 94/16 recorded my name with my brothers and my name is mentioned Sasanka Pattanayak s/o- Sripati Kumar Pattanayak . Hence I Declared that **Sujay Pattanayak** alias **Sujay Kumar Pattanayak** alias **Sasanka Pattanayak**, S/o- **Sripati Pattanayak** alias **Shripati Pattanayak** alias **Sripati Kumar Pattanayak** is same and one person there is no other person in that name and style in above noted address for all future purpose .

**Sujay Pattanayak**

**AFFIDAVIT**

By virtue of an affidavit sworn before the Executive Magistrate Padampur, Dist.- Bargarh dated 11th November 2025, CF No.-05, I Atmaram Satnami aged about 33 years, S/o.- Habelal Satnami, resident of village- Sikaripali, Ps.-Jagdalpur, Block- Jharbandh, Dist.- Bargarh, Pin- 768042 hereby declares that for and on behalf of my minor daughter Hatasini Satnami. I have changed my minor doughter's name from **Htasini Satnami to Hatasini Satnami**. Hance she will be known as **Hatasini Satnami** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No. 106 on dated 11.11.2025, I Nilanchala Patro, currently resident at Pragati Vihar, Plot No-211/5796, Bhubaneswar, PIN-751016 Dist- Khordha, Odisha, declare that I have changed my son's name from Rudransu Patro to Rudransh Patro. Henceforth, He shall be known as **RUDANSH PATRO** for all future purposes.

Nilanchala Patro

**AFFIDAVIT**

By virtue of an affidavit sworn before Executive Magistrate, Rayagada, dated 07/11/2025, I, P. RUVIAH resident of Village- Lelibadi, Po.- Dunduli, Ps.- Chandili, Dist.- Rayagada, Odisha vide affidavit no. 1018 dtd. 07.11.2025 declare that, I have changed my name from **RUAI PEDENTI** to **P. RUVIAH**. Henceforth, I shall be known as **P. RUVIAH** for all purposes.

Sd/- P. Ruviah

**AFFIDAVIT**

I Sarbajeet Pattnaik S/o- Late Biswanath Pattnaik resident of Patrapada PO- Dumduma Housing Board Colony PS- Bharatpur Dist- Khordha PIN-751019 Odisha declare by this affidavit No 693 dtd- 11/11/2025 that now onwards I shall be known as **Sarbajeet Pattanaik** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sohela dated 13/11/2025 I Taranisen Budhia resident of Village Jampali P/O.- Tungibandhali, P/S.- Sohela, Dist.- Bargarh, Pin-768033 declare that I have changed my son name **Dev Budhia** to **Devranjan Budhia**. Henceforth he shall be known as **Devranjan Budhia** for all purpose.

**AFFIDAVIT**

By virtue of an affidavit before the Notary Public, Kodala, Ganajm, I, A Jyothi Patra, D/o- Tarakeswar Rao Nalla And W/o- A Manoja Kumar Patra, resident of Vill.- Beguniapada, P.S.- Beguniapada, Dist.- Ganjam, Odisha (PIN-761031), do hereby declare that I have changed my name from JYOTHI BALLA to **A JYOTHI PATRA**. Henceforth, I shall be known as **A JYOTHI PATRA** for all purposes.

**Sd/- A JYOTHI PATRA**

**NOTICE**

By virtue of an affidavit sworn before Executive Magistrate, Rairakhol, dated 29/10/2025, I Pradeep Mukhi, S/o- Durjodhan Mukhi, resident of Village- Samsingha, Poa.- Kadaligarh, Ps.- Rairakhol, Dist.- Sambalpur, Odisha, Pin- 768106 declare that, I have changed the name of my minor daughter from **Smitarani Mukhi** to **Priya Mukhi**. Henceforth, she shall be known as **Priya Mukhi** for all purposes.

Sd/- Pradeep Mukhi

**CHANGE OF NAME**

I,**SAPANA MAHARANA** (OLD NAME) as per Board of SSC marks list. Orissa. residing at Plot.No.55, Nagarjuna Hills, Punjagutta,Hyderabad.,Telengana-500082. Hereby declare that I have changed my name as **SAPNA MAHARANA** (NEW NAME) (Aadhar Card) D/o DEENABANDHU MAHARANA.

**AFFIDAVIT**

I, Bhupesh Kumar Gandha, aged about 60 years, S/o- Late Laxmidas Kalyanji, resident of At- Back side of Mafidar Building, Cox Colony, Dist- Jharsuguda, Odisha, Pin- 768203 declare by this affidavit No. CF No-5943, dated-13/10/2025 that now onwards I shall be known as **BHUPESH GANDHA** for all future purposes.

### ସାଧାରଣ ଲୋକଙ୍କ ଜୀବନ ସହ ଖେଳୁଛି ପୂର୍ତ୍ତ ବିଭାଗ

# ରାସ୍ତା ମଝିରେ ବିଜୁଳି ଖୁଣ୍ଟି ରଖି ନିର୍ମାଣ ଶେଷ

ବାହାନଗା, ୧୩।୧୧ (ସମିସ)



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ବାହାନଗା-ତାଳପଦା ପୂର୍ତ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ପୂର୍ତ୍ତ ବିଭାଗ ଏବଂ ଠିକା ସଂସ୍ଥାର ମାନମାନି ଯୋଗୁଁ ସାଧାରଣ ପଥଚାରୀ ଏବେ ବିପଦରେ। ରାସ୍ତା ନିର୍ମାଣ ପୂର୍ବରୁ ରାସ୍ତାରେ ଥିବା ବିଦ୍ୟୁତ ଖୁଣ୍ଟକୁ ସ୍ଥାନାନ୍ତରଣ ଏବଂ ଗଛକୁ କଟାଯାଇ ରାସ୍ତା ନିର୍ମାଣ କରିବାର ନିୟମ ଥିବା ବେଳେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଏଯାଏ ରାସ୍ତାରୁ ବିଜୁଳି ଖୁଣ୍ଟିକୁ ସ୍ଥାନାନ୍ତର କରାଯାଇ ନ ଥିବା ବେଳେ ଗଛ କଟା ପ୍ରକ୍ରିୟା ଆରମ୍ଭ ହୋଇଛି। ପଥଚାରୀ ତଥା ଲୋକଙ୍କ ସୁରକ୍ଷା ପାଇଁ ବିଜୁଳି ବିଭାଗ ପୂର୍ତ୍ତ ବିଭାଗ ନାମରେ ଗୋପାଳପୁର ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି।

୨୦୨୪ ମସିହାରେ ତତ୍କାଳୀନ ବିଜେଡି ସରକାର ସମୟରେ ବାହାନଗା - ତାଳପଦା ରାସ୍ତାର ୧୪ କିମି ୫୦୦ ମିଟର ରାସ୍ତା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୨୭ କୋଟି ୧୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଅର୍ଥ ମଞ୍ଜୁର ପରେ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ କରିଥିଲା ଏସବିବି କନଷ୍ଟ୍ରକସନ କମ୍ପାନୀ। କାର୍ଯ୍ୟ କରୁଥିବା ଠିକାସଂସ୍ଥାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ରାସ୍ତାରେ ବିଜୁଳି ଖୁଣ୍ଟି, ଟ୍ରାନ୍ସଫର୍ମର ଆଦିକୁ ସ୍ଥାନାନ୍ତର କରାନଯାଇ ରାସ୍ତା ମଝିରେ ଏହାକୁ ରଖି ରାସ୍ତା ନିର୍ମାଣ ଶେଷ କରିଥିବାର ଦେଖିବାକୁ ମିଳିଛି। ରାସ୍ତା ମଝିରେ ବିପଦସଙ୍କୁଳ ଭାବେ ବିଜୁଳି ଖୁଣ୍ଟି ସହ ଟ୍ରାନ୍ସଫର୍ମର ରଖା ଯାଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସେପଟେ ନିୟମ ମୁତାବକ ବିଦ୍ୟୁତ ଖୁଣ୍ଟି ସ୍ଥାନାନ୍ତର ନେଇ ଗତ ମାର୍ଚ୍ଚ ୨୪ ତାରିଖରେ ପୂର୍ତ୍ତ ବିଭାଗର ବାଲେଶ୍ୱର ଅଧିକ୍ଷଣ ଯନ୍ତ୍ରୀଙ୍କୁ ସ୍ଥାନାନ୍ତରଣ ଏଷ୍ଟିମେଣ୍ଟ ବିଦ୍ୟୁତ ବିଭାଗ ଦେଇଥିଲେ ସୁଦ୍ଧା ସ୍ଥାନାନ୍ତର ଦିଗରେ କୌଣସି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବା ପୂର୍ତ୍ତ ବିଭାଗର ପାରିବା ପଣିଆ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଲୋକଙ୍କ ସୁରକ୍ଷା ପାଇଁ ଥାନାରେ ଏତଲା ଦେଲା ବିଦ୍ୟୁତ୍ ବିଭାଗ**

ଦୀର୍ଘ ୭ ମାସରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ସୁଦ୍ଧା ସ୍ଥାନାନ୍ତର ଦିଗରେ ଟେଣ୍ଡର ପ୍ରକ୍ରିୟାକୁ ଗୁରୁତ୍ୱ ନ ଦେବା ସମସ୍ତଙ୍କୁ ଚକିତ କରିଛି। ସେପଟେ ଠିକା ସଂସ୍ଥା କାର୍ଯ୍ୟ ଜାରି ରଖିଥିବା ବେଳେ ଏବେବି ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ ରହିଛି। ପୂର୍ତ୍ତ ବିଭାଗର ମନମାନି ଯୋଗୁଁ ଜନ ଅସନ୍ତୋଷ ତେଜିବାରେ ଲାଗିଥିବା ବେଳେ ଠିକା ସଂସ୍ଥା ରାସ୍ତା ମଝିରେ ବିଦ୍ୟୁତ ଟ୍ରାନ୍ସଫର୍ମର ଏବଂ ବିଜୁଳି ଖୁଣ୍ଟକୁ ରଖି ରାସ୍ତା ନିର୍ମାଣ ଶେଷ କରିବା ସାଧାରଣରେ ପ୍ରଶ୍ନ ଉଠିଛି। ବିଭାଗୀୟ ଅବହେଳା ପାଇଁ ବିପଦରେ ସାଧାରଣ ଲୋକେ ଦୁର୍ଘଟଣାକୁ ବରଣ କରିବା ସାର ହୋଇଛି। ସେପଟେ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରଖିଥିବା ଠିକା ସଂସ୍ଥା ଏବଂ ପୂର୍ତ୍ତ ବିଭାଗ ନାମରେ ଗୋପାଳପୁର ଥାନାରେ ବିଦ୍ୟୁତ ବିଭାଗର ଗୋପାଳପୁର ସେକ୍ସନ ମ୍ୟାନେଜର ପରେଶ କୁମାର ବେହେରା ଏତଲା ଦେଇଥିବା ଜଣାପଡ଼ିଛି। ଏ ନେଇ ସେକ୍ସନ ମ୍ୟାନେଜର ଶ୍ରୀ ବେହେରାଙ୍କୁ ପଚାରିବାରୁ ଦୀର୍ଘଦିନ ପରେ ଏହି ମାସ ପୂର୍ତ୍ତ ବିଭାଗ ସ୍ଥାନାନ୍ତର ବାବଦ ୬ ପ୍ରତିଶତ ଟଙ୍କା ଜମା କରିଛି, ହେଲେ ଟେଣ୍ଡର ପ୍ରକ୍ରିୟା କରିନାହିଁ, କିନ୍ତୁ ରାସ୍ତାରେ ବିଜୁଳି ଖୁଣ୍ଟି ରଖି ରାସ୍ତା ନିର୍ମାଣ ଶେଷ କରିଛି। ଏ ନେଇ ପୂର୍ତ୍ତ ବିଭାଗର ସୋର ଉପଖଣ୍ଡର ଭାରପ୍ରାପ୍ତ ନିର୍ବାହୀଯନ୍ତ୍ରୀ ଶ୍ରୀନିବାସ ଜେନାଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ସେପଟେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ତୁରନ୍ତ ଲୋକଙ୍କ ସୁରକ୍ଷା ପାଇଁ ରାସ୍ତାରେ ଥିବା ବିଦ୍ୟୁତ ଖୁଣ୍ଟିକୁ ଅବିଳମ୍ବେ ସ୍ଥାନାନ୍ତରଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମୁଖ୍ୟ ରାସ୍ତାରେ ଅବୈଧ ଗାଡ଼ି ପାର୍କିଂ ଓ ଅବରୋଧ

● ପ୍ରଶାସନ ପକ୍ଷରୁ ହେବ ଉଚ୍ଛେଦ



**ଜଳେଶ୍ୱର, ୧୩।୧୧(ସମିସ):** ଜଳେଶ୍ୱର ସହରର ନୂଆବଜାରଠାରୁ ଷ୍ଟେସନବଜାର ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ନାହିଁନଥିବା ଭିଡ ପରିଲକ୍ଷିତ ହେଉଛି। ରାସ୍ତାର ଦୁଇପଟେ ଦୋକାନ ବଜାର ରହିଥିବାରୁ ସବୁ ସମୟରେ ଲୋକଙ୍କ ଗହଳି ଲାଗି ରହିଥାଏ। ଦିନକୁଦିନ ଯାନବାହନ ଅଧିକ ମାତ୍ରାରେ ଯାତାୟାତ ସହିତ ନିଷେଧ ସତ୍ତ୍ୱେ ଦିନବେଳା ଭାରୀଯାନ ଚଳପ୍ରଚଳ ହେଉଥିବାରୁ ସବ୍‌ରେଜେଷ୍ଟ୍ରି ଅଫିସ୍‌ଠାରୁ ଷ୍ଟେସନବଜାର ପର୍ଯ୍ୟନ୍ତ ରାସ୍ତା ଜାମ ହେଉଛି। ଏପରିକି ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ, କଲେଜ ଯିବାଲାଗି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଅତି ଆବଶ୍ୟକ ସ୍ଥଳେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡି ଯିବାରେ ବାଧକ ସୃଷ୍ଟି ହୋଇଥାଏ। କିଛିଦିନ ପୂର୍ବରୁ ଜଳେଶ୍ୱରର କେତେକ ସଚେତନ ନାଗରିକ ରାସ୍ତା ପାର୍ଶ୍ୱରେ ଥିବା ଜବରଦଖଲ ଓ ଅଟକି ରହୁଥିବା ଭାରୀଯାନକୁ ହଟାଇବା ଲାଗି ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ଆଜି ପୌର କାର୍ଯ୍ୟାଳୟ ପକ୍ଷରୁ ସବ୍‌ରେଜେଷ୍ଟ୍ରି ଅଫିସ୍ ଠାରୁ ବଡବଜାର ଛକ ଦେଇ ଷ୍ଟେସନ ବଜାର ପର୍ଯ୍ୟନ୍ତ ଥିବା ରାସ୍ତାର ଦୁଇ ପାର୍ଶ୍ୱରୁ ଅସ୍ଥାୟୀ ନିର୍ମାଣ, ଉଠାଦୋକାନୀ ଓ ଅଟକି ରହୁଥିବା ୩ ଓ ୪ଚକିଆ ଯାନ ଗୁଡିକୁ ତୁରନ୍ତ ହଟାଇ ଦେବା ଲାଗି ବସ୍-ଟ୍ରକ୍ ମାଲିକ ସଂଘକୁ ଡାକବାଜି ଯନ୍ତ୍ର ଜରିଆରେ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟଥା ଶୁକ୍ରବାରଠାରୁ ଜବରଦଖଲ ହଟାଇବାଲାଗି ପୌର ପ୍ରଶାସନ ପକ୍ଷରୁ କାର୍ଯ୍ୟ ଆରମ୍ଭ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ସୂଚନା ଦେଇଛନ୍ତି।

## ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ବିଦ୍ୟାଳୟରେ ତାଲା



**ଖଇରା, ୧୩।୧୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ କଣ୍ଟାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ବିଜ୍ଞାନ ଶିକ୍ଷୟିତ୍ରୀ ଅନୁପମା ସାହୁଙ୍କ ଅନ୍ୟତ୍ର ବଦଳି କରିବା ପ୍ରତିବାଦରେ ଗୁରୁବାର ସକାଳେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ଗେଟରେ ତାଲାଦେଇ ଧାରଣାରେ ବସି ରହିଥିଲେ। ପରେ ଗୋଷ୍ଠୀଶିକ୍ଷାଧିକାରୀ କାର୍ଯ୍ୟାଳୟର ମୁଖ୍ୟ କିରାଣୀ କମଳାକାନ୍ତ ଶିଅଳ ଘଟଣାସ୍ଥଳରେ ପହଞ୍ଚି ବଦଳି ବାତିଲ ପାଇଁ ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟ ସ୍ୱାଭାବିକ ଚାଲିଥିଲା। ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲାମାନଙ୍କର ବିଜ୍ଞାନ ପଢ଼ାଇବାକୁ ଜଣେ ମାତ୍ର ଶିକ୍ଷୟିତ୍ରୀ ଥିବା ବେଳେ ଏବେ ଉକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ଘୁଷୁରିଗଡ଼ିଆକୁ କରାଯିବା ପରେ ଅସନ୍ତୁଷ୍ଟ ଅଭିଭାବକ ମାନେ ଧାରଣାରେ ବସିଥିଲେ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା




**ଜଳେଶ୍ୱର ବ୍ଲକ, ୧୩।୧୧(ସମିସ):** ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଶିଖରପୁର ସ୍କୁଲ ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ସଭାପତିତ୍ୱ କରିଥିଲେ। ଭୋଗରାଇ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚିନ୍ମୟ କୁମାର ସାହୁଙ୍କ ଆହ୍ୱାନରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ରବିନାରାୟଣ ପଟ୍ଟନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରିଣୀ ରେଶମା ରାଣୀ ସିଂ, ଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଶିଖରପୁର ସରପଞ୍ଚ ବିଦ୍ୟାଧର ମଲ୍ଲିକ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଶିଶିର କୁମାର ଲେଙ୍କା, ଅବସରପ୍ରାପ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଜୀବନକୃଷ୍ଣ ସାହୁ, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଅଜିତ କୁମାର ସାମଲ, ଜଳେଶ୍ୱର ବ୍ଲକ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ତ୍ରିଲୋଚନ ମହାପାତ୍ର, ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ବିଭାଗର ଅବସରପ୍ରାପ୍ତ ଉପ ନିର୍ଦ୍ଦେଶକ ପ୍ରଦୀପ କୁମାର ଦେ, ବସ୍ତା ବ୍ଲକ ପ୍ରାଣୀ ଚିକିତ୍ସା. ଅଧିକାରୀ ଡାକ୍ତର ଲଲାଟେନ୍ଦୁ କେଶରୀ ଦାସ, ସିଡିପିଓ ମିନତି ସିଂ, ବ୍ଲକ ଜୀବିକା ମିଶନ ସଂଯୋଜକ ନିରଞ୍ଜନ ନାୟକ, ବ୍ଲକ ମିଶନ ଶକ୍ତି ସଂଯୋଜକ ସନ୍ତୋଷ କୁମାର ପାତ୍ର ଉପସ୍ଥିତ ଥିଲେ। କୃଷି ଓ କୃଷି ଯନ୍ତ୍ରପାତି, ପ୍ରାଣୀ ସମ୍ପଦ ଅଧୀନ ଗାଈ ଓ ମଇଁଷି, ଉଦ୍ୟାନ ବିଭାଗର ବିଭିନ୍ନ ଫଳ ଓ ତୈଳ ଜାତୀୟ ପଦାର୍ଥ ପ୍ରଦର୍ଶନ କରାଯାଇଥିଲା।


### ଜିଲ୍ଲାରେ ବଢୁଛି କଲେଜ ଓ ସିଟ୍ ସଂଖ୍ୟା; କମୁଛି ନାମଲେଖା

# ମୟୂରଭଞ୍ଜରେ ୯,୮୩୭ ଯୁକ୍ତ ଦୁଇ ସିଟ୍ ଖାଲି



**ବାରିପଦା, ୧୩।୧୧(ସମିସ):** ରାଜ୍ୟର ସର୍ବବୃହତ୍ ଜିଲ୍ଲା ମୟୂରଭଞ୍ଜରେ କଲେଜ ଏବଂ ସିଟ୍‌ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ନାମଲେଖା କମିବାରେ ଲାଗିଛି। ଜିଲ୍ଲାରେ ଥିବା ଯୁକ୍ତ ଦୁଇ କଲେଜ ପ୍ରଥମ ବର୍ଷରେ ୯୮୩୭ଟି ସିଟ୍ ଖାଲିରହିଥିବା ଜଣାପଡ଼ିଛି। ବିଜ୍ଞାନ, କଳା, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ସବୁ ବିଷୟରେ ସିଟ ଖାଲି ପଡ଼ିଛି। ସରକାର ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ ପୂର୍ବକ ପ୍ରତିବର୍ଷ ଜିଲ୍ଲାରେ କଲେଜ ସହିତ ସିଟ୍ ସଂଖ୍ୟା ଶିକ୍ଷା ବିଭାଗ ପକ୍ଷରୁ ବୃଦ୍ଧି କରାଯାଉଥିବା ବେଳେ ଖାଲି ପଡୁଥିବା ସିଟ୍ ସଂଖ୍ୟା ମଧ୍ୟ ବୃଦ୍ଧି ଏବେ ଚିନ୍ତାର କାରଣ ପାଲଟିଛି। ଦଶମ ଶ୍ରେଣୀ ପାସ ପରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଯୁକ୍ତ ଦୁଇ ଶ୍ରେଣୀରେ ନାମ ନ ଲେଖାଇ ବିକଳ୍ପ ଶିକ୍ଷା ପ୍ରତି ମନୋନିବେଶ କରୁଥିବାରୁ ଏପରି ସ୍ଥିତି ଉପୁଜିଥିବା ଜଣାପଡ଼ିଛି। ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲାରେ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ ୧୪୧ଟି ଅନୁମୋଦିତ ଯୁକ୍ତ ଦୁଇ ବା ଉଚ୍ଚମାଧ୍ୟମିକ କଲେଜରେ ୩୫, ୧୦୪ଟି ସିଟ୍ ଥିବା ବେଳେ ୨୫, ୨୬୭ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଶିକ୍ଷାବର୍ଷ ଅଧା ହେବାକୁ ବସିଥିବା ବେଳେ ଆହୁରି ୯, ୮୩୭ଟି ସିଟ୍ ଖାଲି ପଡ଼ିଛି। ତନ୍ମଧ୍ୟରୁ ସର୍ବାଧିକ ବିଜ୍ଞାନରେ ୫ହଜାର ୧୦୧ଟି ଥିବା ବେଳେ କଳାରେ ୨ହଜାର ୮୨୭, ବାଣିଜ୍ୟରେ ୧ହଜାର ୧୩୧, ଧନ୍ଦାମୂଳକ ବିଷୟରେ ୩୯ ୯ ଓ ସଂସ୍କୃତରେ ୩୭ ୯ଟି ସିଟ୍ ଖାଲି ପଡ଼ିଥିବା ଜଣାପଡ଼ିଛି। କେବଳ ଚଳିତ ଶିକ୍ଷା ବର୍ଷ ନୁହେଁ, ଗତ ୨୦୨୪-୨୫ ଓ ୨୦୨୩-୨୪ରେ ମଧ୍ୟ ୧୩୬ ଓ ୧୩୦ଟି କଲେଜର ଯଥାକ୍ରମେ ୭ହଜାର ୮୬୦ ଓ ୭ହଜାର ୩୯୧ଟି ସିଟ୍ ଖାଲି ପଡ଼ିଥିଲା। ଦିନକୁ ଦିନ ସାଧାରଣ ଶିକ୍ଷା ଧାରାରେ ନିଯୁକ୍ତି ସୁଯୋଗ କମୁଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ବିକଳ୍ପ ଶିକ୍ଷା ଯଥା, ବୈଷୟିକ, ମେଡିକାଲ ଓ ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷା ପ୍ରତି ମନ ନିବେଶ କରୁଥିବାରୁ ଏପରି ଅବସ୍ଥା ସୃଷ୍ଟି ହେଉଛି ବୋଲି ମତ ପ୍ରକାଶ ପାଉଛି। ଏଥିପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ।

## ଶତାୟୁ ପୁରୁଷ ଗଣେଶ ନାୟକଙ୍କ ସ୍ମୃତିସଭା



**ଚନ୍ଦନେଶ୍ୱର, ୧୩।୧୧(ସମିସ):** ଭୋଗରାଇ ବ୍ଲକ ଅବିଭକ୍ତ ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ବରିଷ୍ଠ କଂଗ୍ରେସ ନେତା, ପ୍ରବୀଣ ବିଚାରକ, ଶତାୟୁ ପୁରୁଷ ଗଣେଶ ଚନ୍ଦ୍ର ନାୟକଙ୍କ ଦ୍ୱାଦଶାହରେ ଆଜି ଶ୍ରଦ୍ଧାପୁର ହାଟ ନିକଟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଏ ନେଇ ଆୟୋଜିତ ଶୋକ ସଭାରେ ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ସୁଶାନ୍ତ ନାୟକ ସଞ୍ଚାଳନ କରିଥିବାବେଳେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ଜିଲ୍ଲା କଂଗ୍ରେସ ଉପସଭାପତି ଗୋପବନ୍ଧୁ ମହାପାତ୍ର, ୩୩ ନମ୍ବର ଜୋନର ଜିଲ୍ଲାପରିଷଦ ସନ୍ତୋଷ ଜେନା, ଶିକ୍ଷାବିତ ସୁବାଷ ଦାସ, ଶମ୍ଭୁନାଥ ଜେନା, ଧନଞ୍ଜୟ ପାତ୍ର, ମୁରଲି ମହୋନ ମହାନ୍ତି, ଦୀପକ ଜେନା, ଅବିଭକ୍ତ ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶମ୍ଭୁନାଥ ମାଝୀ, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଲାଇ, କବି ସୁକୁମାର ଦାସ, ଶ୍ରୀକୁମାର ଘୋଷ, ଶ୍ରଦ୍ଧାପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ପାତ୍ର, ଶିକ୍ଷକ ଗୋପୀନାଥ ଜେନା, କଳ୍ପତରୁ ପାତ୍ର, ଅଧ୍ୟାପକ କାର୍ତ୍ତିକେଶ୍ୱର ଚାନ୍ଦ, ସମାଜସେବୀ ବଳରାମ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ସ୍ୱର୍ଗତ ଗଣେଶ ଚନ୍ଦ୍ର ନାୟକଙ୍କ ବହୁ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସ୍ମରଣୀକା 'ଯଶସ୍ୱୀ ଜନନାୟକ ଗଣେଶ ବାବୁ' ଉନ୍ମୋଚନ କରାଯାଇଥିଲା। ଶ୍ରଦ୍ଧାପୁର ଓ କାନ୍ଥଭଉଁରୀ ପଞ୍ଚାୟତର ସମସ୍ତ ଜନସାଧାରଣ ପ୍ରାୟ ୮ ହଜାରଙ୍କୁ ଅନ୍ନ ଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ପୁଅ ପରମେଶ୍ୱର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନ୍ୟ ଦୁଇ ପୁଅ ରାମେଶ୍ୱର, ସର୍ବେଶ୍ୱର ଓ ପରିବାର ଲୋକେ ପରିଚାଳନାରେ ସହଯୋଗ କରିଥିଲେ।

## ବନ୍ୟା ପ୍ରପୀଡ଼ିତଙ୍କୁ ଲାୟନ୍ସ କ୍ଲବ ପକ୍ଷରୁ ରିଲିଫ୍ ବଣ୍ଟନ




**ଜଳେଶ୍ୱର, ୧୩।୧୧(ସମିସ) :** ଲାୟନ୍ସ କ୍ଲବ ଜଳେଶ୍ୱର ତରଫରୁ ବନ୍ୟା ପୀଡିତଙ୍କୁ ରିଲିଫ ବ୍ୟାଗ ବଣ୍ଟନ କରାଯାଇଥିଲା। ଏ ବର୍ଷ ଜଳେଶ୍ୱର ଅଞ୍ଚଳରେ ୫ଟି ସ୍ଥାନରେ ବନ୍ୟା ହୋଇ ବହୁତ ଲୋକ ହନ୍ତସନ୍ତ ହେବା ସଂଗେ ସଂଗେ ବହୁତ କ୍ଷୟକ୍ଷତି ମଧ୍ୟ ହୋଇଥିଲା। ତେଣୁ କ୍ଲବର ସଭାପତି ଲାୟନ ପ୍ରଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ କ୍ଲବର ଲାୟନ ସେଖ ସବିର, ଲାୟନ ଗିରିଜା ଶଙ୍କର ଦାସ, ଲାୟନ ବିନୋଦ ସାହୁ, ଲାୟନ କପିଳେଶ୍ୱର ମହାନ୍ତି, ଲାୟନ ସତ୍ୟ ନାରାୟଣ ମହାପାତ୍ର, ଲାୟନ ବିବେକ ଜୈନ, ଲାୟନ ଶିରୀଶ ଚୌହାନ, ଲାୟନ ରମାକାନ୍ତ ଭଞ୍ଜ ଏବଂ ଅନ୍ୟ ସଦସ୍ୟ ଲାୟନ ମୂଳଚନ୍ଦ ଲାଧା ଲାୟନ ମନୋଜ ଗୁପ୍ତା, ଲାୟନ ଦିବେନ୍ଦୁ କର, ଲାୟନ ଗୋପାଳ କୃଷ୍ଣ କଟାଲ, ଲାୟନ ସମୀର ନନ୍ଦୀ, ଲାୟନ ରାଜେଶ ଠକ୍କର, ଲାୟନ ଭବେଶ ଠକ୍କର ଇତ୍ୟାଦି ଉପସ୍ଥିତ ରହି ବେଳ ପଦା ଏବଂ ପଦା ସାହି ଜଳେଶ୍ୱରର ପୀଡିତ ମାନଙ୍କୁ ରିଲିଫ ବ୍ୟାଗ ବଣ୍ଟନ କରିଥିଲେ। ପ୍ରତ୍ୟେକ ବ୍ୟାଗରେ କପଡ଼ା, ରାସନ ସାମଗ୍ରୀ, ମେଡ଼ିସିନ ଇତ୍ୟାଦି ରହିଥିଲା।

# ମାସେ ପରେ ରାଇବଣିଆ ଛାଡ଼ିଲେ ୨୦ ହାତୀ

ଜଳେଶ୍ୱର ବ୍ଲକ, ୧୩।୧୧(ସମିସ)



ଦୀର୍ଘ ୧ ମାସର ପରେ ରାଇବଣିଆ ଅଞ୍ଚଳର ଚାଷୀଙ୍କୁ ମିଳିଛି ଆଶ୍ୱସ୍ତି। କାରଣ ଆଜକୁ ଦୀର୍ଘ ମାସେ ହେବ ଜଳେଶ୍ୱର ରେଞ୍ଜ ଅଧୀନ ରାଇବଣିଆ ଅଞ୍ଚଳର ବରଡ଼ିହା ବନଖଣ୍ଡ ଅଞ୍ଚଳର ଉପଦ୍ରବ କରୁଥିବା ଶିମିଳିପାଳ ହାତୀପଲ ଗତ ରାତିରେ ପଶ୍ଚିମବଙ୍ଗ ରେଞ୍ଜର କେଶରରେଖା ତେନ୍ତୁଳିବଣୀ ଜଙ୍ଗଲକୁ ଚାଲି ଯାଇଛନ୍ତି। ଗତ ଅକ୍ଟୋବର ମାସ ପ୍ରଥମ ସପ୍ତାହରୁ ୩୧ ଟିକିଆ ହାତୀପଲ ରାଇବଣିଆ ଅଞ୍ଚଳକୁ ଆସିଥିଲେ ଓ ଏହି ଅଞ୍ଚଳର ଅନେକ ଗାଁରେ ବ୍ୟାପକ କ୍ଷୟକ୍ଷତି କରିବା ପରେ ୩୧ ହାତୀରୁ ୧୦ ଟି ହାତୀ ରାସଗୋବିନ୍ଦପୁର ରେଞ୍ଜକୁ ପଳାଇ ଯାଇଥିଲେ। ବାକି ହାତୀ ରାଇବଣିଆ ଅଞ୍ଚଳରେ ରହିଆସୁଥିଲେ। ମୟୂରଭଞ୍ଜକୁ ଚାଲିଯାଇ ଥିବା ୧୦ଟି ହାତୀ ମଧ୍ୟରେ ସମସ୍ତଙ୍କର ପ୍ରିୟ ଥିବା ଓ କାହାର କୌଣସି କ୍ଷତି କରିନଥିବା ୩ ରାଜ୍ୟରେ ନିଜର ରାଫେଲ ନାମରେ ପରିଚିତ ଥିବା ଦନ୍ତା ବେତନଟୀ ନିକଟରେ ଟ୍ରେନ ଧକ୍କାରେ ମୃତ୍ୟୁ ଘଟିଥିବା ବେଳେ ରାଇବଣିଆ ଅଞ୍ଚଳର ବାକି ରହିଥିବା ୨୧ ଟିକିଆ ହାତୀ ପଲ ମଧ୍ୟରୁ ବନ ବିଭାଗର ଅବହେଳା ଯୋଗୁଁ ଏକ ଏକ ମାଈ ହାତୀ ପ୍ରସବ ଯନ୍ତ୍ରଣାରେ ଗତ ନଭେମ୍ବର ୨ ତାରିଖରେ ଗୋଠ ଛଡ଼ା ହୋଇ ଶ୍ୟାମନଗର ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ମୃତ୍ୟୁବରଣ କରିଥିଲା ତତ୍ ସହିତ ତାରେ ପଟରେ ଥିବା ସନ୍ତାନର ମଧ୍ୟ ମୃତ୍ୟୁ ଘଟିଥିଲା। ତେବେ ଗତ କାଲି ମଧ୍ୟରାତ୍ରିରୁ ବାକି ୨୦ଟି ହାତୀ ଜଳେଶ୍ୱର କେନ୍ଦୁଖୁଣ୍ଟା ଜଙ୍ଗଲ ଅତିକ୍ରମ କରି ପଶ୍ଚିମବଙ୍ଗକୁ ଚାଲିଯାଇଛି ଫଳରେ ରାଇବଣିଆ ଚାଷୀ ଓ ବନ ବିଭାଗ ଟିକେ ଆଶ୍ୱସ୍ତ ହୋଇଛି। ହେଲେ ଓଡ଼ିଶା ସୀମାର ମାତ୍ର କିଛି ଦୂରରେ ହାତୀ ପଲ ରହିଥିବାରୁ ଦରକାର ପଡ଼ିଲେ ରାଇବଣିଆ ଅଞ୍ଚଳକୁ ପୁଣି ଆସିପାରନ୍ତି ବୋଲି ଭୟ ରହିଛି ଚାଷୀଙ୍କ ମନରେ।

## ମହୁମାଛି ଆକ୍ରମଣରେ ୫ ଆହତ



ତୁରୁମୁଙ୍ଗା, ୧୩।୧୧(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତ ଟିଆଁସିପଶି ଗାଁରେ ମହୁମାଛି ଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ମହିଳା ଥିବା ବେଳେ ସମସ୍ତଙ୍କୁ ଗ୍ରାମବାସୀଙ୍କ ସହାୟତାରେ ନିକଟସ୍ଥ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ପରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ପଠା ଯାଇଥିବା ସୂଚନା ମିଳିଛି। ଗୁରୁବାର ସନ୍ଧ୍ୟାରେ ବଳଦ ଚରାଇ ଘରକୁ ଫେରୁଥିବା ବେଳେ ଗାଁ ମୁଣ୍ଡରେ ମହୁମାଛି ଆକ୍ରମଣ କରିଥିଲେ। ଟିଆଁସିପଶି ଗାଁର ଭରତଚନ୍ଦ୍ର ସିଂ, କିରାଣୀ ବେହେରା, ମହେନ୍ଦ୍ର ସିଂ, ନିରଞ୍ଜନ ମହାକୁଡ଼ ଓ ଜେମାମଣୀ ସିଂ ଆହତ ହୋଇଛନ୍ତି। ନିରଞ୍ଜନ ମହାକୁଡ଼ଙ୍କୁ କେନ୍ଦୁଝର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ଭଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି।

## କଣ୍ଟିପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ନୋଟିସ



୩ରେ ଭୋଟ ଗ୍ରହଣ

ଆନନ୍ଦପୁର, ୧୩।୧୧ (ସମିସ): ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ପ୍ରଶାସନ ପକ୍ଷରୁ ନୋଟିସ ଜାରି ହୋଇଥିବା ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କଠାରୁ ସୂଚନା ମିଳିଛି। ଆସନ୍ତା ଡିସେମ୍ବର ୩ ତାରିଖରେ ଅନାସ୍ଥା ଉପରେ ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ପ୍ରତିବାଦରେ ପଞ୍ଚାୟତର ୱାର୍ଡସଭ୍ୟମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗତ ସେପ୍ଟେମ୍ବର ୧ ତାରିଖରେ କଣ୍ଟିପାଳ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ପଞ୍ଚାୟତର ୮ ଜଣ ୱାର୍ଡସଭ୍ୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିବା ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ବିଡିଓଙ୍କ ଦ୍ୱାରା ୨୬.୯.୨୦୨୫ରେ ୱାର୍ଡ ସଭ୍ୟସଭ୍ୟାଙ୍କ ଦସ୍ତଖତ ଯାଞ୍ଚ କରାଯାଇଥିଲା। ସୂଚନାଯୋଗ୍ୟ, ୧୧ ୱାର୍ଡ ବିଶିଷ୍ଟ ପଞ୍ଚାୟତରେ ଦୁଇ ୱାର୍ଡସଭ୍ୟ ବ୍ୟକ୍ତିଗତ କାରଣରୁ ନିଜ ପଦରୁ ଓହରିଯାଇ ଥିବାବେଳେ ୯ ଜଣ ୱାର୍ଡସଭ୍ୟସଭ୍ୟା ଦାୟିତ୍ୱରେ ଅଛନ୍ତି। ସେଥିମଧ୍ୟରୁ ସରପଞ୍ଚଙ୍କ ବିରୋଧରେ ୮ ଜଣ ୱାର୍ଡସଭ୍ୟସଭ୍ୟା ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ପ୍ରସ୍ତାବ ଦେଇଥିଲେ। ଏଭଳି ପରିସ୍ଥିତିରେ କଣ୍ଟିପାଳ ସରପଞ୍ଚଙ୍କ ପଦ ଏବେ ସଙ୍କଟରେ ରହିଛି।

## ମୋରମ ବୋଝେଇ ଡମ୍ପର ଜବତ

ରାସଗୋବିନ୍ଦପୁର,୧୩।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ବିଳମ୍ବିତ ରାତିରେ ବେଧଡକ ମାଟି ଓ ମୋରମ ଚାଲାଣ ହେଉଛି। ଗୋଟିଏ ପରମିଟରେ ଏକାଧିକ ଭାବେ ମାଟି ଓ ମୋରମ ଚାଲାଣ ହେଉଛି। ଯାହାକୁ ନେଇ ଖଣି ବିଭାଗ ପକ୍ଷରୁ ଚଢଉ କରାଯାଇ ଏକ ଡମ୍ପରକୁ ଜବତ କରାଯାଇଛି। ଖଣି ବିଭାଗ ଏବଂ ପୁଲିସ ଆସୁଥିବା ଖବର ପାଇ ମାଫିଆମାନେ ପୂର୍ବରୁ ସୂଚନା ଦେବାରୁ ଜେସିବି ଓ ଅନେକ ଡମ୍ପର ଖସି ପଳାଇଛନ୍ତି; ହେଲେ ଗୋଟିଏ ଡମ୍ପରକୁ ଖଣି ବିଭାଗ ଜବତ କରି ରାସଗୋବିନ୍ଦପୁର ଥାନାରେ ରଖିଛି।

## ସାପ୍ତାହିକ ହାଟରୁ ବାଇକ୍ ଚୋରି

ବେତନଟୀ,୧୩।୧୧(ସମିସ): ବେତନଟୀ ଥାନା ଅନ୍ତର୍ଗତ ବଡଜାମବଣି ଫାଣ୍ଡି ଅଧୀନ ବାରମାଇଲ ସାପ୍ତାହିକ ହାଟରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ଭାଲିଆ ଗ୍ରାମର ରାଜେଶ୍ କୁମାର ରାଜ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଅଷ୍ଟମୀ ପାଇଁ ଲୁଗାପଟା କିଣିବାକୁ ବାରମାଇଲ ସାପ୍ତାହିକ ହାଟକୁ ଯାଇଥିଲେ। ତେବେ ହାଟରୁ କିଣାକିଣି ସାରି ଫେରିବା ପରେ ନିଜର ଶଳା ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ବାରମାଇଲ ଉପକଣ୍ଠ ପଚାଖାଲି ଗ୍ରାମର କାଳୀଚରଣ ଧଳଙ୍କ ପୁଅ ଗଦାଧର ଧଳଙ୍କ ବାଇକ୍‌କୁ ପାଇନଥିଲେ । ପରେ ସେ ଏନେଇ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ଚଳାଇଛି।


## ଚୋରି ଅଭିଯୋଗ; ଜଣେ ଗିରଫ

ବଡ଼ସାହି,୧୩।୧୧(ସମିସ): ବଡ଼ସାହି ଥାନା ଅଧୀନ ଭୀମଦା ପଞ୍ଚାୟତ ଟେଙ୍ଗୁଆମଙ୍ଗଳପୁର ଗ୍ରାମରେ ଜଣେ ଛେଳି ଚୋରକୁ ଗ୍ରାମବାସୀ ଧରି ପୁଲିସର ଜିମା ଦେଇଛନ୍ତି। ହେଲେ ମୁଖ୍ୟ ଅଭିଯୁକ୍ତ ଖସି ପଳାଇଥିବାବେଳେ ଜଣକୁ ଗିରଫ କରିଛି ପୁଲିସ। ଏ ସଂକ୍ରାନ୍ତରେ ଗୌରମୋହନ ଦେହୁରୀଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନୀଳଗିରି ଥାନା ଅଧୀନ କାଆଁସ ଗ୍ରାମର ମନୋଜ ଖମାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କ୍ରୀଡ଼ା ଉତ୍ସବ

କରଞ୍ଜିଆ, ୧୩।୧୧(ସମିସ): କରଞ୍ଜିଆ ବାଣିତୀର୍ଥ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ଉତ୍ସବକୁ ବିଡିଓ ପ୍ରଦ୍ୟୁମ୍ନକୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟି ର ଯୁଗ୍ମ ସମ୍ପାଦକ ଶିରିଷ କୁମାର ପ୍ରଧାନ ସମ୍ପାଦକ ଈଶ୍ୱରପ୍ରସାଦ ମହାନ୍ତ, ଉପସଭାପତି ଇଂ ତ୍ରିଲୋଚନ ସେଠୀ, ସଦସ୍ୟା ଦିପ୍ତିମୟୀ ସେଠୀ ଯୋଗ ଦେଇ କୁନି କୁନି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପରେ ଖେଳାଳିମାନେ ମାର୍ଚ୍ଚ ଫାଷ୍ଟ, ବ୍ୟାଣ୍ଡ ପାର୍ଟି ମାର୍ଚ୍ଚ ଫାଷ୍ଟ କରିଥିଲେ। ଏଥିସହିତ କ୍ରୀଡା ପତାକା ଅତିଥିଙ୍କ ଦ୍ୱାରା ଉତ୍ତଳନ ହୋଇଥିଲ। ବିଭିନ୍ନ ଗ୍ରୁପରେ ଦୌଡ଼ି, ଉଚ୍ଚ ଡିଆଁ, ଲମ୍ବ ଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ



କରଞ୍ଜିଆ, ୧୩।୧୧(ସମିସ): କରଞ୍ଜିଆ ଓକିଲ ସଂଘର ବରିଷ୍ଠ ସଦସ୍ୟ, ପାଞ୍ଚପୀଢ଼ ଜିଲ୍ଲା ଗଠନ କ୍ରିୟାନୁଷ୍ଠାନ କମିଟିର ଅନ୍ୟତମ ଆବାହକ ତଥା କରଞ୍ଜିଆ ମହୋତ୍ସବର ସଦସ୍ୟ ଜଗମୋହନ ମହାନ୍ତ (୭୨)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ଆଜି ନିଜ ଗାଁ ଅଙ୍କୁରାରେ ଘର କାମ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସେ ତଳେ ପଡିଯିବାରୁ ତୁରନ୍ତ କରଞ୍ଜିଆ ଡାକ୍ତରଖାନାକୁ ଅଣାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବନ୍ଧୁ, ଶୁଭେଚ୍ଛୁ, ଓକିଲ ତାଙ୍କର ଶେଷଦର୍ଶନ କରିଥିଲେ। ତାଙ୍କ ମୃତ ଶରୀରକୁ କରଞ୍ଜିଆ ବାରକୁ ଅଣାଯାଇଥିଲା। ଏ.ଡି.ଜେ., ଶୁଭେଚ୍ଛା ଜଜ, ଏସ.ଡି.ଜେଏମ, ବହୁ ଓକିଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଦୀର୍ଘ ଦିନ ଧରି ସରକାରୀ ଓକିଲ ଭାବେ କାର୍ଯ୍ୟ କରିଥିଲେ।

## ଥାନା ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ତୁରୁମୁଙ୍ଗା, ୧୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କୋଡ଼ଖମଣ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ମିଥ୍ୟା କେସ୍ ପ୍ରତ୍ୟାହାର ଦାବିକରି ଗୁରୁବାର ସନ୍ଧ୍ୟାରେ ଥାନା ସମ୍ମୁଖରେ ବସି ରହିଛନ୍ତି। ଅଞ୍ଚଳକୁ ହାତୀ ଆସିଥିବା ସମୟରେ ହାତୀ ଘଉଡ଼ାଇବା ସମୟରେ ଝଗଡ଼ାକୁ ନେଇ ଗ୍ରାମର ରଥ ନାଏକଙ୍କ ସହ ଓ ଯଶବନ୍ତ ମହାନ୍ତ ଏବଂ ତପନ ମହାନ୍ତଙ୍କ ବଚସା ହୋଇଥିଲା ଯାହାକୁ ନେଇ ରଥ ନାଏକ ତପନ ଏବଂ ଯଶବନ୍ତଙ୍କ ନାମରେ ତୁରୁମୁଙ୍ଗା ଥାନାରେ ଜାତିଆଣ ଅଭିଯୋଗ କରିଥିଲେ। ତୁରୁମୁଙ୍ଗା ଥାନାରେ ମାମଲା ରୁଜୁ ହେବା ସହ ଏସଆଇ କିରଣ ସାହୁ ଘଟଣାର ତଦନ୍ତ କରୁଛନ୍ତି। ଗୁରୁବାର ତପନ ଓ ଯଶବନ୍ତଙ୍କୁ ଥାନାକୁ ଡାକି ପୁଲିସ ପଚରାଉଚରା କରିଥିଲା। ଗ୍ରାମର ସୁବାସିନୀ ମହାନ୍ତ, ପୁଷ୍ପାଞ୍ଜଳି ମହାନ୍ତ, ବଉଳ ମହାନ୍ତ, ମନ୍ଦଦୋରି ମହାନ୍ତ, ସୁନାମଣି ମହାନ୍ତ କୁନ୍ତଳା ମହାନ୍ତ, ଯାଇମତି ନାଏକ, ସରୋଜିନୀ କାରୁଆ, ବେଣୁଧର ମହାନ୍ତ, ଅମୀୟ ନାଏକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ଆସି ଥାନା ସମ୍ମୁଖରେ ବସି ମିଥ୍ୟା ଅଭିଯୋଗ ପ୍ରତ୍ୟାହାର ଦାବିରେ ଥାନା ଗେଟ ସମ୍ମୁଖରେ ବସିଥିଲେ। ପୁଲିସ ଗ୍ରାମବସୀଙ୍କୁ ବୁଝାସୁଝା କରିବା ପରେ ମହିଳାମାନେ ଥାନାରୁ ଯାଇଥିଲେ।



## ଶିକ୍ଷା ବିଭାଗ ଛୁଟି ଆବେଦନରେ ମନମାନି | ପ୍ରଧାନଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ

ହାଟଡ଼ିହୀ,୧୩।୧୧(ସମିସ): ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଛୁଟିରେ ଗଲେ ବିଇଓ ଅଫିସକୁ ସିଆରସିସିଙ୍କ ଜରିଆରେ ଜଣାଇବା କଥା; କିନ୍ତୁ ହାଟଡ଼ିହୀ ବ୍ଲକରେ ଏହି ନିୟମ କଡାକଡ଼ି ଭାବେ କାର୍ଯ୍ୟକାରୀ ହେଉନାହିଁ। ଗତ ନଭେମ୍ବର ୬ତାରିଖ ଭାତକରୁଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଛୁଟିରେ ଥିଲେ। ଆଉ ଜଣେ ସହକାରୀ ଶିକ୍ଷକ ଦିନ ୨ଟାରୁ ବିଦ୍ୟାଳୟ ଛୁଟି କରିଦେଲେ। ଏ ସଂକ୍ରାନ୍ତରେ ବିଇଓଙ୍କ ପାଖରେ କିଛି ସୂଚନା ନଥିଲା। ସେହିଦିନ ମଧ୍ୟ ସିଆରସିସି ଛୁଟିରେ ଥିବାରୁ ସେ ମଧ୍ୟ ଏ ବିଷୟରେ ଜାଣି ନଥିଲେ। ଏସଂକ୍ରାନ୍ତରେ ସମ୍ପୃକ୍ତ ସିଆରସିସିଙ୍କୁ କିଛି ପଚାରିବା ନେଇ ଯୋଗାଯୋଗ କରିଥିଲେ ସୁଦ୍ଧା ପ୍ରଥମ କଲ୍‌ର ୫ ସେକେଣ୍ଡ କଲ୍ ରିସିଭ କରି ଫୋନ୍ କଲ୍ କାଟି ଦେଇଥିଲେ। ପରଠୁ ଆଦୌ ଫୋନ୍ କଲ୍ ରିସିଭ କରି ନଥିଲେ। ଯଦି ପ୍ରଧାନଶିକ୍ଷକ ଓ ସିଆରସିସିମାନେ ଉପରିସ୍ଥ ଅଧିକାରୀଙ୍କ ଅଗୋଚରରେ ଏଭଳି ଛୁଟିରେ ରହିବେ ତେବେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା କ'ଣ ହେବ ? ସେହିପରି ସିଆରସିସିମାନେ କେଉଁଠି ଛୁଟି ଆବେଦନ କରିବେ ସେନେଇ କାହା ପାଖରେ ସୂଚନା ନାହିଁ। ଶିକ୍ଷାନୀତି ଅନୁସାରେ, ସିଆରସିସିମାନେ ପ୍ରତ୍ୟେକ ଦିନ ଗୋଟିଏ ଲେଖା ସ୍କୁଲକୁ ଯାଇ ମନିଟରିଙ୍ଗ କରିବା କଥା; କିନ୍ତୁ କିଛି ସିଆରସିସି ସେସବୁ ନକରି ନିଜକୁ ଶିକ୍ଷା ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଭାବି ମନଇଚ୍ଛା ସ୍କୁଲଗୁଡ଼ିକୁ ଯିବାଆସିବା କରୁଥିବା ଦେଖାଯାଇଛି। ସିଆରସିସିଙ୍କ ମଧ୍ୟରେ କେହି ଆନନ୍ଦପୁର, ଘଟଗାଁ ଓ କେନ୍ଦୁଝର ଉପକଣ୍ଠ ନରଣପୁର ଅଞ୍ଚଳରେ ରହୁଥିବାରୁ ଅନେକ ସମୟରେ ନିଜ କାର୍ଯ୍ୟସ୍ଥଳୀରେ ଦେଖାଯାʼନ୍ତି ନାହିଁ। ଅଧିକାଂଶ ସମୟରେ କିଛି ସିଆରସିସି ଛକ ବଜାରରେ ବୁଲୁଥିବା ବେଳେ ସ୍କୁଲ ନିମନ୍ତେ ବ୍ୟାଙ୍କ କାମ ଆଳ ଦେଖାଇ ନିଜ ବ୍ୟକ୍ତିଗତ କାମରେ ଲାଗିଥାʼନ୍ତି। ସେହିପରି ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକମାନେ ଦିନ ୧ଟାରୁ ଆସି ଛକ ବଜାରରେ ବୁଲୁଥିବା ମଧ୍ୟ ନଜରକୁ ଆସିଛି। ଉପରିସ୍ଥ ଅଧିକାରୀମାନେ ଯଦି ସଠିକ୍ ସମୟରେ ବାରମ୍ବାର ବିଦ୍ୟାଳୟଗୁଡ଼ିକୁ ଯାଇ ତଦାରଖ କରୁଥାନ୍ତେ ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ ବୋଲି କୁହାଯାଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ରାଜୀବ ଦଳେଇ କହିଛନ୍ତି ଯେ ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି। ସିଆରସିସିଙ୍କ ଛୁଟି ସମ୍ପର୍କରେ ଆଲୋଚନା ହୋଇଛି ଅତିଶୀଘ୍ର ସମସ୍ତଙ୍କୁ ଜଣାଇ ଦିଆଯିବ।

## ନାବାଳିକା ଉତ୍ପୀଡ଼ନ ମାମଲା: ଦୋଷୀକୁ ୨ ବର୍ଷ ଜେଲ୍

କେନ୍ଦୁଝର, ୧୩।୧୧(ସମିସ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟକୁମାର ମିଶ୍ର ଜଣେ ନାବାଳିକାକୁ ଉତ୍ପୀଡ଼ନ କରିବା ନେଇ ଏକ ମାମଲାର ବିଚାର କରି ନନ୍ଦିପଦା ଥାନା ଅନ୍ତର୍ଗତ ଅଂରା ଗ୍ରାମର ଅଭିଯୁକ୍ତ ସପନ ନାଏକ (୨୨)କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା; ଅନାଦେୟଅଧିକ ୨ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୭ ବର୍ଷର ନାବାଳିକା ଭଦ୍ରକରେ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ ସଂପାଦନ କରୁଥିବା ସମୟରେ ଅଭିଯୁକ୍ତ ପୀଡ଼ିତାର ଅନିଚ୍ଛା ସତ୍ତ୍ୱେ ତାକୁ ବିଭିନ୍ନ ପ୍ରକାର ଧମକ ଚମକ ସହ ଫଟୋ ଭାଇରାଲ କରି ହଇରାଣ ହରକତ କରି ଆସୁଥିଲା। ଉକ୍ତ ଘଟଣାକୁ ନେଇ ପୀଡ଼ିତାର ବାପା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଦୈତାରୀ ପୁଲିସ ଏନେଇ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ଗୁରୁବାର ବିଚାରପତି ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପୋକେସ୍ର ଧାରା ୧୨ ଅନୁଯାୟୀ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

## ଅଢ଼େଇ କୋଟିର ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣରେ ଅନିୟମିତତା

- ତାଗିଦ ସତ୍ତ୍ୱେ ଲାଗୁନି ସୂଚନାଫଳକ

ଆନନ୍ଦପୁର,୧୩।୧୧ (ସମିସ): ଆନନ୍ଦପୁର ସହରର ମୁଖ୍ୟରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ରାସ୍ତା କାର୍ଯ୍ୟରେ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁ ନଥିବା ପରିଲକ୍ଷିତ ହୋଇଛି।



ଘସିପୁରା ବ୍ଲକ୍ ଛକଠାରୁ ଆନନ୍ଦପୁର ବ୍ୟାରେଜ୍ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଥିଲା। ଏହି ରାସ୍ତାଦେଇ ଶହଶହ ଲୋକ ଆନନ୍ଦପୁର ଓ ଘସିପୁରାକୁ ଯାତାୟାତ କରୁଥିବାବେଳେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ମୋଟ୍ ୨କୋଟି ୫୧ ଲକ୍ଷ ଟଙ୍କାର ବ୍ୟୟଅଟକଳ କରାଯିବା ସହିତ ଟେଣ୍ଡର ହୋଇଥିଲା। ଗତ ଏକ ସପ୍ତାହ ହେଲା ବ୍ଲକ ଛକରୁ କଂକ୍ରିଟ୍ ରୋଡ ନିର୍ମାଣ ଆରମ୍ଭ ହୋଇଛି। ଏହି ରାସ୍ତାରେ ରାସ୍ତା ନିର୍ମାଣର ସୂଚନାଫଳକ ଅଦ୍ୟାବଧି ଲାଗିନାହିଁ। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର ମନଇଚ୍ଛା ରାସ୍ତା ନିର୍ମାଣ କରୁଛନ୍ତି। ୨୦ ମିମି ଚିପ୍ସ ବଦଳରେ ବଡ଼ ସାଇଜର ଚିପ୍ସ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏହାଛଡ଼ା ରାସ୍ତାରେ ଥିବା ଡ୍ରେନ ପୋତି ହୋଇଯାଉଥିବାରୁ ରାସ୍ତାକଡ଼ରେ ରହିଥିବା ମାଜିଷ୍ଟ୍ରେଟ୍ ଓ ସରକାରୀ କର୍ମଚାରୀଙ୍କ ଘରେ ବର୍ଷାପାଣି ପଶିବା ନେଇ ମଧ୍ୟ ଆଶଙ୍କା କରାଯାଉଛି। ବିଭାଗୀୟ କନିଷ୍ଠଯନ୍ତ୍ରୀ ସରୋଜ କୁମାର ଜେନା କହିଛନ୍ତି, ଠିକାଦାରଙ୍କୁ ସୂଚନାଫଳକ ଲଗାଇବାକୁ ତାଗିଦ୍ କରାଯାଇଛି। ଅଟକଳ ଅନୁସାରେ ନିର୍ମାଣ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବ ବୋଲି ଶ୍ରୀ ଜେନା କହିଛନ୍ତି।

## ଭିନ୍ନକ୍ଷମଙ୍କୁ ବସ୍ କଣ୍ଡକ୍ଟରଙ୍କ ଦୁର୍ବ୍ୟବହାର

ଆନନ୍ଦପୁର, ୧୩।୧୧(ସମିସ): ଜଣେ ଭିନ୍ନକ୍ଷମଙ୍କୁ ବସ କଣ୍ଡକ୍ଟର ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ପୌର ପରିଷଦ ୧୪ ନଂ ୱାର୍ଡର ପ୍ରୀତିପ୍ରଜ୍ଞା ସାହୁ ନିଜର ଫିଜୋଥେରାପି କରିବା ପାଇଁ ଘସିପୁରା ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ସକାଳ ୮ଟାରେ ମାଛଗଡ଼ ଅଞ୍ଚଳରୁ ଆସୁଥିବା ଡାଇମଣ୍ଡ ବସର କଣ୍ଡକ୍ଟର ଆଜ୍ଞା ଆସନ୍ତୁ କହି ଡାକି ନେଲା। ପ୍ରୀତିପ୍ରଜ୍ଞାଙ୍କ ମାʼ ଆରତି ମହାକୁଡ଼ ସରକାରଙ୍କ ପ୍ରଦତ୍ତ ବସ୍‌ପାସ୍‌ର କପି ଦେବା ସହ ଅଧା ଭଡ଼ା ୧୦୦ ଟଙ୍କା ଦେଇଥିଲେ। ପରେ ତୁମର ୨୦୦ ଟଙ୍କା ପଡିବ ବୋଲି କହିଥିଲେ କଣ୍ଡକ୍ଟର। କୌଣସି କଥା ନ ବୁଝି ଆପଣ ବସରୁ ଓହ୍ଲାଇ ଯାଆନ୍ତୁ ବୋଲି କହିଥିଲେ। ମହିଳା ଜଣକ ନିରୁପାୟ ହୋଇ ୨୦୦ ଟଙ୍କା ଦେଇ ନିଜର ଦିବ୍ୟାଙ୍ଗ ଶିଶୁକୁ ନେଇଥିଲେ। ଏନେଇ ସେ ଖାଉଟି ଅଦାଲତର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ, ଦୂରଭାଷାରେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରି ନଥିଲା।

## ବରିଷ୍ଠ ନାଗରିକ ସଂଘର ଶୋକସଭା



କରଞ୍ଜିଆ,୧୩।୧୧(ସମିସ): କରଞ୍ଜିଆ ସହରର ବରିଷ୍ଠ ସରକାରୀ ଓକିଲ ତଥା ପାଞ୍ଚପିଢ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ, ବରିଷ୍ଠ ନାଗରିକ ଜଗମୋହନ ମହାନ୍ତଙ୍କ ହୃଦଘାତରେ ବିୟୋଗ ହୋଇଛି। ତାଙ୍କ ବିୟୋଗରେ କରଞ୍ଜିଆ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ଶୋକସଭା କାର୍ଯ୍ୟକାରୀ ସଭାପତି ମନମୋହନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅବସରପ୍ରାପ୍ତ ସଂଘର ସଭାନେତ୍ରୀ ସବିତା ମହାନ୍ତି, ସର୍ବେଶ୍ୱର ମିଶ୍ର, ଅଭିମନ୍ୟୁ ତ୍ରିପାଠୀ, ଅଚ୍ୟୁତାନନ୍ଦ ବେହେରା, ଅନିତା ବେହେରା, ନଳିନୀ ଚନ୍ଦ୍ର ଘଣା, ଯୁଗଳ କିଶୋର ପଟ୍ଟନାୟକ, ନଗେନ ଚନ୍ଦ୍ର ପାଲ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ବିଶୋଇ,୧୩।୧୧(ସମିସ): ବିଶୋଇ ଏସ୍.ଏସ୍.ଡି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୨୬୦ରୁ ଊର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ମାନସ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବରେ ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ ଓ ତହସିଲଦାର ସତ୍ୟବାନ୍ ନାୟକ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବ୍ୟକ୍ତା ଭାବରେ ବିଶିଷ୍ଟ ସମାଜସେବୀ ସଞ୍ଜୀବ ମହାନ୍ତି ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ଦ୍ୱାରା ଚାଷୀଙ୍କ ସମୃଦ୍ଧି ସମ୍ଭବ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ସାମାଜିକ କର୍ମୀ ଆନନ୍ଦ କୁମାର ରାମ, ବିଧାୟକ ପ୍ରତିନିଧି ଜୁରିଲାଲ ମହାନ୍ତ, ୩୪ ନଂ ଜିଲ୍ଲା ପରିଷଦ ସଭ୍ୟା ବିଦ୍ୟୁସ୍ମିତା ଦେଓ, ରାଇରଙ୍ଗପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ସିଂହ, ମେଳାର ଜିଲ୍ଲା ନୋଡାଲ ଅଧିକାରିଣୀ ଡାକ୍ତର ଗୀତାଞ୍ଜଳି ଦାସ ଯୋଗଦାନ କରିଥିଲେ। ଏହି ଅବସରରେ ମତ୍ସ୍ୟ ବିଭାଗରୁ ୪ ଏବଂ ପ୍ରାଣୀ ସମ୍ପଦ ବିଭାଗରୁ ୪ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଡୁମୁରିଆ ଗ୍ରାମର ଶତ୍ରୁଘ୍ନ ଗିରି ଶ୍ରେଷ୍ଠ ଗୋପାଳକ, ରାଜାବସା ଗ୍ରାମର ମାଳତୀ ସିଂହ ଶ୍ରେଷ୍ଠ ପ୍ରାଣୀପାଳକ, ଅସନା ଗ୍ରାମର ବିଷ୍ଣୁଚରଣ ଗିରି ସଫଳ କୁକୁଡ଼ା ଚାଷୀ, ପାଟବନ୍ଧା ମୋହିନୀ ମୋହନ ୱର୍ଶି, ଆଦିତ୍ୟ କୁମାର ଧଳ, କରୁଣା କର ହେମ୍ବ୍ରମ ଓ ମାʼ ଦଶଭୂଜା ସ୍ୱୟଂ ସହାୟକ ଗୋଷ୍ଠୀ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଦ୍ୱିତୀୟ ଅଧିବେଶନରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଚାଷୀ-ବିଶେଷଜ୍ଞ ଆଲୋଚନାଚକ୍ର ଭାବେ ଏକ ମତ ବିନିମୟ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଥିଲା। ଡାଃ ମମତା ହେମ୍ବ୍ରମ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡାଃ ପ୍ରଭୁରଞ୍ଜନ ଜେନା ଏବଂ ବିଜାତଳା ବ୍ଲକ ମତ୍ସ୍ୟ ବିଭାଗର ସହକାରୀ ମତ୍ସ୍ୟ ଅଧିକାରୀ ସ୍ୱାଗତିକା ସାହୁ, ବହଳଦା ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ମୁର୍ମୁ ଯୋଗ ଦେଇଥିଲେ। ଡ଼ାକ୍ତର ପୁଷ୍ପାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



### ବିଭାଗୀୟ ଅଧିକାରୀଙ୍କ ଅନୁକମ୍ପା ପାଇଁ ବଢୁଛି ବାଲି ମାଫିଆଙ୍କ ଉତ୍ପାତ

## ଜରିମାନା ଆଦାୟରେ ସୀମିତ; ହେଉନି ମାମଲା

ବାରିପଦା,୧୩।୧୧(ସମିସ):



ବେଆଇନ ଲଘୁଖଣିଜ ସମ୍ପଦ ଚୋରାଚାଲାଣକୁ ବିଭାଗ ଏବଂ ପ୍ରଶାସନ ସ୍ତରରେ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ କଂଗ୍ରେସ ନେତା ପ୍ରମୋଦ ହେମ୍ବ୍ରମ ଜିଲ୍ଲା ଖଣି ଅଧିକାରୀଙ୍କ ବିରୋଧରେ ବୁଧବାର ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ଘଟଣାରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଲଘୁଖଣିଜ ସମ୍ପଦ ଚୋରି ରୋକିବା ଓ ଚାଲାଣକାରୀ ତଥା ସେମାନଙ୍କ ଯାନବାହନ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ନୂତନ ନିୟମାବଳୀ ପ୍ରସ୍ତୁତ କରିଛନ୍ତି। ଏପରିକି ନ୍ୟାୟାଳୟ ପକ୍ଷରୁ ପୂର୍ବ ଘଟଣାରେ ସ୍ୱଷ୍ଟ ରାୟ ଶୁଣାଣି କରିଛନ୍ତି ; ପରନ୍ତୁ ମୟୂରଭଞ୍ଜ ଜିଲ୍ଲାରେ ପୁଲିସ, ବନ, ରାଜସ୍ୱ, ଖଣି ଓ ପରିବେଶ ବିଭାଗ ପରସ୍ପର ପ୍ରତି କାଦୁଅ ଫିଙ୍ଗାଫିଙ୍ଗି ହୋଇ ମାଫିଆଙ୍କ ସଲାସୁତୁରାରେ ସୁହାଇବା ଭଳି କାର୍ଯ୍ୟ କରିଚାଲିଛନ୍ତି। ଫଳରେ ଲଘୁଖଣିଜ ସମ୍ପଦ ଚୋରା ଚାଲାଣରେ ଅଙ୍କୁଶ ଆସିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ଯଦ୍ୱାରା ସରକାର ବହୁ ପରିମାଣର ରାଜସ୍ୱ ହରାଉଛନ୍ତି। ଚୋରାଚାଲାଣ ପାଇଁ ପରିବେଶ ଅସନ୍ତୁଳନ, ରାସ୍ତାଘାଟ ଶୋଚନୀୟ ଓ ଅପରାଧ ବୃଦ୍ଧି ବର୍ତ୍ତମାନ ଚିନ୍ତାର କାରଣ ହୋଇଛି। ଯଦିବି କେତେବେଳେ ଚୋରା ସାମଗ୍ରୀ ଓ ଯାନବାହନ ଜବତ ହେଉଛି, କାର୍ଯ୍ୟାନୁଷ୍ଠାନରେ ବିଳମ୍ବତା ଦେଖାଦେଇଛି। ଖଣି ଅଧିକାରୀଙ୍କ ନିଷ୍କ୍ରିୟତା ଓ ଚୋରା ଚାଲାଣକାରୀଙ୍କ ପ୍ରତି ଅନୁକମ୍ପା ଥିବାରୁ ଚୋରି ସାମଗ୍ରୀ ଉପରେ ମାମଲା ରୁଜୁ କରାଯାଉନାହିଁ। ଉଦାହରଣ ସ୍ୱରୂପ ବଡ଼ସାହି ତହସିଲ ଅଧୀନ ବାଗୁଲି ଓ ପାଇକପଡା ସନ୍ନିକଟ ବୁଡାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ନଦୀରେ ବାଲିବନ୍ଧ କରାଯାଇ ଜଳର ଗତିପଥକୁ ପରିବର୍ତ୍ତନ କରି ଏକ୍ସାଭେଟର ମାଧ୍ୟମରେ ଶହ ଶହ ଟ୍ରିପ ବାଲି ଖନନ କରାଯାଇ ଚାଲାଣ କରାଯାଉଛି। ଏପରିକି ନଦୀ ଗର୍ଭରୁ ଅଗଭୀର ବାଲି ଖନନ ଯୋଗୁଁ ଗାଁ ଲୋକେ ଭୟରେ ନଦୀକୁ ଶୌଚ ହେବାକୁ ଯିବାପାଇଁ ଭୟ କରୁଛନ୍ତି। ଯାହାକୁ ନେଇ ଖଣି ବିଭାଗ ପକ୍ଷରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଓ ଗୋଟିଏ ଏକ୍ସାଭେଟର ବା ଉଚ୍ଚ କ୍ଷମତା ସମ୍ପନ୍ନ ଜେସିବିକୁ ଜବତ କରିଥିଲା। ମାତ୍ର ଜେସିବିକୁ କାର୍ଯ୍ୟାଳୟ ଆଣିବା ପରିବର୍ତ୍ତେ ସେହି ସ୍ଥାନରେ ଗାଡିର ମାଲିକଙ୍କୁ ଜିମା ଦେଇଥିବା ନେଇ ଗ୍ରାମବାସୀ ପ୍ରକାଶ କରିଛନ୍ତି। ରାଜସ୍ୱ ସମ୍ପତ୍ତିକୁ ଚୋରି କରୁଥିବା ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ ମାମଲା ରୁଜୁ କରିବା ପରିବର୍ତ୍ତେ ଖଣିଅଧିକାରୀ ଚୁପ ରହୁଛନ୍ତି। ତେବେ ଏହାକୁ ନେଇ ହେମ୍ବ୍ରମ ଖଣି ଅଧିକାରୀଙ୍କୁ ସାକ୍ଷାତ କରି ମାମଲା ରୁଜୁ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ମାତ୍ର ଖଣିଜ ଚୋରି, ଚୋରାଚାଲାଣ ଏବଂ ଅବୈଧ ଖଣି ନିବାରଣ ଏବଂ ଦଖଲ, ସଂରକ୍ଷଣ, ବାଣିଜ୍ୟ ଓ ପରିବହନ ନିୟନ୍ତ୍ରଣ ନିୟମ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କୌଣସି ବ୍ୟବସ୍ଥା ନାହିଁ କହିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ଏନଜିଟିର ଆଇନଜୀବୀ ଶଙ୍କର ପ୍ରସାଦ ପାଣିଙ୍କୁ ଯୋଗାଯୋଗ କରିବାରୁ କୋର୍ଟଙ୍କ ନିର୍ଦ୍ଦେଶ ଓ ଲଘୁ ଖଣିଜ ବିଭାଗର ଗାଇଡଲାଇନ ଅନୁଯାୟୀ ବେଆଇନ ଖନନ, ଚୋରି ଓ ପରିବହନ ସମ୍ପର୍କରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା ରହିଛି। କେବଳ ଲିଜଧାରୀଙ୍କ କ୍ଷେତ୍ରରେ କମ୍ପାଉଣ୍ଡ ଜରିମାନା କିମ୍ବା ମାମଲା ସମ୍ପର୍କରେ ବିଭାଗୀୟ ନିଷ୍ପତ୍ତି ନେବାର ବ୍ୟବସ୍ଥା ରହିଛି। ତେବେ ଖଣି ଅଧିକାରୀଙ୍କୁ ଉକ୍ତ ନିୟମ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ଆଇନ ସମ୍ପର୍କରେ ଜଣାଥିଲେ ମଧ୍ୟ ସେ ଜାଣିଶୁଣି ଚୋରାଚାଲାଣକାରୀଙ୍କୁ ପ୍ରୋତ୍ସାହନ ଯୋଗାଉଛନ୍ତି ବୋଲି ସେ ଲିଖିତ ଭାବେ ଜିଲ୍ଲାପାଳ ଓ ଏସପିଙ୍କୁ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଲଘୁ ଖଣିଜ ଅଧିକାରୀ ଉଦୟଭାନୁ ସାହୁ କହନ୍ତି, ଜବତ ମେସିନ ଓ ଟ୍ରାକ୍ଟର ବିରୋଧରେ ମାମଲା ରୁଜୁ ହୋଇନାହିଁ। ଆଇନଗତ ମାମଲା ରୁଜୁ ହେଲେ ଜଣାଇବି।

### ସରକାରୀ ନିୟମକୁ ମାନୁନାହାନ୍ତି ଅଧିକାରୀ

## ୨୭ରେ ବିଧାନସଭା ଶୀତ ଅଧିବେଶନକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି

# ଗସ୍ତ ପୂର୍ବରୁ ମୁଖ୍ୟ ସଚିବଙ୍କ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର,୧୩।୧୧(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନଭେମ୍ବର ୨୭ରେ ଓଡ଼ିଶା ଗସ୍ତରରେ ଆସିବେ। ଏହି ଗସ୍ତରେ ରାଷ୍ଟ୍ରପତି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରିବା ସହ ରାଜଭବନରେ ନୂଆ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିବେ। ରାଷ୍ଟ୍ରପତିଙ୍କ ଏହି ଗସ୍ତ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏହି ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ବସିଥିବା ବେଳେ ପରେ ପରେ ଅପରାହ୍ନରେ ଓଡ଼ିଶା ବିଧାନ ସଭାରେ ସ୍ୱତନ୍ତ୍ର ପ୍ରକୋଷ୍ଠରେ ମଧ୍ୟ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଛି।

ଓଡ଼ିଶା ଗସ୍ତ ପୂର୍ବରୁ ଆଗାମୀ ନଭେମ୍ବର ୨୦ ତାରିଖରେ ମଧ୍ୟ ରାଷ୍ଟ୍ରପତି ଓଡ଼ିଶାର ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବାର ଏକ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ଜଣାପଡ଼ିଛି। ୨୦ରେ ରାଷ୍ଟ୍ରପତି ଛତିଶଗଡ଼ର ଅମ୍ବିକାପୁର ଠାରେ "ଜନ ଜାତୀୟ ଗୌରବ ଦିବସ' କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ସେଦିନ ସକାଳ ୮ଟା ୨୫ରେ ନୂଆ ଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ବାହାରି ସକାଳ ୧୦ଟା ୫ରେ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଅବତରଣ କରିବେ। ସେଠାରୁ ସେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଛତିଶଗଡ଼ ଯାଇ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ପୁନଶ୍ଚ ରାଷ୍ଟ୍ରପତି ଝାରସୁଗୁଡ଼ା ଦେଇ ସେଦିନ ଅପରାହ୍ନ ୧ ଟା ୪୫ ସୁଦ୍ଧା ସେ ଆନ୍ଧ୍ରପ୍ରଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଝାରସୁଗୁଡାଠାରେ ଅବତରଣ ଏବଂ ସେଠାରେ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ସାମୟିକ ରହଣି ନିମନ୍ତେ ଜିଲ୍ଲାପାଳ ଓ ଏସପି ଝାରସୁଗୁଡାଙ୍କ ସହିତ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଛି।

> **୨୭ ଅପରାହ୍ନ ୨ରେ ପହଞ୍ଚି ୨୮ ସକାଳ ୯.୩୫ରେ ଓଡ଼ିଶା ଛାଡ଼ିବେ ରାଷ୍ଟ୍ରପତି**
>
> **ରାଜଭବନ ନୂଆ କଳିଙ୍ଗ ଅତିଥି ନିବାସର ହେବ ଉଦ୍‌ଘାଟନ**
>
> **ନଭେମ୍ବର ୨୦ରେ ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବେ ରାଷ୍ଟ୍ରପତି**

ସେହିପରି ନଭେମ୍ବର ୨୭ ତାରିଖରେ ଭୁବନେଶ୍ୱର ଗସ୍ତ କାର୍ଯ୍ୟକ୍ରମ ପାଇଁ ରାଷ୍ଟ୍ରପତି ୧୧ ଟା ୫୦ରେ ନୂଆ ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ଅପରାହ୍ନ ୨ ଟା ସମୟରେ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରି ରାଜଭବନରେ ପହଞ୍ଚିବେ। ମଧ୍ୟାହ୍ନ ବିରତି ପରେ ରାଷ୍ଟ୍ରପତି ଅପରାହ୍ନ ୪ ଟାରେ ରାଜଭବନ ସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସର ଗୃହ ଉଦ୍‌ଘାଟନ କରିବେ। ଅପରାହ୍ନ ୪.୨୦ରେ ସେ ଓଡ଼ିଶା ବିଧାନସଭାରେ ପହଞ୍ଚିବେ ଏବଂ ୪.୩୦ରୁ ୫.୩୦ ପର୍ଯ୍ୟନ୍ତ ବିଧାନସଭାର ସଦସ୍ୟ ସଦସ୍ୟାମାନଙ୍କୁ ସମ୍ବୋଧନ କରିବେ। ପରେ ପରେ ସେଦିନ ରାଷ୍ଟ୍ରପତି ରାଜଭବନଠାରେ ରାଜ୍ୟପାଳଙ୍କ ପକ୍ଷରୁ ଆୟୋଜିତ ରାତ୍ରଭୋଜନ କାର୍ଯ୍ୟକ୍ରମରେ ଯୋଗଦେବେ ଓ ପରଦିନ ୨୮ ତାରିଖ ସକାଳୁ ୯ ଟା ୩୫ରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଲକ୍ଷ୍ନୌ ବିମାନ ବନ୍ଦର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ୨୭ ତାରିଖରେ ରାଷ୍ଟ୍ରପତିଙ୍କ ଆଗମନ ଠାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱରାଷ୍ଟ୍ର ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ ୱାଇବି ଖୁରାନିଆ, ଅଗ୍ନିସେବା ଡିଜି ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ଦୀର୍ଘ ଦିନ ପରେ ଦାବି ପୂରଣ କଲା ରେଲ ବିଭାଗ

## ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ



**କେସିଙ୍ଗା,୧୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳବାସୀଙ୍କ ଏକ ଦଶନ୍ଧିରୁ ହେଉଥିବା ଏକ ଦାବି ଭାରତୀୟ ରେଳ ବିଭାଗ ପୂରଣ କରିଛି। ରେଳ ବିଭାଗର ଚିଠି ସଂଖ୍ୟା ସିସି୨୭୧/୨୦୨୫ ତାରିଖ ୩୧.୧୦.୨୫ ଅନୁଯାୟୀ ରେଳ ବିଭାଗ ହାୱଡା ଟିଟଲାଗଡ ଏକ୍ସପ୍ରେସ୍ ଟ୍ରେନକୁ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଆଦେଶ ଦେଇଛି।ଆଗରୁ ଉକ୍ତ ଟ୍ରେନଟି ହାୱଡାରୁ ଆସି ଟିଟଲାଗଡ଼ରେ ରହି ଯାଉଥିଲା ।ବର୍ତ୍ତମାନ ସେହି ଟ୍ରେନ ଟିଟଲାଗଡ଼ରେ ନ ରହି ଜୁନାଗଡ଼ ପର୍ଯ୍ୟନ୍ତ ଯିବ କେବେ ଠୁ ଚଳାଚଳ କରିବ ଖବର ନ ଥିଲେ ମଧ୍ୟ ବହୁତ ଶୀଘ୍ର ଏହା ଚଳାଚଳ କରିବ ବୋଲି ଶୁଣିବାକୁ ମିଳୁଛି। ଏହା ଜିଲ୍ଲାବାସୀଙ୍କ ପାଇଁ ନିହାତି ପକ୍ଷେ ଖୁସିର ବିଷୟ। ଏଥିପାଇଁ ରେଳ ବିଭାଗକୁ ଜିଲ୍ଲାବାସୀଙ୍କ ପକ୍ଷରୁ ବହୁତ ବହୁତ ଧନ୍ୟବାଦ।ଏହି ଟ୍ରେନ ଚଳାଚଳ ପାଇଁ କେସିଙ୍ଗାର ରେଳ ଯାତ୍ରୀ ସଂଘ ସମେତ କେସିଙ୍ଗା ସିଟିଜନ ଫୋରମ ଅନେକ ଦିନରୁ ଦାବି କରିଆସୁଥିଲେ।ଯାହାବି ହେଉ ବିଳମ୍ବରେ ହେଲେ ମଧ୍ୟ ଦାବି ପୂରଣ ହେଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ ପରେ ରେଳ ବିଭାଗ ତତ୍ପର ଦେଖାଇ ଟ୍ରେନ ଚଳାଚଳ ପାଇଁ ନିଷ୍ପତ୍ତି ନେଇଛି।କିନ୍ତୁ ଅଞ୍ଚଳବାସୀଙ୍କ ରେଳ ବିଭାଗକୁ ଦେଇଥିବା ଦାବିପତ୍ର ମଧ୍ୟରୁ ପ୍ରମୁଖ ଦାବି କେସିଙ୍ଗାରୁ ସିଧା ସଳଖ ଟ୍ରେନ ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ସେଥିପାଇଁ ବୁଦ୍ଧିଜିବୀ ମହଲରେ ଅସନ୍ତୋଷ ରହିଛି।ବର୍ତ୍ତମାନ ଦେଖିବାକୁ ବାକି ରହିଲା ରେଳ ବିଭାଗ କେବେ ଅଞ୍ଚଳବାସୀଙ୍କ ପ୍ରମୁଖ ଦାବି ରାଜଧାନୀ ପାଇଁ ସିଧାସଳଖ ଟ୍ରେନ ଚଳାଚଳ ପାଇଁ ବିଭାଗୀୟ ଚିଠି ଜାରି କରୁଛି।

**ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା**

# ଦୁଇ ଅଭିଯୁକ୍ତଙ୍କ ଜାମିନ ମଞ୍ଜୁର

**ବ୍ରହ୍ମପୁର,୧୩।୧୧(ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଗୁରୁବାର ୨ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପାଇଥିବା ଅଭିଯୁକ୍ତ ହେଲେ ଶେଖର ସାହୁ ଓ ପ୍ରକାଶ ସାହୁ। ଅନ୍ୟପକ୍ଷରେ ବିଶ୍ୱରଞ୍ଜନ ବେହେରା ଓ ତଫିମ ଅହମ୍ମଦ ଖାନଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଥିବା ଜଣାପଡ଼ିଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି, ଅରବିନ୍ଦ ଦାସ ଓ ସିଲିକନ ଟେକର ମାଲିକ ସୁରେଶ ଚନ୍ଦ୍ର ନାୟକଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୦ରେ ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାର ମାଷ୍ଟରମାଇଣ୍ଡ ଗଞ୍ଜାମର ଶଙ୍କର ପୃଷ୍ଟି ସମେତ ମୋଟ ୧୨ଜଣ ଦଲାଲ ଓ ଏଜେଣ୍ଟ ବର୍ତ୍ତମାନ ବ୍ରହ୍ମପୁର ଜେଲରେ ଅଛନ୍ତି। ଏଥିରେ ଜଡ଼ିତ ରହି ପୂର୍ବରୁ ଗିରଫ ହୋଇଥିବା ୧୧ଜଣଙ୍କ ମଧ୍ୟରୁ ଶଙ୍କର ପୃଷ୍ଟି, ସିଲିକନ ଟେକ କମ୍ପାନୀ ମାଲିକ ସୁରେଶ ଚନ୍ଦ୍ର ନାୟକ, ଏଜେଣ୍ଟ ତଫିମ ଅହମ୍ମଦ ଖାନ, ବିଶ୍ୱରଞ୍ଜନ ବେହେରା, ଅରବିନ୍ଦ ଦାସ, ଶେଖର ସାହୁ ଓ ପ୍ରକାଶ ସାହୁ ଆଦି ୭ଜଣ ଜିଲ୍ଲା କୋର୍ଟରେ ଜାମିନ ଆବେଦନ କରିଥିଲେ। ବିଶ୍ୱରଂଜନ ରଞ୍ଜନ ବେହେରା ଓ ତଫିମ ଅହମ୍ମଦ ଖାନଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଥିବା ବେଳେ ଶେଖର ସାହୁ ଓ ପ୍ରକାଶ ସାହୁଙ୍କ ଜାମିନ ମଞ୍ଜୁର ହୋଇଛି। ଅନ୍ୟପକ୍ଷରେ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଶଙ୍କର ସମେତ ଅନ୍ୟ ୫ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରାଯିବା ପରେ ପୁଣିଥରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିଲା। ରିମାଣ୍ଡ ସମୟରେ ଶଙ୍କରକୁ ପଚରାଉଚରା ବେଳେ ସେ ସହଯୋଗ କରୁନଥିବା କ୍ରାଇମବ୍ରାଞ୍ଚ ସନ୍ଦେହ କରିଥିଲା। ସେହିକ୍ରମରେ ଶଙ୍କରର ପଲିଗ୍ରାଫ ଟେଷ୍ଟ କରିବାକୁ ବ୍ରହ୍ମପୁର କୋର୍ଟରେ ଆବେଦନ କରାଯାଇଥିଲା। ସେହି ଆବେଦନର ଶୁଣାଣି ମଙ୍ଗଳାବାର ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ କ୍ରାଇମବ୍ରାଞ୍ଚର ତଦନ୍ତ ଅଧିକାରୀ ଅନୁପସ୍ଥିତ ରହିବାରୁ ଶୁଣାଣି ହୋଇପାରିନଥିଲା। ଏହି ମାମଲାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ସିବିଆଇ ଟିମ ବ୍ରହ୍ମପୁରରେ ପହଞ୍ଚିବ ବୋଲି ଜଣାପଡ଼ିଛି।

## ଓଡ଼ିଶା କଂଗ୍ରେସ ପାଇଁ ଆଉ ଜଣେ ସହପ୍ରଭାରୀ ନିଯୁକ୍ତ

**ଭୁବନେଶ୍ୱର, ୧୩।୧୧ (ସମିସ):** ବରିଷ୍ଠ କଂଗ୍ରେସ ନେତା ଜେଟ୍ଟି କୁସୁମ କୁମାରଙ୍କୁ ଓଡ଼ିଶା ପିସିସି ସହପ୍ରଭାରୀ ଭାବେ ନିଯୁକ୍ତି ଦେଇଛି ଏଆଇସିସି। ପୂର୍ବରୁ ଓଡ଼ିଶା ସହପ୍ରଭାରୀ ଭାବେ କାର୍ଯ୍ୟ କରୁଥିବା ଆସାମର ବରିଷ୍ଠ କଂଗ୍ରେସ ନେତ୍ରୀ ରୋଜଲିନା ତିର୍କୀଙ୍କୁ କେଇମାସ ତଳେ ଦାୟିତ୍ୱରୁ ଅପସାରଣ କରିଦିଆଯାଇଥିଲା। ବର୍ତ୍ତମାନ କେବଳ ଶାହାନୱାଜ ଚୌଧୁରୀ ଓଡ଼ିଶା କଂଗ୍ରେସର ସହପ୍ରଭାରୀ ଭାବରେ କାର୍ଯ୍ୟ କରୁଥିବାବେଳେ ଜେଟ୍ଟି କୁସୁମକୁମାରଙ୍କୁ ଏବେ ସହପ୍ରଭାରୀ ନିଯୁକ୍ତି ମିଳିଛି। ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ବିଭିନ୍ନ ସାଂଗଠନିକ କାର୍ଯ୍ୟରେ ଏହି ସହ ପ୍ରଭାରୀମାନେ ସହାୟତା କରିବେ।

**ରାଜ୍ୟସ୍ତରୀୟ 'ସୁରଭି' ଉଦ୍‌ଘାଟିତ**

# ୩ ବର୍ଷରେ ୪୪,୪୩୩ ଶିକ୍ଷକ ନିଯୁକ୍ତି ଲକ୍ଷ୍ୟ

**ଭୁବନେଶ୍ୱର,୧୩।୧୧(ସମିସ):** ଶିଶୁମାନେ ହେଉଛନ୍ତି ସମାଜର ଭବିଷ୍ୟତ ଓ ନୂତନ ଆଶା। ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଉଚିତ୍ ମାର୍ଗଦର୍ଶନ କରିବା ସମସ୍ତଙ୍କ ପ୍ରାଥମିକତା। ଏଥିପାଇଁ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ଗୁଣାତ୍ମକ ବିକାଶ ପାଇଁ ସରକାର ପ୍ରୟାସ କରୁଛନ୍ତି। ବିଦ୍ୟାଳୟରେ ମନୋଜ୍ଞ ପରିବେଶ ସୃଷ୍ଟି କରିବା ସହିତ ଅତ୍ୟାଧୁନିକ ଶିକ୍ଷା ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' କାର୍ଯ୍ୟକ୍ରମକୁ ଗତକାଲି ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ସୁରଭି ଏକ ପ୍ରକୃଷ୍ଟ ମାଧ୍ୟମ। ବିଦ୍ୟାର୍ଥୀଙ୍କ ଭିତରେ ଲୁଚି ରହିଥିବା ଅସଂଖ୍ୟ ସମ୍ଭାବନା ଏବଂ ଦକ୍ଷତାକୁ ନିଜେ ଜାଣନ୍ତୁ। କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ ତାକୁ ସାକାର କରିପାରିବେ ବୋଲି ଛାତ୍ରଛାତ୍ରୀଙ୍କୁ ସେ ପ୍ରୋତ୍ସାହିତ କରିଛନ୍ତି।

> **ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ଗୁଣାତ୍ମକ ବିକାଶ ପାଇଁ ସରକାର ପ୍ରୟାସରତ: ମୁଖ୍ୟମନ୍ତ୍ରୀ**
>
> **ସମ୍ବର୍ଦ୍ଧିତ ହେଲେ ମେଧାବୀ ଛାତ୍ରଛାତ୍ରୀ; ଦିବ୍ୟାଙ୍ଗ ପିଲାଙ୍କୁ ହ୍ୱିଲ୍ ଚେୟାର**

ସେହିପରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦ ପୂରଣ କରିବାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଆଗାମୀ ୩ ବର୍ଷରେ ୪୪,୪୩୩ ଶିକ୍ଷକ ନିଯୁକ୍ତ କରାଯିବ ବୋଲି କହିବା ସହ ପ୍ରତି ବର୍ଷ ପ୍ରାୟ ୧୫ ହଜାର ଲେଖାଏଁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ଅନ୍ୟତମ ଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗ ଦେଇଥିବା ବେଳେ ବିଭାଗୀୟ ସଚିବ ଡ. ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଯୁକ୍ତ ଦୁଇରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। କଳାରେ ଦେବେନ୍ଦ୍ର ଖମାରିଆ, ବିଜ୍ଞାନରେ ସୁଶିଲ ନାୟକ, ବାଣିଜ୍ୟରେ ସ୍ୱର୍ଣ୍ଣ ରେଖା ମନ୍ତ୍ରୀ ଏବଂ ଧନ୍ଦାମୂଳକ ଶିକ୍ଷାରେ ସୁପ୍ରିୟା ସୁତାରଙ୍କୁ ମୁଖ୍ୟମନ୍ତ୍ରୀ ୨୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାଷା ବୃତ୍ତି ପାଇଁ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ହ୍ୱିଲ ଚେୟାର ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରିଛନ୍ତି। ଏହାସହ ବିଭିନ୍ନ ପ୍ରତିଯୋଗିତା ଏବଂ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

## ଅପରାଜିତା ଯୁଗ୍ମ ସଂସଦୀୟ କମିଟିର ଅଧ୍ୟକ୍ଷା

**ସଂସଦରେ ଆଗତ ୩ ଗୁରୁତ୍ୱପୂର୍ଣ୍ଣ ବିଲ୍ ସମ୍ପର୍କରେ କରିବ ଅନୁଧ୍ୟାନ**

**ଭୁବନେଶ୍ୱର, ୧୩।୧୧ (ସମିସ):** ସଂସଦରେ ଆଗତ ହୋଇଥିବା ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ସମ୍ପର୍କରେ ଅନୁଧ୍ୟାନ ଲାଗି ଗଠିତ ସଂସଦୀୟ କମିଟିରେ ଅଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଛନ୍ତି ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ। ସମ୍ବିଧାନ (୧୩୦ ତମ ସଂଶୋଧନ) ଅଧିନିୟମ, ୨୦୨୫, ଜମ୍ମୁ ଓ କାଶ୍ମୀର ପୁନର୍ଗଠନ (ସଂଶୋଧନ) ଅଧିନିୟମ, ୨୦୨୫ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଶାସନ (ସଂଶୋଧନ) ଅଧିନିୟମ ୨୦୨୫ ସମ୍ପର୍କରେ ଏହି ଜେପିସି ଅନୁଧ୍ୟାନ କରିବ। ୩୧ ସଦସ୍ୟ ବିଶିଷ୍ଟ ଜେପିସିରେ ଲୋକସଭାରୁ ୨୧ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ସ୍ଥାନ ପାଇଛନ୍ତି।

# ଓଡ଼ିଶାର ସମୃଦ୍ଧ ଚଳଚ୍ଚିତ୍ର ପରମ୍ପରା ରହିଛି: ଅମିତାଭ୍ ବଚ୍ଚନ

**ଭୁବନେଶ୍ୱର, ୧୩।୧୧ (ସମିସ):** ଓଡ଼ିଶାର ଏକ ସମୃଦ୍ଧ ଚଳଚ୍ଚିତ୍ର ପରମ୍ପରା ରହିଛି ବୋଲି କହିଛନ୍ତି ବିଗ୍ ବି ଅଭିତାଭ ବଚ୍ଚନ। ବୁଧବାର କଳାଭୂମିଠାରେ ଆୟୋଜିତ ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନଃରୁଦ୍ଧାର କର୍ମଶାଳା-୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ ଶ୍ରୀ ବଚ୍ଚନ କହିଛନ୍ତି, ଏହି ପରମ୍ପରା ୧୯୩୬ ମସିହାରୁ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ସୀତା ବିବାହ ଚଳଚ୍ଚିତ୍ରରୁ ଆରମ୍ଭ ହୋଇଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ଯାତ୍ରାରେ ନୀରଦ ମହାପାତ୍ର, ମନମୋହନ ମହାପାତ୍ର, ଘନଶ୍ୟାମ ମହାପାତ୍ର, ପ୍ରଫୁଲ୍ଲ ସେନଗୁପ୍ତ, ନିତାଇ ପାଲିତ୍, ପାର୍ବତୀ ଘୋଷ, ପ୍ରଶାନ୍ତ ନନ୍ଦ, ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଝରଣା ଦାସଙ୍କ ପରି କିମ୍ବଦନ୍ତୀ ଓଡ଼ିଆ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ଅବଦାନକୁ ସେ ପ୍ରଶଂସା କରିଥିଲେ। ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ୱହିଦା ରେହମାନ ଯୋଗଦେଇ ଚଳଚ୍ଚିତ୍ର ସଂରକ୍ଷଣ କ୍ଷେତ୍ରରେ ଓଡିଶା ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ଏବଂ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଫିଲ୍ମ ଆର୍କାଇଭ୍‌ର ମିଳିତ ଆନୁକୂଲ୍ୟରେ ଭାରତୀୟ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା-୨୦୨୫ର ଦଶମ ସଂସ୍କରଣର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ



- ୧୦ମ ଚଳଚ୍ଚିତ୍ର ସରଂକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା-୨୦୨୫ ଉଦ୍‌ଘାଟିତ
- କାର୍ଯ୍ୟକ୍ରମରେ ଯୋଗଦେଲେ ବିଶିଷ୍ଟ ଅଭିନେତ୍ରୀ ୱହିଦା ରେହମାନ
- ସଞ୍ଜୟ ପଟ୍ଟନାୟକ ଓ ସୂର୍ଯ୍ୟ ଦେଓଙ୍କୁ 'ଚାମ୍ପିଅନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନ'

ଆମ ଓଡ଼ିଆ ସିନେମା ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ ବୋଲି କହିଥିଲେ। ଓଡ଼ିଆ ଚଳଚ୍ଚିତ୍ରର ପୁନରୁଦ୍ଧାର ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବା ପାଇଁ ଘୋଷଣା କରିବା ସହ ଓଡିଆ ଚଳଚ୍ଚିତ୍ରର ହୃତଗୌରବ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି କହିଥିଲେ। ୧୯ ତାରିଖ ଯାଏ ଚାଲିବାକୁ ଥିବା ଏହି କର୍ମଶାଳାରେ ଦେଶ ବିଦେଶର ନାମୀଦାମୀ ଚଳଚ୍ଚିତ୍ର ନିର୍ମାତା, ଗବେଷକ, ସଂରକ୍ଷକ ଯୋଗ ଦେଇଛନ୍ତି। ଏହି ଅବସରରେ ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ପକ୍ଷରୁ ରବିନ୍ ବେକରଙ୍କୁ 'ଆଉଟଷ୍ଟାଣ୍ଡିଙ୍ଗ ଫିଲ୍ମ ହେରିଟେଜ ପୁରସ୍କାର' ଏବଂ ସଞ୍ଜୟ ପଟ୍ଟନାୟକ ଓ ସୂର୍ଯ୍ୟ ଦେଓଙ୍କୁ 'ଚମ୍ପିଅନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ଶିବେନ୍ଦ୍ର ସିଂ ଡୁଙ୍ଗରପୁର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦୀକ୍ଷା ତିୱାରୀ ସଂଯୋଜନା କରିଥିଲେ।

# ଆନ୍ଧ୍ର ଡିପୋରେ ଓଡ଼ିଶା ଗଞ୍ଜେଇ

**ଭୁବନେଶ୍ୱର, ୧୩।୧୧ (ସମିସ):** ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ ବେଳେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ହାବୁଡ଼ରେ ପଡ଼ିଛନ୍ତି ନିଶା ମାଫିଆ। ବିଜୟୱାଡାର ଏକ ଗୋଦାମରୁ ୨୪୯ କିଲୋ ଗଞ୍ଜେଇ ଓ ୨ଟି ଟ୍ରକକୁ ଜବତ କରିଛି। ଚାଲାଣର ମାଷ୍ଟର ମାଇଣ୍ଡ ସମେତ ୫ ଜଣଙ୍କୁ ଗିରଫ କରିଛି ଡିଆରଆଇ। ସେମାନେ ହରିୟାଣା ଓ ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି।

- ବିଜୟୱାଡ଼ା ଗୋଦାମରେ ଡିଆର୍‌ଆଇର ଚଢ଼ଉ
- ଦୁଇ ଟ୍ରକ୍ ସହ ୨୫୦ କିଲୋ ଗଞ୍ଜେଇ ଜବତ
- 'ଇଗଲ' ପଞ୍ଝାରେ ପଡ଼ିଲେ ୫ ହରିଆଣା ବେପାରୀ



ସୂଚନା ମୁତାବକ, ଓଡ଼ିଶାରୁ ଗଞ୍ଜେଇ ନେଇ ବିଜୟୱାଡାର ଏକ ଗୋଦାମରେ ଗଚ୍ଛିତ ରଖା ଯାଇଥିବା ନେଇ ଡିଆରଆଇ ଖବର ପାଇଥିଲା। ଡିଆରଆଇ ଓ ଆନ୍ଧ୍ରପ୍ରଦେଶ ପୁଲିସ (ଇଗଲ୍ ଟିମ୍) ମିଳିତ ଭାବେ ଉକ୍ତ ଗୋଦାମରେ ଚଢ଼ଉ କରିଥିଲେ। ଗୋଦାମ ଓ ଏହା ପରିସରରେ ଥିବା ଉତ୍ତରପ୍ରଦେଶ ପଞ୍ଜିକୃତ ଏକ ଟ୍ରକର ସିକ୍ରେଟ୍ ଚାମ୍ବରରୁ ୨୪୨ ପ୍ୟାକେଟ ଗଞ୍ଜେଇ ମିଳିଥିଲା। ଓଜନ ବେଳେ ଏହା ୨୪୯ କିଲୋ ଥିବା ଜଣାପଡ଼ିଥିଲା। ଗୋଦାମ ପରିସରରୁ ଆନ୍ଧ୍ରପ୍ରଦେଶ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ମଧ୍ୟ ଜବତ ହୋଇଥିଲା।

ଅଭିଯୁକ୍ତମାନେ ଓଡ଼ିଶାରୁ ଗଞ୍ଜେଇ ଆଣିବା ପୁଲିସ ନଜରରୁ ଖସିବା ପାଇଁ ଏକ ବିକଳ୍ପ ବ୍ୟବସ୍ଥା ଆପଣାଇଥିଲେ। ସେଥିଲାଗି ଉତ୍ତରପ୍ରଦେଶ ବଦଳରେ ଆନ୍ଧ୍ରପ୍ରଦେଶ ନମ୍ବର ବିଶିଷ୍ଟ ଟ୍ରକ୍ ବ୍ୟବହାର କରି ଗଞ୍ଜେଇକୁ ବିଜୟୱାଡା ସ୍ଥିତ ଗୋଦାମକୁ ନେଇଥିଲେ। ଗୋଦାମ ପରିସରରେ ଗଞ୍ଜେଇକୁ ଅନଲୋଡ୍ କରିଥିଲେ। ଅନୁରୂପ ଭାବେ, ଆନ୍ଧ୍ରପ୍ରଦେଶରୁ ଉତ୍ତରପ୍ରଦେଶକୁ ଚାଲାଣ ପାଇଁ ୟୁପି ନମ୍ବର ବିଶିଷ୍ଟ ଏକ ଟ୍ରକରେ କିଛି ଗଞ୍ଜେଇ ଲୋଡ୍ କରିଥିଲେ। ହେଲେ ସେତିକିବେଳେ ଡିଆରଆଇ ଓ ଆନ୍ଧ୍ରପ୍ରଦେଶ ପୁଲିସ ଚଢ଼ଉ କରି ଟ୍ରକ୍ ଓ ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଜବତ କରିଥିଲା। ଅନ୍ୟ ଏକ ସ୍ଥାନରେ ଚଢ଼ଉ କରି ଓଡ଼ିଶାରୁ ଆନ୍ଧ୍ରପ୍ରଦେଶକୁ ଗଞ୍ଜେଇ ଚାଲାଣରେ ସଂପୃକ୍ତ ଆଉ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଦେଇ ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ କରିଥାନ୍ତେ ବୋଲି ଡିଆରଆଇ ପକ୍ଷରୁ କୁହାଯାଇଛି।

**ତରିକା ବଦଳାଉଛନ୍ତି ସାଇବର୍ ଠକ**

# ପୂର୍ବରୁ ଢାଲ କରୁଥିଲେ; ଏବେ ଲୁଟୁଛନ୍ତି

**ଭୁବନେଶ୍ୱର, ୧୩।୧୧(ସମିସ):**

ରାଜ୍ୟରେ ସାଇବର ଠକଙ୍କ ଆତଙ୍କ ଥମିବାର ନାଁ ଧରୁନାହିଁ। ପୂର୍ବରୁ ଇନଷ୍ଟାଗ୍ରାମରେ ଅଧିକ ଫଲୋର୍ସ ଥିବା କିଛି ବ୍ୟକ୍ତି ବିଶେଷ, ୟୁଟ୍ୟୁବର୍ ଓ କିଛି ଟେଲି କଳାକାରଙ୍କୁ ଢାଲ କରୁଥିଲେ ସାଇବର ଠକ। ସେମାନଙ୍କ

**ଟାର୍ଗେଟରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର**

ମାଧ୍ୟମରେ ମିଥ୍ୟା ବିଜ୍ଞାପନ ଦେଇ ସାଧାରଣ ଲୋକଙ୍କୁ ଠକୁଥିଲେ। ଏବେ ସେଇମାନଙ୍କୁ ବିଜ୍ଞାପନ ଲୋଭ ଦେଖାଇ ଆଖି ପିଛୁଳାକେ ଆକାଉଣ୍ଟ ଖାଲି କରି ଦେଉଛନ୍ତି। ଆଉ ନୈତିକତା ଭୁଲି ବିଜ୍ଞାପନ ଅର୍ଥ ଲୋଭରେ ଫସୁଛନ୍ତି ସ୍ଥାନୀୟ ୟୁଟ୍ୟୁବର୍। ଜଗତସିଂହପୁରର ଜଣେ କଲେଜ ଛାତ୍ରୀ ୟୁଟ୍ୟୁବ ଓ ଇନ୍‌ଷ୍ଟାଗ୍ରାମରେ ଭିଡିଓ କରନ୍ତି। ନିକଟରେ ତାଙ୍କୁ ଗୋଟିଏ ଅଜଣା ଆକାଉଣ୍ଟରୁ ମେସେଜ ଆସିଲା ଓ ଏକ ଗେମିଙ୍ଗ୍ ଆପ୍ ପାଇଁ ପ୍ରମୋସନ ଭିଡିଓ କରିବାକୁ କହିଥିଲା। ଅଗ୍ରୀମ ଟଙ୍କା ପଠାଇବା ଲାଗି ଜି-ମେଲ୍, ଆଧାର କାର୍ଡ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଆଇଏଫ୍‌ଏସସି କୋଡ୍ ମାଗିବାରୁ ଯୁବତୀ ଜଣକ ଦେଇଥିଲେ। ଏସବୁ ନେବାପରେ ଅଜଣା ବ୍ୟକ୍ତି ଜଣକ ଯୁବତୀଙ୍କୁ ଏକ ଲିଙ୍କ୍ ପଠାଇବା ସହ ଲିଙ୍କରେ ଯାଇ ସବିଶେଷ ତଥ୍ୟ ଦେବାକୁ କହିଥିଲା। ପ୍ରମୋସନ ଭିଡିଓ ବଦଳରେ ଟଙ୍କା ମିଳିବା ଲୋଭରେ



ଯୁବତୀ ଜଣକ ତା'ର ଗୋଟି ଗୋଟି କଥା ମାନିଥିଲେ। ସବୁକିଛି ଫିଲ୍‌ଅପ୍ କରିବା ପରେ ଉକ୍ତ ଲିଙ୍କକୁ ଇନଷ୍ଟାଗ୍ରାମ ବାୟୋରେ ରଖିବାକୁ କହିଥିଲା। ଯୁବତୀ ଜଣକ ଉକ୍ତ ଲିଙ୍କକୁ ନିଜ ଇନଷ୍ଟାଗ୍ରାମ ବାୟୋରେ ରଖିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି ହୋଇ ଯାଇଥିଲା। କ୍ଷଣିକ ମଧ୍ୟରେ ଆକାଉଣ୍ଟରୁ ଟଙ୍କା ନେଇ ଯାଇଥିଲେ ସାଇବର ଠକ।

### ଟଙ୍କା ପାଇଁ ଭୁଲିଯାଉଛନ୍ତି ନୀତି ନୈତିକତା

ୟୁଟ୍ୟୁବର୍‌ମାନେ ସ୍ଥାନୀୟ ଅଞ୍ଚଳରେ ଖୁବ୍ ଲୋକପ୍ରିୟ ହୋଇଥିବାରୁ ସେମାନେ ଯେଉଁସବୁ ଜିନିଷ ବ୍ୟବହାର କରନ୍ତି, ତାକୁ ସାଧାରଣ ଲୋକମାନେ ଅତି ସହଜରେ ଗ୍ରହଣ କରି ନିଅନ୍ତି। ସେଥିଲାଗି ଭିନ୍ନ ଭିନ୍ନ କମ୍ପାନୀମାନେ ୟୁଟ୍ୟୁବର ବା ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ବିପୁଳ ଅର୍ଥ ଦେଇ ବିଭିନ୍ନ ବିଜ୍ଞାପନରେ ଉପଯୋଗ କରୁଛନ୍ତି। କିନ୍ତୁ ସେମାନଙ୍କୁ କିଏ ଯୋଗାଯୋଗ କରି ବିଜ୍ଞାପନ କଥା କହିଲା? ସେମାନଙ୍କ ପାଖକୁ ଟଙ୍କା କୋଉଠୁ ଆସିଲା? ସେମାନେ ଯାହା ପାଇଁ ବିଜ୍ଞାପନ କରୁଛନ୍ତି, ସେମାନେ ଠକ ନୁହଁନ୍ତି ତ?, ଏ ବାବଦରେ ୟୁଟ୍ୟୁବରମାନେ ଖୋଳତାଡ଼ କରୁନାହାଁନ୍ତି। କେଇଟା ଟଙ୍କା ପାଇଁ ସେମାନେ ତଳ ସ୍ତରକୁ ଖସି ଯାଉଛନ୍ତି। ନୈତିକତା ଭୁଲି ଅଜଣା ଲୋକଙ୍କ କଥାରେ ଆଖି ବୁଜି ଯେ କୌଣସି ବିଜ୍ଞାପନକୁ ପ୍ରମୋଟ କରୁଛନ୍ତି। ୟୁଟ୍ୟୁବରମାନଙ୍କ ଏହି ମିଥ୍ୟା ବିଜ୍ଞାପନ ଜାଲ ସାଧାରଣ ଲୋକମାନଙ୍କୁ କ୍ଷତିରେ ପକାଉଛି। ୟୁଟ୍ୟୁବରଙ୍କ ବିଜ୍ଞାପନରେ ଲୋକମାନେ ପ୍ରଲୋଭିତ ହୋଇ ଲକ୍ଷଲକ୍ଷ ଟଙ୍କା ହରାଉଛନ୍ତି। ୟୁଟ୍ୟୁବର୍‌ଙ୍କ ପ୍ରତାରଣା ମୂଳକ ପ୍ରତିଶ୍ରୁତି ଯୋଗୁଁ ଲକ୍ଷାଧିକ ଟଙ୍କାର କ୍ଷତି ହେଉ ନ ଥିବାରୁ ଏହାର ପ୍ରଚାର ଓ ପ୍ରସାରରେ ସେମାନଙ୍କ ସମ୍ପୃକ୍ତି ନେଇ ପ୍ରଶ୍ନ ଉଠିଛି। ୟୁଟ୍ୟୁବରଙ୍କ ଭୁଲ୍ ପାଇଁ ସାଧାରଣ ଲୋକ ବାରମ୍ବାର ସାଇବର ଠକେଇର ସ୍ୱୀକାର ହେଉଛନ୍ତି, କିନ୍ତୁ କୌଣସି ଘଟଣାରେ ପୁଲିସ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରୁନାହିଁ।

### କ'ଣ ରହିଛି ନିୟମ

ଗ୍ରାହକ ସୁରକ୍ଷା ଆଇନ-୨୦୧୯ ଅନୁଯାୟୀ, ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ବାରମ୍ବାର ମିଛ ବିଜ୍ଞାପନ ସେୟାର କରୁଥିଲେ ୧୦ଲକ୍ଷରୁ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ସାମାଜିକ ଗଣମାଧ୍ୟମ ପଲିସି-୨୦୨୧ ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ସାଇବର ଠକଙ୍କ ଦ୍ୱାରା ଦିଆଯାଉଥିବା ମିଥ୍ୟା ବିଜ୍ଞାପନ ଗୁଡ଼ିକୁ ୪୮ ଘଣ୍ଟା ମଧ୍ୟରେ ପ୍ରମୋସନ କରୁଥିବା ଆକାଉଣ୍ଟ ଗୁଡ଼ିକରୁ ନ ହଟାଇଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ରହିଛି। ଏଥିସହିତ ବଢୁଥିବା ସାଇବର୍ ଠକେଇକୁ ନଜରରେ ରଖି କେନ୍ଦ୍ର ସରକାର ୨୦୨୩ରେ ମିଥ୍ୟା ବିଜ୍ଞାପନ ତଥା ସାଇବର ଠକଙ୍କ ପ୍ରତ୍ୟକ୍ଷରେ ତଥା ପରୋକ୍ଷରେ ସହଯୋଗ କରୁଥିବା ବ୍ୟକ୍ତିଙ୍କୁ ୩ରୁ ୭ବର୍ଷ ଜେଲ୍ ଦଣ୍ଡ ଓ ୧୦ରୁ ୩୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ନିୟମ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ନୂତନ ଜମି କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଯାତ୍ରା ଯୋଗ ଅଛି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ରାଜନେତାଙ୍କ ପାଇଁ ଦିନଟି ଭଲ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାନ ଧର୍ମ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। କଠିନ ପରିଶ୍ରମ କରିବେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ପିତାମାତା ସନ୍ତାନଙ୍କ ଭିବଷ୍ୟତକୁ ନେଇ ଚିନ୍ତା କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।


**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଅଚାନକ ଘରକୁ କୁଣିଆ ଆସିପାରନ୍ତି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଭାବିଚିନ୍ତି ନିବେଶ କରନ୍ତୁ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

## ଆଜିର ଇତିହାସ

- ୧୯୨୨- ବିବିସି, ବ୍ରିଟେନ୍‌ରେ ରେଡିଓ ସେବା ଆରମ୍ଭ କଲା।
- ୧୯୪୮ - ଯୁବରାଜ ଚାର୍ଲସ୍‌ଙ୍କ ଜନ୍ମ।
- ୧୯୫୫- କର୍ମଚାରୀ ରାଜ୍ୟ ବୀମା ନିଗମର ଉଦ୍‌ଘାଟନ।
- ୧୯୬୦- ଚେକ୍ ଗଣରାଜ୍ୟର ଦୁଇଟି ଟ୍ରେନ୍ ମୁହାଁମୁହିଁ ହେବାରୁ ଅତିକମ୍‌ରେ ୧୧୦ ଯାତ୍ରୀଙ୍କ ମୃତ୍ୟୁ।
- ୧୯୬୯ - ଆପୋଲୋ-୧୨କୁ ପ୍ରକ୍ଷେପଣ କରାଗଲା।
- ୨୦୦୨- ଚୀନ୍‌ର ରାଷ୍ଟ୍ରପତି ଜିଆଙ୍ଗ୍ ଜେମିନ୍ ନିଜ ପଦରୁ ଇସ୍ତଫା ଦେଲେ।

## ଶିଶୁଙ୍କ ପାଇଁ ଦିନଟିଏ



ଆଜି ୧୪ ନଭେମ୍ବର, ଶିଶୁ ଦିବସ। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଜନ୍ମଦିନକୁ ଆମେ ଦେଶରେ ଶିଶୁ ଦିବସ ରୂପେ ପାଳନ କରାଯାଏ। ନେହରୁ ପିଲାମାନଙ୍କୁ ବହୁତ ଭଲ ପାଉଥିଲେ। ଏହି କାରଣରୁ ପିଲାମାନେ ତାଙ୍କୁ 'ଚାଚା ନେହରୁ' ବୋଲି ସମ୍ବୋଧନ କରୁଥିଲେ। ଶିଶୁଙ୍କୁ ଭଲ ପାଉଥିବା ପଣ୍ଡିତ ନେହରୁ ତାଙ୍କ ଜନ୍ମଦିନକୁ ଶିଶୁଙ୍କ ପାଇଁ ଉତ୍ସର୍ଗ କରି ଦେଇଥିଲେ। ଶିଶୁମାନେ ହିଁ ଦେଶର ଭିତ୍ତିଭୂମି ଏବଂ ସେମାନେ ହିଁ ଦେଶର ଭବିଷ୍ୟତ ବୋଲି ସେ ସର୍ବଦା କହୁଥିଲେ। ଦେଶର ଉନ୍ନତି, ପ୍ରଗତି ଦିଗରେ ଶିଶୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନେହେରୁ ମତ ରଖିଥିଲେ। ଶିଶୁଙ୍କ ଅଧିକାର, ଦାୟିତ୍ୱ ଓ ଶିକ୍ଷା ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ସାରା ଦେଶରେ ପାଳିତ ହୋଇଥାଏ ଏହି ଦିବସ। ଜବାହରଲାଲ ନେହରୁ ଉତ୍ତର ପ୍ରଦେଶର ଆହ୍ଲାବାଦ ସହରରେ ଏକ କଶ୍ମୀର ପଣ୍ଡିତ ପରିବାରରେ ୧୮୮୯ ମସିହା ନଭେମ୍ବର ୧୪ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ମୋତିଲାଲ ନେହରୁ ଓ ମାତାଙ୍କ ନାମ ସ୍ୱରୂପାରାଣୀ ଥିଲା। ସେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୬୪ ମସିହା ମଇ ମାସ ୨୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ନେହରୁଙ୍କ ଦେହାନ୍ତ ପରେ ପିଲାଙ୍କ ପ୍ରତି ତାଙ୍କ ଭଲ ପାଇବାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମଦିବସକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ସଂସଦରେ ପ୍ରସ୍ତାବ ପାରିତ କରାଯାଇଥିଲା। ଏହାପରେ ପ୍ରଥମ ଥର ପାଇଁ ୧୯୬୫ରେ ଶିଶୁ ଦିବସ ପାଳନ କରାଯାଇଥିଲା। ୧୯୬୪ ପୂର୍ବରୁ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରାଯାଉଥିଲା। କାରଣ ମିଳିତ ଜାତିସଂଘ ଦ୍ୱାରା ୧୯୫୪ ମସିହାରେ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା। ଦେଶର କୋଣଅନୁକୋଣରେ ପଲ୍ଲୀ ଠୁ ଦିଲ୍ଲୀ ସବୁଠି ଶିଶୁଦିବସକୁ ଆନନ୍ଦ ଉତ୍ସାହର ସହ ପାଳନ କରାଯାଏ। ଶିଶୁ ଦିବସ ଅବସରରେ ସ୍କୁଲଗୁଡ଼ିକରେ ନାଚ, ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ। ଏହି ଦିନ ସ୍କୁଲ୍ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଚକଲେଟ୍, ମିଠା ଆଦି ବଣ୍ଟା ଯାଇଥାଏ।

## ରୋବଟିକ୍ ହ୍ୱିଲ୍ ଚେୟାର୍‌ରେ ପୃଥ୍ୱୀରାଜ

'ଏସ୍ଏସ୍ଏମ୍ବି ୨୯'



ଏସ୍.ଏସ୍ ରାଜମୌଲି ଓ ମହେଶ ବାବୁଙ୍କ ଫିଲ୍ମ 'ଏସ୍ଏସ୍ଏମ୍ବି ୨୯'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ନଭେମ୍ବର ୧୫ରେ ରାମୋଜୀ ଫିଲ୍ମ ସିଟିରେ ଏକ ଭବ୍ୟ ସମାରୋହରେ ଫିଲ୍ମର ଟାଇଟଲ ଘୋଷଣା କରାଯିବ। ଏହି ମେଗା ଇଭେଣ୍ଟ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଇତିମଧ୍ୟରେ ଫିଲ୍ମ ନିର୍ମାତା ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ଲୁକ୍ ସେୟାର୍ କରିଛନ୍ତି। ପ୍ରିୟଙ୍କା ଚୋପ୍ରା ତାଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରିଛନ୍ତି। ଏଥିରେ ସୁକୁମାରନ୍ ରୋବଟ୍ ଭଳି ଦେଖାଯାଉଥିବା ଏକ ହ୍ୱିଲଚେୟାର୍‌ରେ ବସିଥିବାର ଦେଖାଯାଇଛନ୍ତି। ସେ କଳା ରଙ୍ଗର ସୁଟ୍ ପିନ୍ଧି କ୍ୟାମେରା ଆଡ଼କୁ ରାଗରେ ଅନାଇଥିବାର ଦେଖାଯାଇଛନ୍ତି। ତେବେ ସେ ଏଥିରେ ଜଣେ ପକ୍ଷାଘାତ ରୋଗୀ ଭଳି ଦେଖାଯାଉଛନ୍ତି। ପୃଥ୍ୱୀରାଜ ଏଥିରେ 'କୁମ୍ଭା' ଚରିତ୍ରରେ ଅଭିନୟ କରିବେ ବୋଲି ସ୍ପଷ୍ଟ ହୋଇଛି। କାରଣ ପ୍ରିୟଙ୍କା ଏହି ପୋଷ୍ଟରକୁ ସେୟାର୍ କରି ଲେଖିଛନ୍ତି- 'ଉଠନ୍ତୁ, କୁମ୍ଭାକୁ ଦେଖା କରନ୍ତୁ।' ପୃଥ୍ୱୀରାଜ ଏଥିରେ ଖଳନାୟକ ଭାବେ ଦେଖାଯିବେ ବୋଲି ପୋଷ୍ଟର୍‌ରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ହିରୋଭାବେ ମହେଶବାବୁ ଏବଂ ତାଙ୍କ ବିପକ୍ଷରେ ପ୍ରିୟଙ୍କା ଚୋପ୍ରା ଦେଖାଯିବେ।

## ବିଶ୍ୱ ମଧୁମେହ ଦିବସ



ମଧୁମେହ ରୋଗ ବିଷୟରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ 'ବିଶ୍ୱ ମଧୁମେହ ଦିବସ' ଭାବେ ପାଳନ କରାଯାଏ। ଏହି ଦିବସର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟ ଶିବିର, ସ୍ୱାସ୍ଥ୍ୟ ସମ୍ବନ୍ଧିତ ବାର୍ତ୍ତା, ସଭା ସମିତି ତଥା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମଧୁମେହ ରୋଗ ପ୍ରତି ଜନସଚେତନତା ସୃଷ୍ଟି କରିବା। ଏହି ରୋଗର ସବୁଠାରୁ ବଡ଼ କାରଣ ହେଉଛି ଖରାପ ଏବଂ ପରିବର୍ତ୍ତିତ ଜୀବନଶୈଳୀ। ମଧୁମେହକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୯୧ ମସିହାରେ ଅନ୍ତର୍ଜାତୀୟ ମଧୁମେହ ଫେଡେରେସନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ମଧୁମେହ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୦୬ ମସିହାରେ ଏହି ପ୍ରସ୍ତାବ ପାରିତ ହେବା ପରେ ନଭେମ୍ବର ୧୪ ତାରିଖକୁ ବିଶ୍ୱ ମଧୁମେହ ଦିବସ ପାଳନ କରିବା ଲାଗି ମିଳିତ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ସାରା ବିଶ୍ୱରେ ମଧୁମେହ ରୋଗ ଏକ ମହାମାରୀର ରୂପ ନେବାକୁ ବସିଲାଣି। ଏହାକୁ ସ୍ଲୋ ପଏଜନ୍ (ନିରବ ଘାତକ) ବୋଲି ମଧ୍ୟ କୁହାଯାଏ। ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ମୋବାଇଲ ଆଗରେ ବସି ରହିବା, ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବା, ଦିନରେ ବିଳମ୍ବରେ ଉଠିବା, ବ୍ୟାୟାମ ନ କରିବା, ଅତ୍ୟଧିକ ତେଲ, ମସଲା ଖାଇବା ଦ୍ୱାରା ମଣିଷକୁ ଗ୍ରାସ କରୁଛି ଅନେକ ରୋଗ। ସେଥିମଧ୍ୟରୁ ସର୍ବାଧିକ ଲୋକଙ୍କୁ ଆକ୍ରାନ୍ତ କରୁଥିବା ରୋଗ ଭାବେ ପରିଚିତ ମଧୁମେହ। କେବଳ ବୟସ୍କ ନୁହନ୍ତି, ଯୁବପିଢ଼ି ଏପରିକି କମ୍ ବୟସର ପିଲା ବି ଏହି ରୋଗରେ କବଳିତ ହେଉଛନ୍ତି। ସେହିପରି ୧୮୯୧ ଆଜିର ଦିନ ହେଉଛି ଇନ୍‌ସୁଲିନ୍‌ର ସହ ଆବିଷ୍କାରକ ସାର୍ ଫ୍ରେଡରିକ୍ ବାଣ୍ଟିଙ୍ଗଙ୍କ ଜନ୍ମଦିନ। ମଣିଷ ଶରୀରରେ ଇନ୍‌ସୁଲିନ୍ ପ୍ରୟୋଗ କରିଥିବା ପ୍ରଥମ ବୈଜ୍ଞାନିକ ହେଲେ ବାଣ୍ଟିଙ୍ଗ୍। ରକ୍ତରେ ଗ୍ଲୁକୋଜ୍ ବା ଶର୍କରା ପରିମାଣ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଥିଲେ ମଧୁମେହ ରୋଗ ହୋଇଥାଏ। ମଧୁମେହ ସାଧାରଣତଃ ୨ ପ୍ରକାରର। ଟାଇପ୍-୧ ଓ ଟାଇପ୍-୨ ଡାଇବେଟିସ୍। ଟାଇପ୍-୧ ଡାଇବେଟିସ୍ ଶୈଶବ, କିଶୋର ଓ ଆଦ୍ୟ ଯୌବନରେ ମୁଖ୍ୟତଃ ୨୫ ବର୍ଷରେ ହୋଇଥାଏ। ଏ କ୍ଷେତ୍ରରେ ହଠାତ୍ ରୋଗର ଲକ୍ଷଣ ଦେଖାଯାଏ। ସେହିଭଳି ଟାଇପ୍-୨ ଡାଇବେଟିସ୍ ସାଧାରଣତଃ ୪୦ ବର୍ଷ ପରେ ହୋଇଥାଏ। ମଧୁମେହ ବଂଶଗତ ରୋଗ ହୋଇଥିଲେ ହେଁ ଅନିୟମିତ ଜୀବନଶୈଳୀ ଏହି ରୋଗର ମୂଳ କାରଣ। ବଦଳୁଥିବା ଜୀବନ ଶୈଳୀ ଯୋଗୁଁ ଦିନକୁ ଦିନ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମଧୁମେହ ଦ୍ୱାରା ପୀଡ଼ିତ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିବାକୁ ଲାଗିଥାଏ, କେବଳ ସେତିକି ନୁହେଁ, ଶର୍କରାର ମାତ୍ରା ଅତ୍ୟଧିକ ବଢ଼ିଗଲେ ଏହା ମଣିଷକୁ ମୃତ୍ୟୁ ମୁଖକୁ ଟାଣି ନେଇଥାଏ। ମଧୁମେହ ରୋଗ ପାଇଁ ସର୍ତ୍ତକତା ଅବଲମ୍ବନ କରିବା ନିତ୍ୟାନ୍ତ ଆବଶ୍ୟକ। ବିଶ୍ୱ ମଧୁମେହ ଦିବସ ପାଳନ ଦ୍ୱାରା ଲୋକମାନଙ୍କୁ ମଧୁମେହ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ବାର୍ତ୍ତା ଦିଆଯାଇଥାଏ। ନିୟମିତ ଡାକ୍ତରଙ୍କ ପରାମର୍ଶ ନେବା ସହ ଉପଯୁକ୍ତ ଚିକିତ୍ସା ମଧୁମେହ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ସନ୍ତୁଳିତ ଆହାର ସହ ନିୟମିତ ବ୍ୟାୟାମ, ଯୋଗ, ଚଲାବୁଲା ଆଦି ଉପରେ ଦୃଷ୍ଟି ଦେଲେ, ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ। ଲୋକମାନଙ୍କୁ ଏହି ରୋଗ ବାବଦରେ ସଚେତନ କରାଇବା ପାଇଁ ପ୍ରତିବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଆଧାରରେ ମଧୁମେହ ଦିବସ ପାଳନ କରାଯାଏ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି ", "Diabetes and Well-being."

## ସଞ୍ଜୀବନୀ



## କେଶ ପ୍ରତିରୋପଣ ପରେ ଯତ୍ନ



**ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ କେଶ ଝଡ଼ିବା ଏକ ବଡ଼ ସମସ୍ୟା। ବଂଶାନୁଗତ, ପ୍ରଦୂଷଣ, ମାନସିକ ଚାପ ଆଦି ଯୋଗୁଁ ଏପରି ହୋଇଥାଏ। ଏନେଇ ଚର୍ମ ବିଶେଷଜ୍ଞଙ୍କ ଦ୍ୱାରା ସମସ୍ତ ଚିକିତ୍ସାର ସୁଫଳ ନ ମିଳିଲେ କେଶ ପ୍ରତିରୋପଣ (ହେୟାର ଟ୍ରାନ୍ସପ୍ଲାଣ୍ଟ) କରାଯାଇଥାଏ। ଏହି ଆଧୁନିକ ଚିକିତ୍ସା ପ୍ରକ୍ରିୟାରେ ସ୍ୱତନ୍ତ୍ର ବିଧିରେ ନୂଆ କେଶ ସୃଷ୍ଟି କରାଯାଇଥାଏ। ତେବେ କେଶ ପ୍ରତିରୋପଣ ପରେ କେଶର ସଠିକ୍ ଯତ୍ନ ନେବା ନିହାତି ଆବଶ୍ୟକ।**

- କେଶ ପ୍ରତିରୋପଣର ୪୮ ଘଣ୍ଟା ମଧ୍ୟରେ କେଶକୁ ଧୁଅନ୍ତୁନି। ତିନିଦିନ ଯାଏଁ ସାଲାଇନ୍ ଲଗାଇବା ଆବଶ୍ୟକ। ପ୍ରଥମ ୧୦ ଦିନ ପିଠିରେ ଆଉଜେଇ ଶୁଅନ୍ତୁ। ନିଜର ସ୍କିନ୍ ଟାଇପ୍ ଅନୁସାରେ ବିନା ସୁଗନ୍ଧିତ ସାମ୍ପୋରେ ହାଲୁକା ଭାବେ କେଶ ସଫା କରିପାରିବେ। କେଶକୁ ପ୍ରାକୃତିକ ଉପାୟରେ ଶୁଖାଇବାକୁ ଦିଅନ୍ତୁ।
- କେଶ ପ୍ରତିରୋପଣର କିଛି ଦିନ ଯାଏଁ ଢ଼ିଲା ପୋଷାକ ପିନ୍ଧନ୍ତୁ। କେଶରେ ହାତ ମାରନ୍ତୁନି। ସର୍ଜରୀ ସ୍ଥାନରେ ଚାପ ପକାଇବା ଅନୁଚିତ। କେଶକୁ ସିଧାସଳଖ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁନି।
- କେଶ ପ୍ରତିରୋପଣ ପରେ କିଛି ସପ୍ତାହ କେଶ ଝଡ଼ିବା ସାଧାରଣ କଥା। ଏହାକୁ 'ଶକ ଲସ' କୁହାଯାଏ। ୩ରୁ ୪ ମାସ ପରେ ନୂଆ କେଶ ସୃଷ୍ଟି ହୋଇ ୧୨ରୁ ୧୮ ମାସରେ କେଶ ସ୍ପଷ୍ଟ ଦେଖାଯାଏ। ଏହାବାଦ୍ ଯଦି ଯନ୍ତ୍ରଣା କିମ୍ବା ସଂକ୍ରମଣ ହୁଏ, ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ।

## ବିରଳ ଅସ୍ତ୍ରୋପଚାର



ଦାନ୍ତବିନ୍ଧା ବା ଦାନ୍ତପୋକ ଖାଇବା ତ ସାଧାରଣ କଥା। ହେଲେ ଆଖିର ତଳ ଭାଗରେ ଦାନ୍ତ ଉଠିବା ଅବିଶ୍ୱସନୀୟ। ଚିକିତ୍ସା କ୍ଷେତ୍ରରେ ଏହି ସ୍ଥିତିକୁ 'ଏକ୍ଟୋପିକ୍ ଟୁଥ୍' ବା ଭୁଲ୍ ସ୍ଥାନରେ ଦାନ୍ତ ଉଠିବା କୁହାଯାଏ। ଏବେ ସୁଦ୍ଧା ଖୁବ୍ କମ୍ ଲୋକଙ୍କ କ୍ଷେତ୍ରରେ ଏହି ମାମଲା ଦେଖିବାକୁ ମିଳିଛି। ଏହି କ୍ରମରେ ପାଟନା, ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଆଇଜିଆଇଏମ୍ଏସ୍)ର ଦନ୍ତ ବିଭାଗର ଡାକ୍ତରମାନେ ଏହି ଦୁର୍ଲଭ ରୋଗର ସଫଳ ଚିକିତ୍ସା କରି ଉଦାହରଣ ସୃଷ୍ଟି କରିଛନ୍ତି। ବିହାରର ୪୫ ବର୍ଷୀୟ ରବି କୁମାରଙ୍କ ଦାନ୍ତରୁ ରକ୍ତ ବାହାରୁଥିଲା। ମୁହଁ ଫୁଲିବା ସହିତ ଦୃଷ୍ଟି ଶକ୍ତି ହ୍ରାସ, ମୁଣ୍ଡ ବିନ୍ଧା ହୋଇଥିଲା। ସ୍ଥିତି ଜଟିଳ ହେବାରୁ ସେ ଦୈନନ୍ଦିକ କାମ କରିପାରିନଥିଲେ। ହସ୍‌ପିଟାଲରେ ତାଙ୍କର ସିବିସିଟି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାରୁ ତାଙ୍କ ଆଖି ତଳେ ଏକ ଦାନ୍ତ ମିଳିଥିଲା। ଦନ୍ତ ଚିକିତ୍ସା ବିଭାଗର ମୁଖ୍ୟ ଏବଂ ରେଡିଓଲୋଜି ବିଭାଗର ପ୍ରମୁଖ ଡାକ୍ତର ନିମ୍ମି ସିଂହଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଡାକ୍ତରୀଦଳ ସାବଧାନ ସହିତ ଘଣ୍ଟା ଘଣ୍ଟା ଧରି ଅସ୍ତ୍ରୋପଚାର ଜରିଆରେ ଆଖି ତଳେ ଫସି ରହିଥିବା ଦାନ୍ତକୁ ବାହାରକୁ କାଢ଼ିଥିଲେ। ଅସ୍ତ୍ରୋପଚାର ପରେ ବ୍ୟକ୍ତିଙ୍କ ମୁହଁ ଫୁଲା କମ୍ ହେବା ସହିତ ଆଖିକୁ ସ୍ପଷ୍ଟ ଦେଖାଯାଇଥିଲା।

## ଚକ୍ଷୁରେ ମଧୁମେହର ପ୍ରଭାବ ଓ ପ୍ରତିକାର

**ଡା. ସଂଘମିତ୍ରା କାନୁନ୍‌ଗୋ**



ବର୍ତ୍ତମାନ ମଧୁମେହ ବହୁଳ ଭାବେ ଦେଖାଯାଉଛି। ଆନ୍ତର୍ଜାତୀୟ ଡାଇବେଟିସ୍ ଫେଡେରେସନ (୨୦୨୫) ର ନୂତନ ତଥ୍ୟ ଅନୁଯାୟୀ ୯ ଜଣରୁ ଜଣେ ମଧୁମେହରେ ପୀଡ଼ିତ। ପ୍ରତି ୧୦ଜଣରୁ ୪ଜଣ ମଧୁମେହ ରୋଗୀ ଏହି ରୋଗରେ ପୀଡ଼ିତ ଥିବା ଜାଣି ନାହାଁନ୍ତି। ୨୦୨୪ ମସିହା ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପ୍ରାୟତଃ ୫୮୯ ମିଲିୟନ୍ ବ୍ୟକ୍ତି ମଧୁମେହ ରୋଗରେ ପୀଡ଼ିତ ଅଛନ୍ତି, ୨୦୫୦ ମସିହା ସୁଦ୍ଧା ବିଶ୍ୱବ୍ୟାପୀ ୪୬% ବୃଦ୍ଧି ପାଇ ୮୫୩ ମିଲିୟନ ପର୍ଯ୍ୟନ୍ତ ପହଞ୍ଚିବ। ଚିନ୍ତାର ବିଷୟ, ପ୍ରତି ୫ ଜଣ ବୟସ୍କଙ୍କ ମଧ୍ୟରୁ ୪ ଜଣ ନିମ୍ନ ଏବଂ ମଧ୍ୟ ଆୟକାରୀ ଦେଶରେ ବାସ କରନ୍ତି। ଅଧିକାଂଶ ଲୋକଙ୍କର ରୋଗ ନିର୍ଣ୍ଣୟ କରାଯାଇନଥାଏ। ଭାରତରେ ମଧୁମେହ ଏକ ସଙ୍କଟ ଭାବେ ଉଭା ହୋଇଛି, ଯେଉଁଥିରେ ପ୍ରାୟ ୧୦୧ ନିୟୁତ ଲୋକ ପୀଡ଼ିତ ଅଛନ୍ତି ଏବଂ ୧୩୨ ନିୟୁତ ଲୋକ ପ୍ରି – ଡାଇବେଟିସ୍‌ରେ ପୀଡ଼ିତ। ମଧୁମେହ ସହିତ ଡାଇବେଟିକ୍ ରେଟିନୋପାଥି ବି ବୃଦ୍ଧି ପାଉଛି। ଡାଇବେଟିକ୍ ରେଟିନୋପାଥି ହେଉଛି ମଧୁମେହ ରୋଗର ଏକ ଅଣୁ ରକ୍ତକାରୀ ଜଟିଳତା। ଏହା ଆଖିର ରେଟିନାକୁ ପ୍ରଭାବିତ କରେ। ବିଶ୍ୱବ୍ୟାପୀ ବୟସ୍କଙ୍କ କ୍ଷେତ୍ରରେ ଏହା ନିବାରଣ ଯୋଗ୍ୟ ଦୃଷ୍ଟିହୀନର ମୂଳ କାରଣ। ଏହି ରୋଗ ଦୀର୍ଘକାଳୀନ ଉଚ୍ଚ ରକ୍ତ ଶର୍କରା ଦ୍ୱାରା ହୁଏ। ରେଟିନାର କ୍ୟାପିଲାରୀକୁ ଧୀରେ ଧୀରେ କ୍ଷତିଗ୍ରସ୍ତ କରେ। ବିଶ୍ୱର ପାଖାପାଖି ୪୫% ମଧୁମେହ ରୋଗୀଙ୍କୁ ଏହା ପ୍ରଭାବିତ କରେ। ମଧୁମେହର ଅବଧି, ରକ୍ତ ଶର୍କରା ଅନିୟନ୍ତ୍ରଣ, ଉଚ୍ଚ ରକ୍ତ ଚାପ, ଅସାଧାରଣ ଲିପିଡସ୍ତର ଓ ନେଫ୍ରୋ–ପାଥି ଏହି ରୋଗ ବଢ଼ାଇବାର ମୁଖ୍ୟ କାରଣ। ଟାଇପ୍ ୧ ଏବଂ ଟାଇପ୍ ୨ ମଧୁମେହ ରୋଗୀମାନେ ଏଥିରେ ପୀଡ଼ିତ ହୋଇଥାନ୍ତି। ଦୀର୍ଘ କାଳୀନ ରକ୍ତ ଶର୍କରା ଯୋଗୁ ରେଟିନାକୁ ଅମ୍ଳଜାନ ଯୋଗାଇବାରେ ବାଧା ସୃଷ୍ଟି କରେ। ଯାହା ଦ୍ୱାରା ନୂତନ ରକ୍ତ ନଳୀ ଗଠନ ହୋଇଥାଏ। ଏଥିରେ ରେଟିନାର ପୀତବିନ୍ଦୁ ଫୁଲିବା ଓ ରକ୍ତସ୍ରାବକୁ ବଢ଼ାଏ।

ମଧୁମେହ ରୋଗ ଯୋଗୁ ଆଖିର ପ୍ରଭାବକୁ ୨ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମତଃ ନନ୍ ପ୍ରୋଲିଫେରେଟିଭ୍ ଡାଏବେଟିକ୍ ରେଟିନୋପାଥି ଏବଂ ଅନ୍ୟଟି ପ୍ରୋଲିଫେରେଟିଭ୍ ଡାଏବେଟିକ୍ ରେଟିନୋପାଥି।

ଏହି ରୋଗର ପ୍ରାରମ୍ଭିକ ଅବସ୍ଥାରେ କୌଣସି ବିଶେଷ ଲକ୍ଷଣ ଦେଖାଯାଏ ନାହିଁ। ପରବର୍ତ୍ତୀ ସମୟରେ ଝାପ୍‌ସା ଦିଶିବା, ଆଖି ସାମ୍ନାରେ କଳା ଛାଇ ଭାସି ଉଠିବା, ହଠାତ୍ ଦୃଷ୍ଟିଶକ୍ତି ଚାଲିଯିବା, ମଝିରେ ମଝିରେ ବିଜୁଳି ମାରିଲା ଭଳି ଲାଗିବା ଆଦି ଲକ୍ଷଣ ଦେଖାଯାଏ।

- ଏହି ରୋଗରେ ପୀଡ଼ିତ ବ୍ୟକ୍ତି ବର୍ଷରେ ଥରେ ଚକ୍ଷୁର ସ୍ୱାସ୍ଥ୍ୟ ପରୀକ୍ଷା କରିବା ଉଚିତ। ରକ୍ତଶର୍କରାକୁ ନିୟନ୍ତ୍ରଣ ରଖିବା, ରକ୍ତଚାପ, କୋଲେଷ୍ଟ୍ରଲ, ବୃକ୍କର କାର୍ଯ୍ୟକ୍ଷମତା ଅବସ୍ଥାକୁ ନିୟମିତ ପରୀକ୍ଷା କରିବା ଜରୁରି।
- ଗର୍ଭାବସ୍ଥାରେ ଏହି ରୋଗର ଗତି ବଢ଼ିଯାଉଥିବାରୁ କଡ଼ା ନିରୀକ୍ଷଣ ନିତାନ୍ତ ଆବଶ୍ୟକ। ସେହିପରି ଏଆଇ ଆଧାରିତ ରେଟିନା ସ୍କ୍ରିନିଂ ପ୍ରଣାଳୀ ବ୍ୟବହାର କରି ରୋଗର ଚିହ୍ନଟ କରିବା ଉଚିତ। ଡାଇବେଟିକ୍ ରେଟିନୋପାଥିର ଗତିକୁ ଧୀର କରିବା ତଥା ଦୃଷ୍ଟିଶକ୍ତି ନ ହରାଇବାକୁ ଶୀଘ୍ର ଚିହ୍ନଟ ଓ ଚିକିତ୍ସା ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।
- ଦୃଷ୍ଟିର ଫଳାଫଳ କୋମାରବିଡିଟି ରୋଗର ନିୟନ୍ତ୍ରଣ ଏବଂ ରେଟିନାର ପ୍ରଭାବ ଉପରେ ନିର୍ଭର କରେ। ରୋଗର ଲକ୍ଷଣ ଦେଖାଯିବା ପୂର୍ବରୁ ନିୟମିତ ଚକ୍ଷୁ ପରୀକ୍ଷା କରିବା ଦରକାର।
- ଆଧୁନିକ ଚିକିତ୍ସା ପ୍ରଣାଳୀରେ ଓସିଟି, ଆଞ୍ଜିଓଗ୍ରାଫି କରିବା ଦରକାର। ଚକ୍ଷୁ ଭିତରେ ଷ୍ଟେରଏଡ ଇଞ୍ଜେକସନ୍ ଏବଂ ଆଣ୍ଟି ଭିଜିଏଫ୍ ଦେଇ ଚିକିତ୍ସା କରାଯାଏ।
- ଟେଲି ଅଫ୍‌ଥାଲମୋଲୋଜିରେ ରୋଗର ନିରୂପଣ ଏବଂ ଚିକିତ୍ସା ପାଇଁ ଉପଦେଶ ଦେଇହେବ।

କନ୍‌ସଲଟାଣ୍ଟ ଭିଟ୍ରିଓ ରେଟିନା
କର ଭିଜନ ଆଇ ହସ୍‌ପିଟାଲ୍, ଭୁବନେଶ୍ୱର

## ପ୍ରଦୂଷିତ ପରିବେଶରେ ଶିଶୁଙ୍କ ଯତ୍ନ

**ଜଳବାୟୁ ପରିବର୍ତ୍ତନ, କଳକାରଖାନାରୁ ନିର୍ଗତ ଧୂଆଁ ଆଦି କାରଣରୁ ଦିନକୁ ଦିନ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଆଜ୍‌ମା ରୋଗୀ, ଶିଶୁଙ୍କ ଉପରେ ଏହାର ପ୍ରଭାବ ଅଧିକ ପଡ଼ୁଛି। ତେଣୁ ଏହି ସମୟରେ ସେମାନଙ୍କ ଯତ୍ନ କିପରି ନେବେ ଜାଣନ୍ତୁ।**

ପ୍ରଦୂଷିତ ବାୟୁରେ ଥିବା ଅତ୍ୟଧିକ ଛୋଟ କଣିକା ପିଏମ୍ ୨.୫ ମାତ୍ରା ବଢ଼ିଗଲେ, ଏହା ନାକ ବାଟେ ଛାତିକୁ ଯାଇ ରକ୍ତରେ ମିଶିଯାଇଥାଏ। ବୃକ୍କ, ହୃତ୍‌ପିଣ୍ଡ, ଯକୃତ, ଚର୍ମ ଉପରେ ପ୍ରଭାବ ପକାଇବା ସହ ଶ୍ୱାସସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରେ।

**ଆଜ୍‌ମା ପ୍ରତି ଯତ୍ନବାନ ଜରୁରି:** ଆଜ୍‌ମା ଏକ ଫୁସ୍‌ଫୁସ୍‌ଜନିତ ରୋଗ। ଏହି ରୋଗରେ ଫୁସ୍‌ଫୁସ୍‌ର କାର୍ଯ୍ୟଧାରା ପ୍ରଭାବିତ ହୁଏ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହୁଏ। ତେଣୁ ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସି ବାରମ୍ବାର ଛିଙ୍କିଲେ, ଶ୍ୱାସକ୍ରିୟାରେ ସମସ୍ୟା ହେଲେ ଡାକ୍ତରଙ୍କ ପରାମର୍ଶ ନେବା ସହ ଔଷଧ ସେବନ କରନ୍ତୁ। ସର୍ବଦା ପାଖରେ ଇନ୍‌ହେଲର ରଖନ୍ତୁ। ବାମ୍ପ ନେଇପାରିବେ। ଏନ୍୯୫ ମାସ୍କ ପିନ୍ଧି ପାରିବେ।

**ପିଲାଙ୍କ ଯତ୍ନ:** ବାୟୁ ପ୍ରଦୂଷଣ ଯୋଗୁ ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶରେ ବାଧା ସୃଷ୍ଟି ହୁଏ। ଫୁସ୍‌ଫୁସ୍, ହୃଦ୍‌ପିଣ୍ଡ ଏବଂ ରୋପ୍ରତିରୋଧକ ଶକ୍ତି ପ୍ରଭାବିତ ହୁଏ। ପିଲାଙ୍କୁ ଆଜ୍‌ମା, ବ୍ରୋଙ୍କାଇଟିସ୍, ବାରମ୍ବାର ଥଣ୍ଡା, ଜ୍ୱର, ଚିନ୍ତା ଚିଡ଼ିଚିଡ଼ାପଣ ସୃଷ୍ଟି ହେବାର ଆଶଙ୍କା ଅଧିକ ରହିଥାଏ। ତେଣୁ ପ୍ରଦୂଷଣରୁ ଦୂରେଇ ରଖିବାକୁ ବାହାରକୁ ମାସ୍କ ପିନ୍ଧାଇ ଛାଡ଼ନ୍ତୁ। ପିଲାଙ୍କ ପାଖରେ ଧୂମପାନ ନ କରିବା ଆବଶ୍ୟକ। ପର୍ଯ୍ୟାପ୍ତ ମାତ୍ରାରେ ପାଣି, ପଇଡ଼, ସୁପ ଆଦି ତରଳ ପଦାର୍ଥ ଦେଇପାରିବେ। ଖାଦ୍ୟରେ ଭିଟାମିନ୍-ସି ଓ ଇ, ଫଳ, ସବୁଜ ପରିବା ଆଦି ସାମିଲ କରିପାରିବେ। ନିଃଶ୍ୱାସ ନେବାରେ ସମସ୍ୟା ହେଲେ, ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ।



# ଏସୀୟ ତୀରନ୍ଦାଜୀ: ଜ୍ୟୋତିଙ୍କୁ ୨ ସ୍ୱର୍ଣ୍ଣ

ଢାକା, ୧୩।୧୧ (ଏଜେନ୍ସି): ବାଂଲାଦେଶରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଗୁରୁବାର ଭାରତୀୟ ଦଳ ୪ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ଟି ସ୍ୱର୍ଣ୍ଣପଦକ ଓ ଗୋଟିଏ ରୌପ୍ୟ ପଦକ ରହିଛି। ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ଫାଇନାଲରେ ଜ୍ୟୋତି ସୁରେଖା ୧୪୭-୧୪୫ ସ୍କୋରରେ ସାଥୀ ଭାରତୀୟ ତୀରନ୍ଦାଜ ପ୍ରୀତିକା ପ୍ରଦୀପଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଏହାପରେ ପ୍ରଥମେଶ, ସାହିଲ ଯାଦବ ଓ ଅଭିଷେକ ବର୍ମାଙ୍କୁ ନେଇ ଗଠିତ ଭାରତୀୟ ଦଳ ପୁରୁଷ ଟିମ୍ ଇଭେଣ୍ଟର ଫାଇନାଲରେ କାଜାଖସ୍ତାନ ନିକଟରୁ ହାରି ରୌପ୍ୟ ପଦକ ପାଇଥିଲେ। ମହିଳା ଟିମ୍ ଇଭେଣ୍ଟ ଫାଇନାଲରେ ଭାରତ ୨୩୬-୨୩୪ ସ୍କୋରରେ କୋରିଆକୁ ହରାଇ ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲା। ଜ୍ୟୋତି, ପ୍ରୀତିକା ଓ ଦୀପଶିଖା ଭାରତୀୟ ମହିଳା ଦଳର ସଦସ୍ୟା ରହିଥିଲେ। ଭାରତ ଏହାର ୩ୟ ସ୍ୱର୍ଣ୍ଣପଦକ ମିକ୍ସଡ ଟିମ୍ ଇଭେଣ୍ଟରେ ବିଜୟୀ ହୋଇଥିଲା। ଅଭିଷେକ ଓ ଦୀପଶିଖାଙ୍କ ଯୋଡ଼ି ୧୫୩-୧୫୧ ସ୍କୋରରେ ବାଂଲାଦେଶକୁ ହରାଇ ଚାମ୍ପିଅନ ହୋଇଥିଲା।



# ଓମ୍‌ଙ୍କ ଶତକ; ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

ଷ୍ଟେଟ୍-ଏ ଟ୍ରଫି

ଭୁବନେଶ୍ୱର, ୧୩।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ୍-ଏ ଟ୍ରଫିରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି। ଗୁରୁବାର ଭଦୋଦରାର ଦର୍ଶନମ ଏକାଡେମୀରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୪ ୱିକେଟ୍‌ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଝାଡ଼ଖଣ୍ଡ ଓପନର ବିଶେଷ ଦତ୍ତ (୯୪ ରନ) ଓ ଅଧିନାୟକ ରାଜନ ଦୀପ୍ (୪୯)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୨୪୧ ରନ କରିଥିଲା। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କା ୩ ଓ ପାନକଳ ଶଶାଙ୍କ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା ଇନିଂସର ପ୍ରଥମ ୩ଟି ବଲ୍‌ରେ ପାନକଳ ଓ ଆୟୁଷ ବାରିକଙ୍କ ୱିକେଟ୍ ହରାଇଥିଲା। ତେବେ ତଥା ଅଧିନାୟକ ଓମ୍ ଟି ମୁଣ୍ଡେଙ୍କ ଦମ୍‌ଦାର ଶତକୀୟ ଇନିଂସ ବଳରେ ଦଳ ୧୦ଟି ବଲ୍ ପୂର୍ବରୁ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓମ୍ ୮ ଚୌକା ଓ ଗୋଟିଏ ଛକା ବଳରେ ୧୧୬ ବଲରୁ ୧୦୭ ରନ କରିଥିଲେ। ସୌମ୍ୟ ମଧ୍ୟ ୧୯ ବଲରେ ଅପରାଜିତ ୪୦ ରନର ଇନିଂସ ଖେଳି ଶ୍ରେଷ୍ଠ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ।



## ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ

# ସ୍ପିନର ନେବେ ନିର୍ଣ୍ଣାୟକ ଭୂମିକା: ଗିଲ୍

କୋଲକାତା,୧୩।୧୧(ଏଜେନ୍ସି):

ଘରୋଇ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। କୋଲକାତାର ପ୍ରସିଦ୍ଧ ଇଡେନ୍ ଗାର୍ଡେନ୍ସରେ ଏହି ମୁକାବିଲା ଶୁକ୍ରବାରରୁ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହେବ। ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ଲାଗି ଏହି ସିରିଜ୍ ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ଏବେ ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିଅନ ଭାବେ ଏହି ସିରିଜ୍ ଖେଳିବ। ଅନ୍ୟ ପକ୍ଷରେ ଘରୋଇ ମାଟିରେ ଅତ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିଥିବା ଭାରତ ଦକ୍ଷିଣ ଆଫ୍ରିକାକୁ ପୁଣିଥରେ ହରାଇ ସିରିଜ୍ କବଜା କରିବ ବୋଲି ଆଶା ରଖିଛି। ଭାରତରେ ୨୦୦୧ ପରଠାରୁ ଦକ୍ଷିଣ ଆଫ୍ରିକା ୫ଟି ସିରିଜ୍ ଖେଳିବାକୁ ଆସିଥିଲେ ମଧ୍ୟ ମାତ୍ର ୨ଟି ଟେଷ୍ଟରେ ବିଜୟୀ ହୋଇଛି। ଏହି ଦଳର କୋଚ୍ ଶୁକରି କନରାଡଙ୍କ ମତରେ ଆମେ ଏଥର ଇତିହାସ ସୃଷ୍ଟି କରିବୁ ବୋଲି କହିଛନ୍ତି। ଏହାର ଅର୍ଥ ବିଶ୍ୱଚାମ୍ପିଅନ ଦକ୍ଷିଣ ଆଫ୍ରିକା ୧୯୯୭-୯୮ ପରେ ପ୍ରଥମଥର ଭାରତରେ ଟେଷ୍ଟ ସିରିଜ୍ ଜିତିବ ବୋଲି କନରାଡ୍ ପରୋକ୍ଷରେ ଚେତାବନୀ ଦେଇଛନ୍ତି। ଅନ୍ୟ ପକ୍ଷରେ ଏହି ମୁକାବିଲା ଲାଗି ଭାରତ ଜୋରଦାର ପ୍ରସ୍ତୁତି କରିଛି ଓ କୌଣସି ପରିସ୍ଥିତିରେ ସିରିଜ୍ ହାତଛଡ଼ା କରିବ ନାହିଁ ବୋଲି ଆଶା ରଖିଛି।

ଖେଳ ଆରମ୍ଭ ପୂର୍ବରୁ ଆଜି ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ କହିଛନ୍ତି, ଏହି ଟେଷ୍ଟର ଫଳାଫଳରେ ସ୍ପିନରମାନେ ନିର୍ଣ୍ଣାୟକ ଭୂମିକା ନେବେ। ଏହା ଅର୍ଥ ସ୍ପଷ୍ଟ ଯେ ଭାରତ ଏହି ମ୍ୟାଚ୍‌ରେ ୩ଜଣ ସ୍ପିନରଙ୍କୁ ଖେଳିବାର ସୁଯୋଗ ଦେବ। ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦରଙ୍କ ସହ କୁଲଦୀପ ଯାଦବ କିମ୍ବା ଅକ୍ଷର ପଟେଲ ଖେଳିବେ। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦକ୍ଷିଣ ଆଫ୍ରିକା-ଏ' ସହ ଦିନିକିଆ ଖେଳିବାକୁ ଛାଡ଼ି ଦେଇଥିବାରୁ ଧ୍ରୁବ ଜୁରେଲଙ୍କୁ ଜଣେ ବ୍ୟାଟର ଭାବେ ଏହି ମ୍ୟାଚ୍ ଖେଳିବା ସ୍ପଷ୍ଟ ହୋଇଛି।



ଖେଳ ଆରମ୍ଭ : ସକାଳ ୯.୩୦
ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର

ଅବଶ୍ୟ ସହକାରୀ କୋଚ୍ ର୍‍ୟାନ୍ ଟେନ୍ ଡୋଶ୍ଚେଟ ପୂର୍ବରୁ ଏହି ସୂଚନା ଦେଇଥିଲେ। ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ପେସ୍ ବୋଲରଭାବେ ଖେଳିବେ। ବ୍ୟାଟିଂରେ ଦଳ ଚୟନ ନେଇ କିଛି ଅସୁବିଧା ନାହିଁ। ଓପନର ଭାବେ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ, ନଂ-୩, ୪, ୫ ଓ ୬ରେ ଯଥାକ୍ରମେ ସାଇ ସୁଦର୍ଶନ, ଅଧିନାୟକ ଶୁବମନ ଗିଲ୍, ଦୁଇ ୱିକେଟରକ୍ଷକ ରଷଭ ପନ୍ତ୍ ଓ ଧ୍ରୁବ ଜୁରେଲ ଖେଳିବେ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଏହି ସିରିଜ୍‌ରେ ଭଲ ଖେଳିବାକୁ ଦୃଢ଼ ଆଶା ପୋଷଣ କରିଛି। ଅଷ୍ଟ୍ରେଲିଆକୁ ହରାଇ ବିଶ୍ୱ ଚାମ୍ପିଅନ ହୋଇଥିବା ଏହି ଭ୍ରମଣକାରୀ ଦଳ ପାକିସ୍ତାନ ସହ ୧-୧ରେ ମ୍ୟାଚ୍ ଡ୍ର ରଖି ଲଢୁଆ ଖେଳିଛି। ଦଳରେ ୩ଜଣ ଭଲ ସ୍ପିନର କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମର ରହିଛନ୍ତି। ଏହି ଦଳରେ କେହି ନବାଗତ ଖେଳାଳି ନ ଥିଲେ ମଧ୍ୟ ସମସ୍ତେ ଅଭିଜ୍ଞ ହୋଇ ଏଠାରେ ଲଢ଼େଇ କରିବାକୁ ଆସିଛନ୍ତି। ଭାରତୀୟ ପିଚ୍ ଓ ଖେଳାଳିଙ୍କ ସମ୍ପର୍କରେ ଏହି ଦଳର ବେଶ ଭଲ ଅଭିଜ୍ଞତା ରହିଛି।

ଉଭୟ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଓ ଦକ୍ଷିଣ ଆଫ୍ରିକା କୋଚ୍ ଶୁକରି କନରାଡ ଏଠାରେ ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ଆଶା କରୁଛନ୍ତି। କିନ୍ତୁ ଏମାନେ ଖେଳର ତୃତୀୟ ଦିନରେ ପ୍ରଭାବ ପକାଇପାରିବେ। ପ୍ରଥମ ଦୁଇଦିନ କିନ୍ତୁ ପେସ୍ ବୋଲରଙ୍କ ଦବ୍‌ଦବା ରହିବ। ଭାରତରେ ଦକ୍ଷିଣ ଆଫ୍ରିକା ଗତ ୭ଟି ଟେଷ୍ଟରେ ଟସ୍ ଜିତିନାହିଁ। ଅଧିନାୟକ ଗିଲ୍ ୭ଟି ଟେଷ୍ଟରୁ ମାତ୍ର ଗୋଟିକରେ ଟସ୍ ଜିତିଛନ୍ତି। ଏଠାରେ ଟସ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ଦଳର ପ୍ରଦର୍ଶନରୁ ଫଳାଫଳ ବାହାରିବା ନିର୍ଭର କରୁଛି।

### ସମ୍ଭାବ୍ୟ ଦଳ

**ଭାରତ :** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ରଷଭ ପନ୍ତ୍ (ଉପଅଧିନାୟକ) ଓ ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ।

ରିଜର୍ଭ- ଦେବଦତ୍ତ ପାଡିକଲ, ଅକ୍ଷର ପଟେଲ, ଆକାଶଦୀପ୍

**ଦକ୍ଷିଣ ଆଫ୍ରିକା :** ଆଇଡେନ୍ ମାରକ୍ରମ, ରିୟାନ ରିକେଟଲନ, ଟ୍ରିଷ୍ଟାନ ଷ୍ଟବ୍‌ସ, ଟୋନି ଡି ଜୋର୍ଜି, ତେମ୍ବା ବଭୁମା (ଅଧିନାୟକ), କାଏଲ ଭେରିନ (ଉଭୟ ୱିକେଟରକ୍ଷକ/ବ୍ୟାଟର), ମାର୍କୋ ଜାନସେନ୍, କାଗିସୋ ରାବାଡା, ସେନୁରନ ମୁଥୁସ୍ୱାମୀ, କେଶବ ମହାରାଜ, ସାଇମନ୍ ହାର୍ମର।

ରିଜର୍ଭ- ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, କୋର୍ବିନ ବୋଶ୍ଚ, ୱିଆନ ମୁଲ୍ଡର

■ ଆଇପିଏଲ୍-୧୯

## ଡିସେମ୍ବର ୧୬ ଆବୁଧାବିରେ ନିଲାମ

ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): ଆଇପିଏଲର ଆଗାମୀ ୧୯ତମ ସଂସ୍କରଣ ଲାଗି ଖେଳାଳି ନିଲାମ ଡିସେମ୍ବର ୧୬ରେ ଆବୁଧାବିରେ ଅନୁଷ୍ଠିତ ହେବ ଓ ଏହା ଗୋଟିଏ ଦିନରେ ଶେଷ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ସମସ୍ତ ୧୦ଟି ଫ୍ରାଞ୍ଚାଇଜ ସେମାନଙ୍କ ଚୂଡ଼ାନ୍ତ ଟିମ୍ ଏହି ନିଲାମୀ ଜରିଆରେ ଫାଇନାଲ କରିବେ। ନଭେମ୍ବର ୧୫ ସୁଦ୍ଧା ସମସ୍ତ ଫ୍ରାଞ୍ଚାଇଜକୁ ସେମାନଙ୍କ ଚୂଡ଼ାନ୍ତ ରିଟେନସନ ତାଲିକା ପ୍ରଦାନ କରିବାକୁ କୁହାଯାଇଛି।

## ୱାଟସନ କେକେଆର୍‌ର ସହାୟକ କୋଚ୍

କୋଲକାତା, ୧୩।୧୧ (ଏଜେନ୍ସି): ଅଷ୍ଟ୍ରେଲିଆର ପୂର୍ବତନ ଅଲ୍‌ରାଉଣ୍ଡର ଶେନ ୱାଟସନଙ୍କୁ ଆଇପିଏଲ୍‌ର ଆଗାମୀ ୧୯ତମ ସିଜନ ଲାଗି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ସହାୟକ କୋଚ୍ ଭାବେ ନିଯୁକ୍ତ କରିଛି।

## ଏମ୍‌ଆଇରେ ଶାର୍ଦ୍ଦୁଳ

ମୁମ୍ବଇ, ୧୩।୧୧ (ଏଜେନ୍ସି): ଆଇପିଏଲ୍‌ର ୧୯ତମ ସିଜନ ଲାଗି ସମସ୍ତ ଫ୍ରାଞ୍ଚାଇଜକୁ ଶନିବାର ସୁଦ୍ଧା ସେମାନଙ୍କ ଚୂଡ଼ାନ୍ତ ଖେଳାଳି ରିଟେନସନ ତାଲିକା ଦେବାକୁ କୁହାଯାଇଛି। ତେବେ ଏଥିପୂର୍ବରୁ ରେକର୍ଡ ୫ଥରର ଚାମ୍ପିଅନ ମୁମ୍ବଇ ଇଣ୍ଡିଆନ୍ସ ଦୁଇଟି ବଡ଼ ଟ୍ରେଡ୍ ଡିଲ୍ କରିଛି। ଗୁରୁବାର ମୁମ୍ବଇ ଦୁଇଜଣ ତାରକା ଖେଳାଳିଙ୍କୁ ଅନ୍ୟ ଫ୍ରାଞ୍ଚାଇଜରୁ ଟ୍ରେଡ୍ କରି ନିଜ ଦଳରେ ସାମିଲ କରିବାରେ ସଫଳ ହୋଇଛି।

ରାଜ୍ୟସ୍ତରୀୟ ଶବର କପ ଫୁଟବଲ

## ସେମିରେ ବୌଦ୍ଧର ଗେହ୍ଲା କ୍ଲବ୍



ଯାଁଳା,୧୩।୧୧(ସମିସ): ବୌଦ୍ଧର ଗେହ୍ଲା କ୍ଲବ୍ ରାଧାଚରଣପୁର ଖେଳ ପଡିଆରେ ଚାଲିଥିବା ୨୭ତମ ରାଜ୍ୟସ୍ତରୀୟ ଶବର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାକାଲି ଢେଙ୍କାନାଳର ପପୁଲାର କ୍ଲବ ଓ ଗେଲ୍ହା କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଗେଲ୍ହା ୪-୧ ଟାଇବ୍ରେକର ଗୋଲରେ ଜଟଣୀର ଫ୍ରେଣ୍ଡସ୍ ପାଇଡାଇଜ କ୍ଲବ୍‌କୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ସଂଘର୍ଷ ପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧରେ କୌଣସି ଦଳ କାହାରିକୁ ଗୋଲ ଦେଇ ପାରିନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୧୦ ମିନିଟ ସମୟରେ ଜଟଣୀ ଦଳ ଗୋଲ ଦେଇ ଦଳକୁ ୧-୦ ରେ ଅଗ୍ରଣୀ ସ୍ଥିତିରେ ରଖିଥିଲେ। ଖେଳର ୪୫ ମିନିଟ ସମୟରେ ଗେହ୍ଲା କ୍ଲବ୍ ଗୋଲକୁ ଶୁଝାଇ ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ୧-୧ ଗୋଲ ଦେଇ ବରାବର ସ୍ଥିତିରେ ରଖିବାରୁ ଫଏସଲା ପାଇଁ ଟାଇବେକର ପଦ୍ଧତି ଅନୁସରଣ କରାଯାଇଥିଲା। ଏଥିରେ ଗେଲ୍ହା କ୍ଲବ ବୌଦ୍ଧ ୪-୧ ଗୋଲରେ ବ୍ୟବଧାନରେ ବିଜୟୀ ହୋଇଥିଲା।

# ଆଜିଠାରୁ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

ଭୁବନେଶ୍ୱର,୧୩।୧୧(ସମିସ):

ଓଡ଼ିଶା ଚେସ୍ ଇତିହାସରେ ଆସନ୍ତାକାଲିଠାରୁ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି। ପେସାଦାର ଚେସ୍ ଖେଳରେ ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ପକ୍ଷରୁ କ୍ରିକେଟରେ ଆଇପିଏଲ୍ ଢ଼ାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୧୨ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ରାଜଧାନୀର ହୋଟେଲ ଲାଇଫ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧୪ରୁ ଆରମ୍ଭ ହୋଇ ୧୬ରେ ଶେଷ ହେବ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ଲକ୍ଷ ଟଙ୍କା ଓ ଟ୍ରଫି, ପ୍ରଥମ ରନର୍ସଅପ୍ ଦଳକୁ ୩ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ଦ୍ୱିତୀୟ ରନର୍ସ ଅପ୍ ଦଳକୁ ୨ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦଳ ୧୧ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ୧୨ଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ନିଲାମ ମାଧ୍ୟମରେ ଚୟନ କରାଯାଇଛି। ସେଗୁଡିକ ହେଲା- ଚୋଲ ଚାମ୍ପିଅନ୍ସ, କଳିଙ୍ଗ ୱାରିୟର୍ସ, ରାଜଧାନୀ ଚ୍ୟାଲେଞ୍ଜର୍ସ, ଗୋଲକୁଣ୍ଡା ଗାଡିଆନ୍ସ, ମହାନଦୀ ଫାଲକନ୍ସ, ବାରବାଟୀ ବ୍ୟାଟଲର୍ସ, ଭିକ୍ଟୋରିଆ ଭିକ୍ଟର୍ସ, ଅମ୍ବର ଆଭେଞ୍ଜର୍ସ, ନାଳନ୍ଦା ନାଇଟ୍‌ସ, ସାଞ୍ଚି ଷ୍ଟ୍ରାଟେଜିଷ୍ଟ୍ସ, କୋଣାର୍କ କିଙ୍ଗ୍‌ସ ଏବଂ ଏଲୋରା ଏଲାଇଟ୍ସ। ପ୍ରତ୍ୟେକ ଦଳରେ ସର୍ବାଧିକ ୮ଜଣ ଖେଳାଳିଙ୍କୁ ସ୍ଥାନ ମିଳିବ। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସମେତ ୪ଜଣ ଓଡ଼ିଆ ଖେଳାଳି ରହିବା ବାଧ୍ୟତାମୂଳକ ହୋଇଛି। ଏଥିରେ ଜଣେ ଗ୍ରାଣ୍ଡ ମାଷ୍ଟର ଦୀପ୍ତାୟନ ଘୋଷ (ରେଟିଂ-୨୫୭୩-ନାଳନ୍ଦା ନାଇଟ୍ସ) ଖେଳୁଛନ୍ତି। ତାଙ୍କ ବ୍ୟତୀତ ୧୪ ଜଣ ଆଇଏମ୍ ବା ଇଣ୍ଟରନ୍ୟାସନାଲ ମାଷ୍ଟର, ୧୬ ଜଣ ମହିଳା ଖେଳାଳି ଅଛନ୍ତି। ଜଣେ ଖେଳାଳିଙ୍କୁ ରଖିବା ବାଧ୍ୟତାମୂଳକ ହୋଇଥିଲାବେଳେ ଏଲୋରା ଲାଇଟ୍‌ସ ସର୍ବାଧିକ ୩ଜଣ, ଅମ୍ବର ଆଭେଞ୍ଜର୍ସ ଓ ନାଳନ୍ଦା ନାଇଟ୍‌ସରେ ୨ଜଣ ଲେଖାଏଁ ମହିଳା ଖେଳାଳିଙ୍କୁ ସ୍ଥାନ ମିଳିଛି। ଦଳରେ ମୋଟ ୮ଜଣ ଖେଳାଳି ଥିଲାବେଳେ ୬ଜଣ ଖେଳାଳିଙ୍କୁ ଖେଳିବାର ସୁଯୋଗ ମିଳିବ।




ଜିଏମ୍ ଦୀପ୍ତାୟନ ଘୋଷଙ୍କ ଫିଡେ ରେଟିଂ ସର୍ବାଧିକ ୨୫୭୩ ଥିଲାବେଳେ ୪ଜଣ ଖେଳାଳିଙ୍କ ରେଟିଂ ୨୪୦୦ରୁ ଅଧିକ ରହିଛି। ସେମାନେ ହେଲେ ରବି ତେଜା, ଆରାଧ ଗର୍ଗ, ମୟଙ୍କ ଚୌଧୁରୀ ଓ ନୀତୀଶ ବେଲୁରକାର। ଓଡ଼ିଶାର ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର (ରେଟିଂ ୨୩୯୪- ରାଜଧାନୀ ଚ୍ୟାଲେଞ୍ଜର୍ସ), ଆଇଏମ୍ ସମ୍ବିତ ପଣ୍ଡା (ରେଟିଂ ୨୩୬୪- ମହାନଦୀ ଫାଲକନ୍ସ), ପ୍ରିଂଶ ଦାସ (ରେଟିଂ-୨୩୧୨) ଓ ଏଫ୍‌ଏମ୍ ସୌମ୍ୟରଞ୍ଜନ ମିଶ୍ର (ଅମ୍ବର ଆଭେଞ୍ଜର୍ସ), ରାଜ୍ୟ ମହିଳା ଚେସ୍ ଚାମ୍ପିଅନ ୟଶିତା ରାଉତ (କୋଣାର୍କ କିଙ୍ଗ୍‌ସ) ଓ ସିଏମ୍ ଅପରାଜିତତା ଗୋଛିକାର (ଅମ୍ବର ଆଭେଞ୍ଜର୍ସ) ରହିଛନ୍ତି। ଟୁର୍ଣ୍ଣାମେଣ୍ଟର ହାରାହାରି ରେଟିଂ ୧୭୭୧ ଥିଲାବେଳେ ଚୋଲା ଚାମ୍ପିଅନ୍ସର ଟିମ୍ ରେଟିଂ ସର୍ବାଧିକ ୨୨୭୦ ରହିଛି। ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳିଙ୍କ ହାରହାରି ବୟସ ୨୧ ରହିଛି। ଏହି ଟୁର୍ଣ୍ଣାମେଣ୍ଟ ଓଡ଼ିଶାର ପେସାଦାର ଚେସ୍‌ରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଏଓସିଏ ସମ୍ପାଦକ ଦେବବ୍ରତ ଭଟ୍ଟ କହିଛନ୍ତି। ଭଟ୍ଟ ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ମଧ୍ୟ ରହିଛନ୍ତି। ଆଇଏ ସୁରେଶ ଚନ୍ଦ୍ର ସାହୁ ଚିଫ୍ ଆର୍ବିଟର ଓ ଆଇଏ ତାପସ କୁମାର ମହାନ୍ତି ଡେପୁଟି ଚିଫ୍ ଆର୍ବିଟର ଭାବେ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS